୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.26 . No.87 Bhubaneswar Sunday May 12 2024 | ୨୬ତମ ବର୍ଷ ସଂଖ୍ୟା–୮୭ ଭୁବନେଶ୍ୱର, ରବିବାର, ମଇ ୧୨, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS

# ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ୍ କଲେ ପ୍ରଧାନମନ୍ତ୍ରୀ

## ଚଣ୍ଡିଖୋଲ ସଭାରେ ପ୍ରଧାନମନ୍ତ୍ରୀ କହିଥିଲେ ... ଭାରତର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ହେଉଛନ୍ତି ଶ୍ରୀମାନ ନବୀନ ପଟ୍ଟନାୟକ



ଭୁବନେଶ୍ୱର:୧୧/୦୫(ପି.ଏନ); ଆଜି ଫୁଲବାଣୀ ବିଜୟ ସଂକଳ୍ପ ସମାବେଶରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସିଧାସଳଖ ନିଶାନା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ନବୀନ ବାବୁଙ୍କୁ ମୁଁ ଆଜି ଏକ ଚାଲେଂଜ ଦେଉଛି। ନବୀନ ବାବୁଙ୍କୁ କାଗଜ ଖଣ୍ଡେ ଧରାଇ ଛିଡ଼ା କରାଯାଉ। ନବୀନ ବାବୁଙ୍କୁ ବିନା କାଗଜରେ ଜିଲ୍ଲା ଓ ଜିଲ୍ଲା ମୁଖ୍ୟାଳୟର ନାଁ ଲେଖିବାକୁ କୁହାଯାଉ। ସେ ଲେଖିପାରିବେନି। ଯିଏ ନିଜ ଜିଲ୍ଲାର ନାଆଁ ଜାଣିନାହାନ୍ତି। ସେଭଳି ମୁଖ୍ୟମନ୍ତ୍ରୀ କିପରି ଆପଣଙ୍କର ଦୁଃଖ ବୁଝିପାରିବେ? ଏଣୁ ୫ ବର୍ଷ ସମୟ ଦିଅନ୍ତୁ, ଓଡ଼ିଶାକୁ ନମ୍ବର ୱାନ୍ କରିବୁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହୁରି କହିଛନ୍ତି, ଶ୍ରୀମନ୍ଦିର ରତ୍ନଭଣ୍ଡାର ମୂଲ୍ୟାଙ୍କନ ୪୫ ବର୍ଷ ତଳେ ହୋଇଥିଲା। ଜଗନ୍ନାଥ ମନ୍ଦିର ରତ୍ନଭଣ୍ଡାର ଚାବି ଗଲା ୬ ବର୍ଷ ହେଲାଣି ମିଳୁନି। ଏଭଳି ଅମୂଲ୍ୟ ଭଣ୍ଡାରର ଚାବି ବି ସମ୍ଭାଳି ପାରୁନାହାନ୍ତି ରାଜ୍ୟ ସରକାର। ଚାବି ହଜିବା ଠାରୁ ଡୁପ୍ଲିକେଟ ଚାବି ଅଧିକ ଗମ୍ଭୀର ବିଷୟ। ଏଥିପାଇଁ କମିଶନ ବସିଲା, କମିଶନ ରିପୋର୍ଟ ସାର୍ବଜନୀନ ହେଲାନି। ନବୀନ ବାବୁଙ୍କ ସରକାର ଏ ବିଷୟକୁ ନେଇ କାହିଁକି ଭୀତତ୍ରସ୍ତ। ରାଜ୍ୟ ସରକାର କାହା ପାପକୁ ଘୋଡ଼ାଇବାକୁ ଚେଷ୍ଟା କରୁଛି।ଗୁଜରାଟ ପାଖରେ ଯେଉଁ ସାମର୍ଥ୍ୟ ଅଛି, ତା'ଠାରୁ ୧୦୦ ଗୁଣା ସାମର୍ଥ୍ୟ ଓଡ଼ିଶାର ଅଛି। ଗୁଜରାଟ ଆଗେଇ ଗଲା, କିନ୍ତୁ ଓଡ଼ିଶା କାହିଁକି ପଛରେ ରହିଗଲା? ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଶ୍ନ କରିଛନ୍ତି।

ଅନ୍ୟପକ୍ଷରେ ବଲାଙ୍ଗୀର ଠାରେ ଏଠାକାର ଭିଡ଼ ଦେଖି ଲାଗି ଲାଗୁଛି ଓଡ଼ିଶାରେ ବିଜେଡି ସରକାରର କାଉଣ୍ଟଡାଉନ୍ ଆରମ୍ଭ ହୋଇସାରିଛି। ଏଠି ମା ଭଉଣୀଙ୍କୁ ଦେଖି ବିଜେଡିର ଦଶା ସ୍ପଷ୍ଟ ବାରି ହୋଇପଡୁଛିଫ ଓଡ଼ିଶାରେ ପ୍ରଥମ ଥର ହେବ ଡବଲ ଇଞ୍ଜିନ୍ ସରକାର। ଏଠାକାର ବିଜେଡି ସରକାର ଗରିବୀ ହଟାଇବାପାଇଁ କେ?ଣସି ପଦକ୍ଷେପ ନେଇନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବଲାଙ୍ଗୀର ସହର ଉପକଣ୍ଠ ପଥରଚେପାଠାରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ସମ୍ବୋଧନ କରି ଏହା କହିଛନ୍ତି। ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ଆଜି ଓଡ଼ିଆ ସଂସ୍କୃତି ସଙ୍କଟରେ। କେମିତି ଓଡ଼ିଆ ଅସ୍ମିତା ବଞ୍ଚିବ। ଏଠାକାର ମହାପୁରୁଷମାନେ ଓଡ଼ିଶାର ଏଭଳି ଅବସ୍ଥା ଦେଖି କଣ ଭାବୁଥିବେ। ଏଣୁ ବିଜେପି ଓଡ଼ିଆ ଅସ୍ମିତାକୁ ରକ୍ଷା କରିବାକୁ ସଂକଳ୍ପବଦ୍ଧ। ଜୁନ୍ ୪ ତାରିଖ ହେଉଛି ବିଜେଡିର ଏକ୍ସପାରି ଡେଟ୍। ଜୁନ୍ ୧୦ ତାରିଖରେ ଭୁବନେଶ୍ୱରରେ ବିଜେପିର ମୁଖ୍ୟମନ୍ତ୍ରୀ ଶପଥ ଗ୍ରହଣ କରିବେ। ଯିଏ ଓଡ଼ିଶା ମାଟିରେ ଜନ୍ମ ନେଇଥିବ, ଯିଏ ଏଠାକାର ସଂସ୍କୃତି ବିଷୟରେ ଜାଣିଥିବା। ଏହା ହେଉଛି ମୋଦୀ ଗ୍ୟାରେଣ୍ଟି।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହୁରି କହିଛନ୍ତି, ଏଠାକାର ମୁଖ୍ୟମନ୍ତ୍ରୀ ଆପଣଙ୍କ କ୍ଷମତା କି ସାମର୍ଥ୍ୟ ବିଷୟରେ ଜାଣିନାହାନ୍ତି। ନବୀନ ବାବୁ ବିନା କାଗଜ ଧରି କଣ୍ଟାବାଞ୍ଜିର ୧୦ଟା ଗାଁର ନାମ କହିପାରିବେନି। ଓଡ଼ିଶାରେଏଥର ଡବଲ ଇଞ୍ଜିନ ସରକାର। ମୁଖ୍ୟମନ୍ତ୍ରୀଙ୍କୁ ବାଣ ବାଜା ବଜାଇ ବିଦା କରନ୍ତୁ। ବିଜେଡିର ନେତାମାନେ ଧନୀ ହୋଇଗଲେଣି। କିନ୍ତୁ ଏଠାକାର ଲୋକେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି।ଓଡ଼ିଶା ଗରିବ ମା' ଭଉଣୀଙ୍କ ଜମା ଖାତାକୁ କେନ୍ଦ୍ର ସରକାର ୬ ହଜାର ଟଙ୍କା ଦେବାକୁ ଚାହୁଁଛି। ହେଲେ ଓଡ଼ିଶା ସରକାର ସେ ଟଙ୍କାରୁ ମହିଳାମାନଙ୍କୁ ବଞ୍ଚିତ କରୁଛନ୍ତି। ଏଭଳି ସରକାର ଓଡ଼ିଶାରେ ରହିବା ଉଚିତ ନୁହେଁ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ସେ ଆହୁରି କହିଛନ୍ତି, ଓଡ଼ିଆ କଳାସଂସ୍କୃତିର ସେବା କରୁଥିବା ୪ ଓଡ଼ିଆଙ୍କୁ ପଦ୍ମଶ୍ରୀ ଦିଆଯାଇଛି। କୋଣାର୍କ ସୂର୍ଯ୍ୟମନ୍ଦିର ଚକ୍ରକୁ ଜି–୨୦ର ସିମ୍ବଲ କରାଯାଇଥିଲା। ଆମ ସରକାର ପାଇକ ସଂଗ୍ରାମକୁ ସ୍ୱୀକୃତି ଦେଇ ଡାକଟିକେଟ କରିଛି।

## ଯେତେ ଭାଷଣ ଦେଲେବି ଜନତାଙ୍କ ହୃଦୟରେ ସବୁବେଳେ ନବୀନ: କାର୍ତ୍ତିକ ପାଣ୍ଡିଆନ



ଭୁବନେଶ୍ୱର: ୧୧/୦୫(ପି.ଏନ); ଯେତେ ଭାଷଣ ଦେଲେ ବି ଆମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଲୋକଙ୍କ ହୃଦୟରୁ ଦୂର କରିପାରିବେ ନାହିଁ। ଆମ ମୁଖ୍ୟମନ୍ତ୍ରୀ ୩୩ ପ୍ରତିଶତ ସଂରକ୍ଷଣ ମହିଳାଙ୍କୁ ଦେଇଛନ୍ତି । ମିଶନ ଶକ୍ତି ଜରିଆରେ ୧୦ ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଦେଇଛନ୍ତି । ଡବଲ ଇଂଜିନ ସରକାର ଆୟୁଷ୍ମାନ ଭାରତ ବାବଦରେ ଡିଣ୍ଡିମା ପିଟୁଛନ୍ତି। ତା'ର ବଜେଟ୍ ପୁରା ଭାରତ ପାଇଁ ୬ ହଜାର କୋଟି ଟଙ୍କା। ଓଡ଼ିଶାର ଭାଗ ପଡିବ ୩ଶହ କୋଟି ଟଙ୍କା ବର୍ଷକୁ। ବିଏସକେୱାଇରେ ସରକାର ପ୍ରତିମାସରେ ଓଡ଼ିଶା ପାଇଁ ଖର୍ଚ୍ଚ କରୁଛନ୍ତି ୩ଶହ କୋଟି ଟଙ୍କା ।ବୀରମିତ୍ରପୁରରେ ଆୟୋଜିତ ଜନସଭାରେ ମୋଦିଙ୍କୁ ପ୍ରଶ୍ନ କରିଛନ୍ତି ପାଣ୍ଡିଆନ। କେନ୍ଦ୍ର ସରକାର କେତେ ବ୍ୟାଙ୍କ ଖୋଲିଛନ୍ତି ? ରାଜ୍ୟ ସରକାର ପ୍ରତି ଗାଁରେ ବ୍ୟାଙ୍କ ଖୋଲିଛନ୍ତି। କୋଷ୍ଟାଲ ହାଇୱେ କାହିଁକି ହୋଇପାରିନାହିଁ । ସୁନ୍ଦରଗଡ଼ ପୁରା ଦେଶକୁ କୋଇଲା ଦେଉଛି । କିନ୍ତୁ ଆମେ ଟଙ୍କା ବଦଳରେ ପ୍ରଦୂଷଣ ପାଉଛୁ । ଆମେ ରୟାଲିଟି ପାଇଁ ଅନୁରୋଧ କରି ଥକିଗଲିଣୁ । ଯଦି ରୟାଲିଟି ଅଧିକା ମିଳିଥାନ୍ତା ତେବେ ଓଡ଼ିଶା ୫ ଲକ୍ଷ କୋଟି ଅଧିକ ପାଇଥାନ୍ତା। କଟକ–ସମ୍ବଲପୁର ରାସ୍ତା ହେଉଛି ଭାରତରେ ସବୁଠାରୁ ଖରାପ ରାସ୍ତା। ଏହି ରାସ୍ତାକୁ ଡବଲ ଇଂଜିନ ସରକାର ଗଲା ୧୦ ବର୍ଷ ହେଲା କରୁଛନ୍ତି। ରାଜ୍ୟ ସରକାର ୩ ବର୍ଷରେ ବିଜୁ ଏକ୍ସପ୍ରେସୱେ କରିଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ୫ଟି ଅଧ୍ୟକ୍ଷ।

## କୋରାପୁଟରେ ୧୪୪ ଧାରା ଜାରିକଲେ ଜିଲାପାଳ

ଭୂବନେଶ୍ୱର :୧୧/୫(ପି.ଏନ); ଆସନ୍ତା ୧୩ ତାରିଖରେ ହେବାକୁ ଥିବା ସାଧାରଣ ନିର୍ବାଚନ ନିମନ୍ତେ ଶନିବାର ସନ୍ଧ୍ୟା ୬ଟାରୁ କୋରାପୁଟ ଜିଲା ବ୍ୟାପି ୧୪୪ ଧାରା ଜାରି କରିଛନ୍ତି କୋରାପୁଟ ଜିଲାପାଳ। ଶନିବାର କୋରାପୁଟ ଜିଲାପାଳ ପତ୍ରସଂଖ୍ୟା ୨୪୦୨/୧୧.୫.୨୪ ଜରିଆରେ ଏହି ୧୪୪ ଧାରା ଜାରି କରାଯାଇଛି।ନିର୍ବାଚନ କମିଶନଙ୍କ ଗାଇଡ୍?ଲାଇନ୍? ଅନୁଯାୟୀ, ନିର୍ବାଚନର ୪୮ ଘଣ୍ଟା ପୂର୍ବରୁ ଏହା ଲାଗୁ କରାଯାଇଛି। ବର୍ତ୍ତମାନ ଜିଲାର କୌଣସି ସ୍ଥାନରେ ଲୋକଙ୍କ ଜମା ନ ହେବା, ମାଇକ୍? ପ୍ରଚାର, ବୈଠକ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇଛି। କୌଣସି ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର ପାଇଁ ପୂର୍ବରୁ ଆସିଥିବା ବାହାର ଜିଲାର ସମର୍ଥକ ଓ ଅନ୍ୟ କୌଣସି ବ୍ୟକ୍ତିମାନେ ତୁରନ୍ତ କୋରାପୁଟ ଜିଲା ଛାଡ଼ିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ମତଦାନ କେନ୍ଦ୍ରର ୧୦୦ ମିଟର ପରିସରରେ ମୋବାଇଲ ବାରଣ କରାଯାଇଛି। କୋରାପୁଟ ଜିଲାର ଲକ୍ଷ୍ମୀପୁର ଓ ପଟ୍ଟାଙ୍ଗି ବିଧାନସଭା ମଣ୍ଡଳୀ ପାଇଁ ଶନିବାର ଅପରାହ୍ନ ୪ଟାରୁ ଏହି ନିର୍ଦ୍ଦେଶନାମା ଲାଗୁ କରାଯାଇଥିବା ବେଳେ କୋରାପୁଟ ଓ କୋଟପାଡ଼ ନିର୍ବାଚନ ମଣ୍ଡଳୀ ପାଇଁ ସନ୍ଧ୍ୟା ୫ଟା ଓ ଜୟପୁର ନିର୍ବାଚନ ମଣ୍ଡଳୀ ପାଇଁ ସନ୍ଧ୍ୟା ୫ଟାରୁ ଏହି ୧୪୪ ଧାରା ଲାଗୁ କରାଯାଇଥିବା ଜିଲାପାଳ ଭି. କୀର୍ତ୍ତି ଭାସନ ପ୍ରକାଶ କରିଛନ୍ତି। ଏହି ନିର୍ଦ୍ଦେଶନାମା ୧୪ ତାରିଖ ଯାଏ ଲାଗୁ ରହିବ ବୋଲି କୁହାଯାଇଛି। ଏହି ନିର୍ଦ୍ଦେଶନାମା କଡ଼ାକଡ଼ି ଲାଗୁ କରିବା ପାଇଁ ଜିଲାର ଉପଜିଲାପାଳ, ତହସିଲଦାର, ବିଡିଓ, ସହରାଞ୍ଚଳ ସମସ୍ତ ନିର୍ବାହୀ ଅଧିକାରୀ ଜିଲାପାଳ ନିର୍ଦ୍ଦେଶ ଦେଇଥିବା ସେ ସୂଚନା ଦେଇଛନ୍ତି।

## ଏକଛତ୍ରବାଦ ବିରୋଧରେ ଲଢ଼େଇ ଜାରି ରହିବ: କେଜ୍‌ରିୱାଲ

ନୂଆଦିଲ୍ଲୀ,୧୧।୫(ପି.ଏନି): ସୁପ୍ରିମକୋର୍ଟ ଶୁକ୍ରବାର ଅନ୍ତରୀଣ ଜାମିନ ପ୍ରଦାନ କରିବାର କିଛି ଘଣ୍ଟା ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ତିହାର ଜେଲରୁ ମୁକୁଳିଛନ୍ତି। ସେ ଭଗବାନ ହନୁମାନଙ୍କୁ ଧନ୍ୟବାଦ ଜଣାଇବା ସହ ଏକଛତ୍ରବାଦ ବିରୋଧରେ ଲଢ଼େଇ ପାଇଁ ଜନସାଧାରଣଙ୍କ ସମର୍ଥନ ଲୋଡ଼ିଛନ୍ତି। ଲୋକ ସଭା ନିର୍ବାଚନରେ ପ୍ରଚାର ନିମନ୍ତେ କେଜ୍?ରିୱାଲଙ୍କୁ ସର୍ବୋଚ୍ଚ ଅଦାଲତ ଜୁନ୍? ୧ ପର୍ଯ୍ୟନ୍ତ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଜେଲରେ ବାହାରିବା ବେଳେ ଆମ୍? ଆଦ୍?ମୀ ପାର୍ଟିର ନେତା ଓ କର୍ମୀମାନେ ଢୋଲ ବଜାଇ ଓ ସ୍ଲୋଗାନ ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ଏକ କା?ର ସନ୍?ରୁଫ୍?ରେ ଛିଡ଼ାହୋଇ ସେ ଦଳୀୟ କର୍ମୀ ଓ ସମର୍ଥକମାନଙ୍କୁ ସମ୍ବୋଧିତ କରିଥିଲେ। ଭାରତ ମାତା କୀ ଜୟ, ଇନ୍?କିଲାବ ଜିନ୍ଦାବାଦ ସ୍ଲୋଗାନ ଦେଇ କେଜ୍?ରିୱାଲ କହିଥିଲେ, ଏକଛତ୍ରବାଦ ବିରୋଧରେ ସେ ତାଙ୍କର ସବୁ ଶକ୍ତି ଲଗାଇ ଲଢୁଛନ୍ତି। ଏହା ବିରୋଧରେ ଲଢ଼ିବା ପାଇଁ ୧୪୦ କୋଟି ଦେଶବାସୀ ଏକାଠି ଆଗେଇ ଆସିବାକୁ ହେବ ବୋଲି ସେ କହିଛନ୍ତି। ଶନିବାର ସକାଳେ ସେ ହନୁମାନ ମନ୍ଦିର ଦର୍ଶନ କରିବା ପରେ ଅପରାହ୍ନ ୧ଟା ବେଳେ ଖବରଦାତା ସମ୍ମିଳନୀକୁ ସମ୍ବୋଧନ କରିବେ। ଭଗବାନ ହନୁମାନଙ୍କ ଆଶୀର୍ବାଦରୁ ମୁଁ ଆପଣମାନଙ୍କ ଗହଣକୁ ଫେରିଆସିଛି। ଜନସାଧାରଣଙ୍କ ଭଲପାଇବା ଓ ଆଶୀର୍ବାଦ ପାଇଁ ସେ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।



## ସୋମବାର ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ଭୋଟ୍

ଭୁବନେଶ୍ୱର :୧୧।୫(ପି.ଏନ); ରାଜ୍ୟର ଆସନ୍ତା ସୋମବାର ଦିନ ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ମତଗ୍ରହଣ ପାଇଁ ପ୍ରଚାର କାର୍ଯ୍ୟ ଶନିବାର ଅପରାହ୍ନ ୫ଟାରେ ଶେଷ ହୋଇଛି। ଏହି ପର୍ଯ୍ୟାୟରେ ୪ଟି ଲୋକ ସଭା ଏବଂ ଏହା ଅନ୍ତର୍ଗତ ୨୮ଟି ବିଧାନସଭା ଆସନ ପାଇଁ ଭୋଟ୍ ଗ୍ରହଣ ଅନୁଷ୍ଠିତ ହେବ।



କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଏବଂ କୋରାପୁଟ୍ ସଂସଦୀୟ କ୍ଷେତ୍ର ପାଇଁ ୩୭ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି। ସେମାନଙ୍କ ମଧ୍ୟରେ ୩୦ଜଣ ପୁରୁଷ ଏବଂ ୭ ଜଣ ମହିଳା ପ୍ରାର୍ଥୀ ରହିଛନ୍ତି। କୋରାପୁଟ, କଳାହାଣ୍ଡି ଏବଂ ବ୍ରହ୍ମପୁର ଲୋକସଭା ଆସନ ପାଇଁ ୧୧ ଜଣ ଲେଖାଏଁ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଥିବାବେଳେ ନବରଙ୍ଗପୁର ଲୋକସଭା ଆସନ ପାଇଁ ୪ ଜଣ ପ୍ରାର୍ଥୀ ନିଜର ରାଜନୈତିକ ଭାଗ୍ୟ ପରୀକ୍ଷା କରୁଛନ୍ତି। ୨୮ଟି ବିଧାନସଭା ଆସନ ପାଇଁ ୨୪୩ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅଛନ୍ତି। ୪ଟି ଲୋକ ସଭା କ୍ଷେତ୍ରରେ ମୋଟ୍??୬୨ ଲକ୍ଷ ୮୭ ହଜାର ୨୨୨ ଜଣ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ। ଏଥିପାଇଁ ୭ ହଜାର ୨୮୯ଟି ଏବଂ ୧୪ଟି ଅତିରିକ୍ତ ବୁଥ୍ ପ୍ରସ୍ତୁତ କରାଯାଇଛି। ମତଦାତାଙ୍କ ମଧ୍ୟରେ ୩୦ ଲକ୍ଷ ୯୭ ହଜାର ୫୨୭ ଜଣ ପୁରୁଷ, ୩୧ ଲକ୍ଷ ୮୯ ହଜାର ୬୦ ଜଣ ମହିଳା ଏବଂ ୬୩୫ ଜଣ ତୃତୀୟ ଲିଙ୍ଗୀ ମତଦାତା ଅଛନ୍ତି ମତଦାତା ଲିଙ୍ଗ ଅନୁପାତ ୧୦୩୦ ରହିଛି। ୭୩୦୩ ମତଦାନ କେନ୍ଦ୍ର ମଧ୍ୟରୁ ୭୪୮ଟି ସହରାଞ୍ଚଳ ଓ ୬୫୫୫ଟି ଗ୍ରାମାଞ୍ଚଳରେ ରହିଛି। ଏହା ମଧ୍ୟରେ 'ସଂପୂର୍ଣ୍ଣ ରୂପେ ମହିଳା କର୍ମଚାରୀ ପରିଚାଳିତ ମତଦାନ କେନ୍ଦ୍ର', 'ସଂପୂର୍ଣ୍ଣ ରୂପେ ଭିନ୍ନକ୍ଷମ କର୍ମଚାରୀ ପରିଚାଳିତ ମତଦାନ କେନ୍ଦ୍ର' ଏବଂ 'ସଂପୂର୍ଣ ରୂପେ ଯୁବ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ମତଦାନ କେନ୍ଦ୍ର' ରହିଛି।

## ନବୀନଙ୍କ ପଲାଭାରି







ମୁରିବାହାଲ, ୧୧/୫(ପି.ଏନ) : ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିଦ୍ୱନ୍ଦିତା କରୁଥିବା ଯୋଗୁଁ ଏକ ବହୁ ଚର୍ଚ୍ଚିତ ବିଧାନସଭା ଆସନରେ ପରିଣତ ହୋଇଥିବା ବଲାଙ୍ଗିର ଜିଲ୍ଲାର ୭୦ନମ୍ବର କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନପରେ ମୁଖ୍ୟମନ୍ତ୍ରୀଙ୍କ ସମେତ ମୋଟ ୧୧ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା ପାଇଁ ମଇଦାନରେ ରହିଥିବା ଜଣାପଡିଛି।କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ପାଇଁ ରିଟରନିଙ୍ଗ ଅଧିକାରୀ ଦାୟିତ୍ୱରେ ଥିବା ବଲାଙ୍ଗିର ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରାଙ୍କ ସୁଚନା ଅନୁସାରେ ସ୍ୱୀକୃତିପ୍ରାପ୍ତ ଜାତୀୟ ଓ ରାଜ୍ୟସ୍ତରୀୟ ରାଜନୈତିକ ଦଳର ପ୍ରାର୍ଥୀ ରୂପେ ବିଜୁ ଜନତା ଦଳରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶଙ୍ଖ ଚିହ୍ନରେ,ଜାତୀୟ କଂଗ୍ରେସ ଦଳ ପକ୍ଷରୁ ବିଧାୟକ ସନ୍ତୋଷ ସିଂ ସାଲୁଜା ହାତ ଚିହ୍ନରେ ଓ ଭାରତୀୟ ଜନତା ପାର୍ଟି ପକ୍ଷରୁ ଲଗାତାର ତିନିଥର ପ୍ରତିଦ୍ୱନ୍ଦିତା କରୁଥିବା ଲକ୍ଷ୍ମଣ ବାଗ ପଦ୍ମଫୁଲ ଚିହ୍ନରେ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି ।ସେହିପରି ପଞ୍ଜୀକୃତ ରାଜନୈତିକ ଦଳର ପ୍ରାର୍ଥୀ ଭାବେ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକରୁ ଅଭିରାମ ଧରୁଆ ସିଂହ ଚିହ୍ନରେ, କୋଶଳ ମୁକ୍ତି ମୋର୍ଚ୍ଚାରୁ ଦେବେନ୍ଦ୍ର କୁମାର ଜୈନ ମାଠିଆ ଚିହ୍ନରେ, କମ୍ୟୁନିଷ୍ଟ ପାର୍ଟି ଅଫ ଇଣ୍ଡିଆରୁ ପାଣ୍ଡବ ଭୋଇ ଶସ୍ୟ କେଣ୍ଡା ଓ ଦା ଚିହ୍ନରେ, ଆମ୍ବେଦକରିଏଟ ପାର୍ଟି ଅଫ ଇଣ୍ଡିଆରୁ ସୁଦାମ କଲେତ କୋଟ ଚିହ୍ନରେ ଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ କମଳ କୁମାର ଛତ୍ରିଆ ଅଟୋରିକ୍ସା ଚିହ୍ନରେ, ସ୍ୱାଧୀନ ପ୍ରାର୍ଥୀ ଧନେଶ୍ୱର ମାଝୀ ରୋଡ ରୋଲର ଚିହ୍ନରେ, ସ୍ୱାଧୀନ ପ୍ରାର୍ଥୀ ସୁରଥ ବେହେରା ହୁଇସିଲ ଚିହ୍ନରେ ଓ ସ୍ୱାଧୀନ ପ୍ରାର୍ଥୀ ସୋହନ ସିପକା ହୀରା ଚିହ୍ନରେ ପ୍ରତିଦ୍ୱତିତା କରୁଛନ୍ତି। ତିନିଟି ପ୍ରମୁଖ ରାଜନୈତିକ ଦଳ ବ୍ଲକ ମୁଖ୍ୟାଳୟରେ ଏକରୁ ଅଧିକ ଦଳୀୟ କାର୍ଯ୍ୟାଳୟ ଖୋଲି ତୁହାକୁ ତୁହା କର୍ମୀ ସମ୍ମିଳନୀ ଓ ଗାଁକୁ ଗାଁ ବୁଲି ନିର୍ବାଚନ ପ୍ରଚାରକୁ ଜୋରଦାର ଭାବେ ଆରମ୍ଭ କରିଥିବା ଜଣାପଡିଛି। ସେହିପରି ଅନ୍ୟ ଦଳୀୟ ଓ ନିର୍ଦଳିୟ ପ୍ରାର୍ଥୀମାନେ ମଧ୍ୟ ସେମାନଙ୍କ ପ୍ରଚାରକୁ ପୋଷ୍ଟର,ବ୍ୟାନର, ଡ଼ାକବାଜି ଯନ୍ତ୍ର ସହ ଘରକୁ ଘର ବୁଲି ନିର୍ବାଚନ ମଣ୍ଡଳୀ ସାରା ପ୍ରଚାର ଆରମ୍ଭ କରିଥିବା ଦେଖିବାକୁ ମିଳିଛି ।ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ ବିଜେଡ଼ି ଦଳ ପକ୍ଷରୁ ବିଧାୟକ ପ୍ରାର୍ଥୀ ହୋଇଥିବାରୁ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମସ୍ତ ବରିଷ୍ଠ ଦଳୀୟ କର୍ମକର୍ତ୍ତା ଓ କର୍ମୀମାନେ ଦ୍ୱିଗୁଣିତ ଉତ୍ସାହରେ ପ୍ରଚାର ପ୍ରସାର କରୁଥିବା ଦେଖିବାକୁ ମିଳିଛି ।ମୁଖ୍ୟମନ୍ତ୍ରୀଙ୍କୁ ଏଠାରୁ ରେକର୍ଡ ସଂଖ୍ୟକ ଭୋଟ ବ୍ୟବଧାନରେ ବିଜୟୀ କରିବାକୁ ବିଜେଡ଼ି ଦଳୀୟ ପର୍ଯ୍ୟବେକ୍ଷକ,ସଂଯୋଜକ ଓ ପଦାଧିକାରୀମାନେ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଥିବା ବେଳେ ବିଗତ ଦୀର୍ଘ ବର୍ଷ ଧରି ଜାରି ରହିଥିବା ବିଭିନ୍ନ ସରକାରୀ ଯୋଜନାର ସଫଳତାକୁ ପାଥେୟ କରି ନିର୍ବାଚନ ପ୍ରଚାରକୁ ଜୋରଦାର କରୁଥିବା ଦେଖିବାକୁ ମିଳିଛି ।ନିଜେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀପତ୍ର ଦାଖଲର ଦଶ ଦିନ ପରେ ବ୍ୟକ୍ତିଗତ ଭାବେ ଆଜି ରବିବାର ପ୍ରଥମ କରି ବ୍ଲକକୁ ନିର୍ବାଚନ ପ୍ରଚାରରେ ଆସି ଗାଁରେଇରେ ଏକ ନିର୍ବାଚନ ସଭାରେ ଉଦବୋଧନ ଦେବେ ।ସେହିପରି ବର୍ତ୍ତମାନର ବିଧାୟକ ତଥା କଂଗ୍ରେସ ପ୍ରାର୍ଥୀ ସନ୍ତୋଷ ସିଂ ସାଲୁଜା ମଧ୍ୟ ବିଭିନ୍ନ ସ୍ଥାନରେ ଦଳୀୟ କର୍ମୀ ସମ୍ମିଳନୀ ଓ ଘରକୁ ଘର ବୁଲି ବିଗତ ଦିନ ଗୁଡିକରେ ସେ କରିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକର ତଥ୍ୟ ପ୍ରଦାନ କରି ଭୋଟରଙ୍କୁ ନିଜ ପଟକୁ ଆକୃଷ୍ଟ କରୁଛନ୍ତି ।ସେହିପରି ଗତ ନିର୍ବାଚନରେ ମାତ୍ର ୧୨୮ଭୋଟରେ ପରାଜିତ ବିଜେପି ପ୍ରାର୍ଥୀ ଲକ୍ଷ୍ମଣ ବାଗ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିଭିନ୍ନ ଯୁଗାନ୍ତକାରୀ ପଦକ୍ଷେପ ଓ ଲୋକଙ୍କ ପାଇଁ ଜନ କଲ୍ୟାଣକାରୀ ଯୋଜନାର ସଫଳତାକୁ ନେଇ ଓଡ଼ିଶାରେ ଡବଲ ଇଞ୍ଜିନ ସରକାରଙ୍କ ନାରା ଦେଇ ଭୋଟ ପ୍ରଚାରକୁ ଅଧିକ ଶାଣିତ କରି ଜୋରଦାର କରିଥିବା ଜଣାପଡିଛି ।ବିଧାୟକ ପ୍ରାର୍ଥୀମାନଙ୍କ ସହ ବିଭିନ୍ନ ଦଳର ସାଂସଦ ପ୍ରାର୍ଥୀମାନେ ମଧ୍ୟ ଆସି ଗାଁ ଗାଁରେ ପ୍ରଚାର ପ୍ରସାର କରୁଥିବା ଦେଖିବାକୁ ମିଳିଛି । ଆଗାମୀ ଦିନଗୁଡିକରେ ନିର୍ବାଚନ ପ୍ରଚାର ଆହୁରି ଜୋରଦାର ହେବାକୁ ଥିବା ବେଳେ ସାଧାରଣ ଭୋଟରଙ୍କୁ ଆକୃଷ୍ଟ କରିବାକୁ ଦଳୀୟ ନେତା ଓ କର୍ମୀମାନେ ଗାଁ ମୁହାଁ ହେବେ ।ସେହିପରି ଗ୍ରାମର ଭୋଟରମାନେ ମଧ୍ୟ ବିଭିନ୍ନ ପ୍ରକାରର ସମସ୍ୟା ସମ୍ପର୍କରେ ନେତାମାନଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସଜବାଜ ହେଉଥିବା ଦେଖିବାକୁ ମିଳିଛି ।ଆସନ୍ତା ୨୦ତାରିଖ ଦିନ ଏଠାରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ ଜୁନ ୪ତାରିଖ ଦିନ ଭୋଟ ଗଣତି ପରେ କିଏ ଜିତିବ କିଏ ହାରିବ ଏହାର ପ୍ରକୃତ ଚିତ୍ର ସ୍ପଷ୍ଟ ଭାବରେ ଜଣାପଡିବ।






# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ।

## ୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର। ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍। କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ। ସୁନାରେ ପ୍ରସ୍ତୁତ ଚକୋଲେଟ୍। ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ଓ୍ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ଭୂତଙ୍କ ମେଳା



ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଇ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ। ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି। କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ। ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ। ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି। ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଶଂଜ କରିଥାନ୍ତି। ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି।

## ପୁରାଣ କାହାଣୀ

# ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ। ଏଭଳି ପରିସ୍ଥିତିରେ କାର୍ତ୍ତବିର୍ଯ୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ। ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ। ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ। ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ। ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

## ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ



ବେଜିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳୀଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି। ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି।

## ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟରଦ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ



ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷୀୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ। ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି।

## ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି। ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି। ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।

## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋକି ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

## କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାଚ୍ ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ



ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ। ହଂକଂ ୟୁନିଭରସିଟିର ସହାୟକ ପ୍ରଫେସର ଡା. ଶିୟାଂଗ୍ସ ଝାଂଗଙ୍କ ଅନୁସାରେ ଖାଦ୍ୟ ବନାଇବା ସମୟରେ ସୃଷ୍ଟି ହେଉଥିବା ଆଇ-ଡିବିପି ପର୍ଯ୍ୟାବରଣୀୟ ରସାୟନବିଦ୍ ଓ ଇଞ୍ଜିନିୟର ମାନଙ୍କ ପାଇଁ ସମ୍ପୂର୍ଣ୍ଣ ନୂଆ। ତେଣୁ ଗବେଷକମାନେ ବିଭିନ୍ନ ପାଇପ ପାଣିକୁ ବିଭିନ୍ନ ତାପମାତ୍ରାରେ ରଖି ସେଥିରେ ଆୟୋଡ଼ିନ୍ ଲୁଣ ମିଶାଇ ପରୀକ୍ଷା କରିଥିଲେ। ଅତି ଆଧୁନିକ ପ୍ରକ୍ରିୟା ବ୍ୟବହାର କରି ସେମାନେ ସେଥିରୁ ୧୪ ଅଣୁକୁ ଚିହ୍ନିପାରିଥିଲେ ଯାହା ୫୦-୨୦୦ଗୁଣା ଅଧିକ କ୍ଷତିକାରକ।

## ଅନିଦ୍ରାର କୁପ୍ରଭାବ



ନିଦ ନ ଆସିବାର ସମସ୍ୟାକୁ ଏକ ସାଧାରଣ କଥା ଭାବିବା ଉଚିତ୍ ନୁହେଁ। ଏଥିରେ ମସ୍ତିଷ୍କର କାର୍ଯ୍ୟକାରୀ ଶକ୍ତି କମ୍ ହେବାର ଆଶଙ୍କା ରହିଥାଏ। ଅକ୍ସଫୋର୍ଡ ୟୁନିଭରସିଟିର ରିସର୍ଚ୍ଚକର୍ତ୍ତାଙ୍କ ମତାନୁସାରେ ନିଦ ମସ୍ତିଷ୍କର ଘର ଜଗୁଆଳ ସଦୃଶ ଯାହା ମସ୍ତିଷ୍କର ମରାମତି କାର୍ଯ୍ୟ କତରିଥାଏ। ଏଥିପାଇଁ ରିସର୍ଚ୍ଚକର୍ତ୍ତାମାନେ ମସ୍ତିଷ୍କ ସହ ଅନିଦ୍ରାର କ'ଣ ସମ୍ପର୍କ ରହିଛି ତା'ଉପରେ ରିସର୍ଚ୍ଚ କରିଥିଲେ। ଅଧ୍ୟୟନରୁ ଜଣା ପଡ଼ିଥିଲା ନିଦ ନ ହେବା ଜଟିଳତା ଅଧିକାଂଶ ବୟସ୍କ ବ୍ୟକ୍ତିଙ୍କ ପାଖରେ ଦେଖାଯାଏ। ବୟସ୍କ ବ୍ୟକ୍ତିଙ୍କ ପାଇଁ ପ୍ରତିଦିନର ଆଠ ଘଣ୍ଟାର ପର୍ଯ୍ୟାପ୍ତ ନିଦ୍ରା ଜରୁରୀ। ଅନିଦ୍ରା ସମସ୍ୟାରେ ପୀଡ଼ିତ ଥିବା ବ୍ୟକ୍ତି ତାଙ୍କର ଖାଦ୍ୟପେୟକୁ ଧ୍ୟାନରେ ରଖିଲେ ଏହି ଅନିଦ୍ରା ସମସ୍ୟାରୁ ନିଜକୁ ବଞ୍ଚାଇପାରିବେ।




# ଦେଶରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ମଜଭୁତ ହେବାର ବେଳ

ଆମ ଦେଶରେ ଜନ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଅବସ୍ଥା ଅତି ଖରାପ ରହିଛି। ଏପରିକି ଅବସ୍ଥା ଦିନକୁ ଦିନ ଖରାପ ହୋଇ ଚାଲିଛି। ଜଣାପଡ଼ିଛି ଯେ, ୨୦୪୬ ଲୋକସଂଖ୍ୟାରେ ହସ୍ପିଟାଲରେ କେବଳ ଗୋଟିଏ ବେଡ୍ ମିଳିପାରୁଛି। ସେହିପରି ୯୦,୩୪୩ ଲୋକ ସଂଖ୍ୟାରେ ମାତ୍ର ଗୋଟିଏ ହସ୍ପିଟାଲ ଉପଲବ୍ଧ ହୋଇଥାଏ। ସେହିପରି ଦେଶର ୧୦ ଲକ୍ଷ ଡ଼ାକ୍ତରରେ ମାତ୍ର ୧୦ ଶତକଡ଼ା ସରକାରୀ ସ୍ୱାସ୍ଥ୍ୟସେବାରେ ଅଛନ୍ତି। ଆମ ହସ୍ପିଟାଲ ଗୁଡ଼ିକର ଅବସ୍ଥା କେତେ ଯେ, ଖରାପ, ତାହା ବର୍ଣ୍ଣନା କରିବାର ଆବଶ୍ୟକତା ନାହିଁ। ବାସ୍ତବତା ହେଲା, ଆମ ସରକାରୀ ଡ଼ାକ୍ତରଖାନାରେ ମଜଭୁତ ଭିତିଭୂମି, ଉପଯୁକ୍ତ ପରିଚାଳନା, ଆବଶ୍ୟକ ଦକ୍ଷ କର୍ମଚାରୀ ଓ ସଫା ସୁତୁରାରେ ବହୁ ପଛରେ ରହିଛି।

ଆମ ଦେଶର ଲୋକସଂଖ୍ୟାର ୨୨.୪ ଶତକଡ଼ା ଏବେ ବି ଗରୀବୀ ରେଖା ତଳେ ରହିଛନ୍ତି, ଯେଉଁମାନେ ସ୍ୱାସ୍ଥ୍ୟସେବା ପାଇଁ ସଂପୂର୍ଣ୍ଣ ଭାବେରେ ସରକାରଙ୍କ ଉପରେ ନିର୍ଭରଶୀଳ। ମାତ୍ର ସେମାନେ ସରକାରୀ ହସ୍ପିଟାଲରେ ଘୋର ଅବ୍ୟବସ୍ଥା ମଧ୍ୟରେ ରହୁଛନ୍ତି। ରୋଗୀ ମାନଙ୍କର ଉପଯୁକ୍ତ ଚିକିତ୍ସା ଓ ସେବା ପାଇଁ କାହାର ଦୃଷ୍ଟି ପଡୁନାହିଁ।

୨୦୧୭-୧୮ରେ ଭାରତ ନିଜ ଜିଡ଼ିପିର ୧.୨୮ ଶତକଡ଼ା ଖର୍ଚ୍ଚ କରିଥିବା ବେଳେ ୨୦୧୬-୧୭ରେ ୧.୦୨ ଶତକଡ଼ା ଥିଲା। ତେବେ ଅନ୍ୟାନ୍ୟ ଦେଶ ତୁଳନାରେ ଆମେ ସ୍ୱାସ୍ଥ୍ୟସେବା ବାବଦରେ



ବହୁ କମ୍ ଖର୍ଚ୍ଚ କରୁଛେ। ଆମେରିକା ତା'ର ଜିଡ଼ିପିର ୧୮ଶତକଡ଼ା ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବା ପାଇଁ ଖର୍ଚ୍ଚ କରୁଛି, ଯାହା ବାର୍ଷିକ ମୁଣ୍ଡପିଛା ୧୦,୦୦୦ ଡ଼ଲାର ଅଟେ। ଭାରତର ସ୍ୱାସ୍ଥ୍ୟ ବାବଦରେ ଖର୍ଚ୍ଚ ବ୍ରିକ୍ସ ଦେଶ ମାନଙ୍କଠାରୁ ମଧ୍ୟ କମ୍ ରହିଛି। ତେବେ ଭାରତର ବର୍ତମାନ ସରକାର ପ୍ରତିଶ୍ରୁତି ଦେଇଛନ୍ତି ଯେ, ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବା ପାଇଁ ୨୦୨୫ ମଧ୍ୟରେ ଦେଶର ଜିଡ଼ିପିର ୨.୫ ପ୍ରତିଶତ ଖର୍ଚ୍ଚ କରାଯିବ। ମାତ୍ର ଏହା ମଧ୍ୟ ଅଧିକ କିଛି ନୁହେଁ।

୨୦୧୩-୧୪ରେ କରାଯାଇଥିବା ସର୍ଭେ (ଏନ୍.ଏସ୍.ଏସ୍.ଓ) ଅନୁଯାୟୀ ଭାରତରେ ୩୬ ମିଲିୟନ ପରିବାର ସବୁଠୁ ମାରାତ୍ମକ ରୋଗ ପାଇଁ ଖର୍ଚ୍ଚ କରନ୍ତି। ଏମାନଙ୍କ ମଧ୍ୟରେ ୨୫ ମିଲିୟନ ପରିବାର ଗ୍ରାମାଂଚଳର ଏବଂ ୧୧ ମିଲିୟନ ସହରାଂଚଳର। ଆମ ଆଶ୍ଚର୍ଯ୍ୟର କଥା ଯେ, ଆମ ଦେଶର ୩୯ ଶତକଡ଼ା ଗରୀବ ଲୋକଙ୍କୁ କୌଣସି ପ୍ରକାର ଡ଼ାକ୍ତରଖାନାର ସୁବିଧା ମିଳେନାହିଁ। ଏହାର ଅର୍ଥ ଆମ ଦେଶର ଏକ-ତୃତୀୟାଂଶ ଲୋକେ ସରକାରୀ ସ୍ୱାସ୍ଥ୍ୟ ସେବାରୁ ବଂଚିତ ରହୁଛନ୍ତି।

ଅବଶ୍ୟ ଆମ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ମଜଭୁତ କରାଗଲେ, ଏଭଳି ଅବସ୍ଥାକୁ ଏଡ଼ାଇ ଦିଆଯାଇ ପାରିବ। ତେବେ ମଜଭୁତ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ହୋଇପାରୁ ନଥିବାରୁ ଲୋକମାନଙ୍କୁ ଘରୋଇ ହସ୍ପିଟାଲର ସାହାରା ନେବାକୁ ପଡୁଛି, ଯାହା ଏତେ ମହଙ୍ଗା ଯେ, ଲୋକେ ସର୍ବସ୍ୱାନ୍ତ ହୋଇ ଯାଉଛନ୍ତି।

ଏହି ସମସ୍ୟାର ସମାଧାନ ପାଇଁ ମୁଖ୍ୟତଃ ସରକାର ଏ ବାବଦରେ ଅଧିକ ବ୍ୟୟବରାଦ କରିବାର ଆବଶ୍ୟକତା ରହିଛି। ସରକାରୀ ସ୍ୱାସ୍ଥ୍ୟ ଭିତିମୂମିରେ ଏଭଳି ପରିବର୍ତ୍ତନ କରାଯିବା ଉଚିତ, ଯେମିତି ସ୍ୱାସ୍ଥ୍ୟସେବା ଉଚ୍ଚ ଗୁଣମାନର ହୋଇପାରିବ। ଏଥି ସହିତ ସରକାର ଘରୋଇ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଉପରେ ମଧ୍ୟ ଲକ୍ଷ୍ୟ ରଖିବା ଉଚିତ ଓ ମନଇଚ୍ଛା ରୋଗୀ ମାନଙ୍କୁ ଶୋଷଣ କରୁଥିବା ଘରୋଇ ଡ଼ାକ୍ତରଖାନା ଗୁଡ଼ିକ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଏପରିକି କେଉଁ ଚିକିତ୍ସା ପାଇଁ କେତେ ଟଙ୍କା ରୋଗୀଙ୍କୁ ଦେବାକୁ ପଡ଼ିବ, ତାହା ସରକାର ନିର୍ଦ୍ଧାରଣ କରିବା ଉଚିତ। ଅନ୍ୟଥା ସଂପୃକ୍ତ ଘରୋଇ ହସ୍ପିଟାଲ୍ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ମୁଖ୍ୟତଃ ଘରୋଇ ହସ୍ପିଟାଲ୍‌ରେ ଦିଆଯାଉଥିବା ସୁବିଧା ଓ ଚିକିତ୍ସା ପାଇଁ ନିଆଯାଉଥିବା ଫିସ୍ ତୁରନ୍ତ ନିୟନ୍ତ୍ରଣ ହେବା ଉଚିତ।

କୁହାଯାଏ, ସ୍ୱାସ୍ଥ୍ୟ ହିଁ ସମ୍ପଦ। କୌଣସି ଦେଶ ସେ ପର୍ଯ୍ୟନ୍ତ ସମୃଦ୍ଧ ଓ ସୁଖି ହେବନାହିଁ, ଯେପର୍ଯ୍ୟନ୍ତ ନାଗରିକମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ନମିଳିବ। ବିଶ୍ୱର କେତେକ ଉନ୍ନତ ଦେଶରେ ଜନସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ବେଶ ଉଚ୍ଚ ମାନର। ଲଣ୍ଡନର ସାର୍ବଜନିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଅତି ଉନ୍ନତ। ସେଠାକାର ସରକାରୀ ଡ଼ାକ୍ତରଖାନା ୮୦ ଶତକଡ଼ାରୁ ଅଧିକ ଲୋକଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇଥାଏ। ଡ଼ାକ୍ତର, ନର୍ସ ଓ ଅନ୍ୟାନ୍ୟ ପାରାମେଡ଼ିକାଲ୍ କର୍ମଚାରୀଙ୍କ ବେତନ ସରକାର ନିର୍ଦ୍ଧାରଣ କରିଥାନ୍ତି। ଜାପାନରେ ସେଠାକାର ସରକାର ଘରୋଇ ଡ଼ାକ୍ତରଙ୍କ ସେବା ପାଇଁ ଫିସ୍ ନିର୍ଦ୍ଧାରିତ କରିଥାନ୍ତି। ଏହାଦ୍ୱାରା ସେଠାରେ ଡ଼ାକ୍ତର ମାନେ ରୋଗୀଙ୍କ ଠାରୁ ଅଧିକ ଫିସ୍ ନେଇ ପାରନ୍ତି ନାହିଁ। ଆଉ ଏଥିରେ ଖିଲାପ କରୁଥିବା ଡ଼ାକ୍ତରଙ୍କ ଠାରୁ ବହୁ ଅଧିକ ଅର୍ଥ ଆଦାୟ କରାଯାଏ। ଫ୍ରାନ୍ସରେ ସେଠାକାର ସ୍ୱାସ୍ଥ୍ୟବ୍ୟବସ୍ଥା ଟିକେ ଭିନ୍ନ। ସେଠାରେ ପ୍ରତି ଲୋକଙ୍କ ପାଇଁ ସ୍ୱାସ୍ଥ୍ୟ ଇନ୍ସୁରାନ୍ସ କରାଯିବା ଜରୁରୀ। ଏହି ବ୍ୟବସ୍ଥା କୌଣସି ଲାଭ ପାଇଁ ନୁହେଁ ଓ ଏଥିପାଇଁ ସରକାରୀ ଟାକ୍ସରୁ ଫଣ୍ଡ ଦିଆଯାଏ। ଏହି ଇନ୍ସୁରାନ୍ସ ୭୦ରୁ ୮୦ ଶତକଡ଼ା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ପାଇଁ ହେଉଥିବା ଖର୍ଚ୍ଚକୁ ଭରଣା କରିଥାଏ ଓ ବାକି ଖର୍ଚ୍ଚ ଭଲୁଂଟାରୀ ଇନ୍ସୁରାନ୍ସ ମାଧ୍ୟମରେ ପୁରା କରା ଯାଇଥାଏ। ଏଥିଯୋଗୁ ଲୋକ ମାନେ ଚିକିତ୍ସା ପାଇଁ ନିଜ ପକେଟରୁ ଖର୍ଚ୍ଚ କରିବାକୁ ପଡ଼େନାହିଁ। ବାସ୍ତବରେ ୯୫ ଭାଗ ଲୋକେ ଭଲୁଂଟାରୀ ଇନ୍ସୁରାନ୍ସ ମାଧ୍ୟମରେ ସ୍ୱାସ୍ଥ୍ୟ ସୁବିଧା ହାସଲ କରନ୍ତି। ସେଠାରେ ସରକାର ଔଷଧ ଓ ଅନ୍ୟ ମେଡ଼ିକାଲ ଖର୍ଚ୍ଚ ର ମୂଲ୍ୟ ନିର୍ଦ୍ଧାରିତ କରନ୍ତି। ଏଥିପାଇଁ ସରକାର ନିଜ ଜିଡ଼ିପୀ ର ୧୧.୮ ପ୍ରତିଶତ ଖର୍ଚ୍ଚ



କରିଥାନ୍ତି।

ସେହିପରି ସୁଇଜରଲାଣ୍ଡରେ ଉନ୍ନତ ସ୍ୱାସ୍ଥ୍ୟବ୍ୟବସ୍ଥା ଦେଖିବାକୁ ମିଳେ। ଏପରିକି ସେଠାରେ ଆମେରିକା ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଭଳି ଲାଗେ। ସେଠାରେ ପ୍ରାଇଭେଟ କଂପାନୀ ମାନେ ଇନ୍ସୁରାନ୍ସ ଯୋଗାଇ ଦିଅନ୍ତି, ଯାହାକୁ ନେବା ସମସ୍ତଙ୍କ ପାଇଁ ଅନିବାର୍ଯ୍ୟ ଅଟେ। ତେବେ ଏହା ଲାଭ ସହ ଆଦୌ ସଂପୃକ୍ତ ନୁହେଁ। କିନ୍ତୁ କେତେକ ଜରୁରୀ ସେବା ଓ ହସ୍ପିଟାଲ ପାଇଁ କଂପାନୀମାନେ ଲାଭ ନିଅନ୍ତି।

ତେବେ ବିଭିନ୍ନ ଦେଶର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଦେଖାଗଲେ, ବାସ୍ତବରେ ଆଶ୍ଚର୍ଯ୍ୟ ଲାଗିବ। କାରଣ ଭାରତରେ ୧.୩ ବିଲିୟନ



ଲୋକଙ୍କ ପାଇଁ ମାତ୍ର ୧୦ ଲକ୍ଷ ପଞ୍ଜୀକୃତ ଡ଼ାକ୍ତର ଅଛନ୍ତି। ଆମର ଏଠାରେ ୧୦,୧୮୯ ଲୋକ ସଂଖ୍ୟାରେ ଜଣେ ମାତ୍ର ସରକାରୀ ଏଲୋପାଥିକ ଡ଼ାକ୍ତର ଅଛନ୍ତି, ଆଉ ଯଦିଓ ମେଡ଼ିକାଲ୍ କାଉନସିଲ୍ ଅଫ ଇଣ୍ଡିଆର କଥାକୁ ସତ୍ୟ ଧରାଯାଏ, ତେବେ ଭାରତରେ ଅଧାରୁ ଅଧିକ ଡ଼ାକ୍ତର ପଞ୍ଜିକୃତ ନୁହନ୍ତି ଓ ଏଲୋପାଥିରେ ସେମାନଙ୍କ ପାଖରେ କୌଣସି ଡ଼ିଗ୍ରୀ ନାହିଁ। ଅବଶ୍ୟ ବଡ଼ ସହରମାନଙ୍କରେ ଅବସ୍ଥା ଭଲ ଅଛି। ପ୍ରାୟତଃ ସହରଗୁଡ଼ିକରେ ୫୮ ଶତକଡ଼ା ପ୍ରଶିକ୍ଷିତ ଡ଼ାକ୍ତର ଥିବାବେଳେ ଗ୍ରାମାଂଚଳରେ ମାତ୍ର ୧୮ଶତକଡ଼ା ପ୍ରଶିକ୍ଷିତ ଡ଼ାକ୍ତର ପଞ୍ଜୀକୃତ ଅଟନ୍ତି। ତେବେ ଭାରତ ସ୍ୱାସ୍ଥ୍ୟସେବା ପାଇଁ ନିଜ ଜିଡ଼ିପିର ୧.୨ ଶତକଡ଼ା ଖର୍ଚ୍ଚ କରୁଛି, ଯାହା, ମ୍ୟାଁମାର, ପାକିସ୍ତାନ ଓ କମ୍ବୋଡ଼ିଆ ଠାରୁ ସାମାନ୍ୟ ଅଧିକ। ଆମ ଦେଶରେ ସ୍ୱାସ୍ଥ୍ୟ ଭିତିଭୂମି ସଂପର୍କରେ ଆଲୋଚନା କରାଗଲେ ଅତି ଦୁଃଖ ଲାଗିବ। ସାରା ଦେଶରେ ସ୍ୱାସ୍ଥ୍ୟ ଭିତିଭୂମିର ଘୋର ଅଭାବ ରହିଥିବା ଜଳଜଳ ଦେଖାଯାଉଛି। ଭିତିଭୂମିର ଅର୍ଥ ଆବଶ୍ୟକୀୟ ଚିକିତ୍ସା ଉପକରଣ, ଆଇସିୟୁ ଭଳି ଅତ୍ୟାଧୁନିକ ଯନ୍ତ୍ରପାତି, ରୋଗୀ ସଂଖ୍ୟାନୁଯାୟୀ ଶଯ୍ୟା, ଲାବୋରେଟୋରୀ, ଔଷଧପତ୍ର, ଡ଼ାକ୍ତରଖାନା ଗୃହ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଉପଜିଲ୍ଲା ଓ ଜିଲ୍ଲା ହସ୍ପିଟାଲ୍ ମାନଙ୍କରେ ବ୍ଲଡ୍ ବ୍ୟାଙ୍କ୍ ପ୍ରତିଷ୍ଠା, ଜୀବନ ରକ୍ଷାକାରୀ ଅକ୍ସିଜେନ୍‌ର ବ୍ୟବସ୍ଥା, ଆବଶ୍ୟକତା ଅନୁଯାୟୀ ଡ଼ାକ୍ତର, ନର୍ସ ଓ ଅନ୍ୟାନ୍ୟ ପାରାମେଡ଼ିକ୍ କର୍ମଚାରୀ ଆଦିଙ୍କୁ ବୁଝାଏ। ମାତ୍ର ଉପରୋକ୍ତ ଭିତିଭୂମିର ବିକାଶ ପାଇଁ ଆମ ସ୍ୱାସ୍ଥ୍ୟ ପ୍ରଶାସନ ବିଶେଷ ଦୃଷ୍ଟି ଦେଉନାହିଁ। ସାରା ଦେଶରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରୀୟ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି। ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ଶହଶହ କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ ହେଉଛି। ହେଲେ ଦେଶରେ ସ୍ୱାସ୍ଥ୍ୟ ସେବାର ସେମିତି କିଛି ଉନ୍ନତି ପରିଲକ୍ଷିତ ହେଉନାହିଁ। ଯୋଜନାଗୁଡ଼ିକ ଚାଲିଛି କିପରି, କେଉଁଠି ଓ କାହାପାଇଁ( ?), କେହି କିଛି ଜାଣିପାରୁନାହାଁନ୍ତି। କେବଳ ଜଳଜଳ ଦେଖାଯାଉଛି, ସାରା ଦେଶରେ ଭୁଷୁଡ଼ି ପଡ଼ିଛି ସ୍ୱାସ୍ଥ୍ୟସେବା ବ୍ୟବସ୍ଥା। ରୋଗୀମାନେ ଚିକିତ୍ସା ସେବା ନପାଇ ହଇରାଣ ହେଉଛନ୍ତି। ତେବେ ଭାରତୀଙ୍କ ପାଇଁ ଏହି ମୌଳିକ ସମସ୍ୟା କେବେ ସମାଧାନ ହେବ, ତାହା ଭଜବାନଙ୍କ ଇଚ୍ଛା।

# -ଗୋଲୋ ଡାଏଟ-



ଡାଏଟ ଅନୁସରଣ କରୁଥିବା ବ୍ୟକ୍ତିଙ୍କ ପାଇଁ କିଛି ନିର୍ଦ୍ଦିଷ୍ଟ ଖାଦ୍ୟପେୟ ପ୍ରତି ପ୍ରତିବନ୍ଧକ ଥାଏ। ହେଲେ ଗୋଲୋ ଡାଏଟରେ ଏହା ନଥାଏ। ଗୋଲୋ ଡାଏଟରେ ସବୁ ପ୍ରକାର ଖାଦ୍ୟ ଖାଇ ହୁଏ। କିନ୍ତୁ ଏହା ସ୍ୱାସ୍ଥ୍ୟକର ହୋଇଥିବା ଦରକାର। ଏବେ ଅନେକ ମଧୁମେହ ରୋଗୀମାନେ ଏହି ଗୋଲୋ ଡାଏଟ ଅନୁସରଣ କରୁଛନ୍ତି। ବିଶେଷଜ୍ଞମାନେ କୁହନ୍ତି, ଗୋଲୋ ଡାଏଟ ଅନୁସରଣ କରି ମଧୁମେହ ରୋଗୀ ଓଜନ କମ କରିପାରିବେ। ଅନ୍ୟ ଡାଏଟ ପରି ଏହି ଡାଏଟ ମଧ ଓଜନ କମାଇବାରେ ସହାୟକ ହୋଇଥାଏ। କିନ୍ତୁ ଗୋଲୋ ଡାଏଟ ଓଜନ କମ କରିବା ସହିତ ମଧୁମେହ ରୋଗୀଙ୍କ ପାଇଁ ମଧ ଲାଭଦାୟକ ହୋଇଥାଏ। କାରଣ ଗୋଲୋ ଡାଏଟ ସର୍କରା ସ୍ତରକୁ ନିୟନ୍ତ୍ରିତ ରଖିଥାଏ। ଏହି ଡାଏଟ ହରମୋନକୁ ନିୟମିତ କରିବା ସହ ମେଟାବଲଜିମ୍ ବଢ଼ାଇଥାଏ। ଏହି ଡାଏଟରେ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବାକୁ ପଡ଼ିଥାଏ। ଏହା ସହିତ ବ୍ୟାୟାମ ମଧ କରିବାକୁ ହୋଇଥାଏ। ଅଧ୍ୟୟନରୁ ଜଣାପଡ଼ିଛି ଗୋଲୋ ଡାଏଟରେ କମ ଗ୍ଲାଇସେମିକ ଖାଦ୍ୟ ଗ୍ରହଣ କରାଯାଏ। ଏଥିରେ ଅଧିକାଂଶ ଏମତି ଖାଦ୍ୟପଦାର୍ଥ ଥାଏ ଯାହା ରକ୍ତ ଶର୍କରା ସ୍ତରକୁ ବୃଦ୍ଧି କରିନଥାଏ। ଫ୍ୟାଟ ନଷ୍ଟ କରିଥାଏ ଏବଂ ମେଟାବଲିଜମ ବୃଦ୍ଧି କରିବାରେ ସାହାଯ୍ୟ କରେ। ଡାଏଟସିଆନ କୁହନ୍ତି, ଏହି ଡାଏଟରେ ଅନ୍ୟ ଡାଏଟ ତୁଳନାରେ ୨୦ରୁ ୩୦% ଅଧିକ ଖାଦ୍ୟ ମିଳିଥାଏ। ଯେଉଁଥିପାଇଁ ମେଟାବଲିଜମ ବୃଦ୍ଧି ପାଏ। ଏହି ଡାଏଟରେ ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରତି ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଏହା ୯୦ ଦିନର ଡାଏଟ ପ୍ଲାନ ହୋଇଥାଏ। ଏହି ଡାଏଟରେ ନିରାମିଷ ଖାଦ୍ୟ ପଦାର୍ଥ ମଧ ସାମିଲ କରାଯାଏ। ପନିପରିବା ସହିତ ମାଂସର ମିଶ୍ରଣ ଶରୀରକୁ ସବୁ ପୋଷକ ତତ୍ତ୍ୱ ପ୍ରଦାନ କରିବାରେ ସହାୟକ ହୋଇଥାଏ। ଦୀର୍ଘ ସମୟ ପର୍ଯ୍ୟନ୍ତ ଭୋକ ଲାଗିନଥାଏ। ଏଥିରେ କ୍ୟାଲୋରି ମଧ ନିୟନ୍ତ୍ରଣରେ ରହିଥାଏ। କ୍ୟାଲୋରି ନିୟନ୍ତ୍ରଣ ରହିବା କାରଣରୁ ଓଜନ ସହଜରେ କମାଇ ହୋଇଥାଏ। ତେବେ ଏହି ଡାଏଟରେ କେବଳ ସଠିକ ଆହାର ନୁହେଁ ବରଂ ବ୍ୟାୟାମର ମଧ ଆବଶ୍ୟକତା ରହିଛି। ସେଥିପାଇଁ ମଧୁମେହ ରୋଗୀ ଏହି ଡାଏଟ ଅନୁସରଣ କରିଥାନ୍ତି। ଏହି ଡାଏଟରେ ପ୍ରଚୁର ମାତ୍ରାରେ ଫଳ, ପନିପରିବା, ମାଛ, ମାଂସ, ଅଣ୍ଡା ସାମିଲ କରାଯାଇଥାଏ। ଏଥିରେ ଆଣ୍ଟିଅକ୍ସିଡାଣ୍ଟ, ଖଣିଜ, ଏବଂ ଖାଦ୍ୟସାର ରହିଥାଏ। ଏହି ଡାଏଟ ସ୍ୱାସ୍ଥ୍ୟ ଏବଂ ତ୍ୱଚାକୁ ସୁସ୍ଥ ଓ ସତେଜ ରଖିଥାଏ। ଏହି ଡାଏଟ ଅନ୍ତର୍ଗତ ମନଇଚ୍ଛା ଖାଦ୍ୟ ଖାଇବା ଅନୁଚିତ। ଡାକ୍ତରୀ ପରାମର୍ଶରେ ସୁଷମ ଖାଦ୍ୟ ଖାଆନ୍ତୁ। ଆପଣଙ୍କ ଖାଦ୍ୟ ତାଲିକାରେ ପନିପରିବା, ଫଳ ଓ ଫାଷ୍ଟଫୁଡ ଠାରୁ ଦୂରେଇ ରୁହନ୍ତୁ। ସମସ୍ତ ପ୍ରକାର ନିଶା ଦ୍ରବ୍ୟ ସେବନ ଠାରୁ ଦୂରେଇବା ସହ ଯୋଗ ଅଭ୍ୟାସ, ବ୍ୟାୟାମ ଓ ପ୍ରାଣାୟାମ ଖୁବ ଭଲ ଏ ଦିଗରେ ସଚେତନ ରହିବା ବାଞ୍ଛନୀୟ।

## ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ

ଖୋର୍ଦ୍ଧା (ପିଏନ)- ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାରେ ଶିଶୁ ସୁରକ୍ଷା ସମ୍ବନ୍ଧିତ ସମସ୍ତ ସମସ୍ୟା ଓ ସମାଧାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାଢୀ, ୟୁନିସେଫର ଶିଶୁ ସୁରକ୍ଷା ବିଭାଗର ଓଡିଶାର ମୁଖ୍ୟ ନେହା ନାଇଡୁ, ମହିଳା ଓ ଶିଶୁ କଲ୍ୟାଣ ବିଭାଗର ଅନୁପମା ସାହୁ, ସିଡିଏମଓ ଡଃ ଆର୍ତବନ୍ଧୁ ନାୟକ, ଏସପି ସ୍ୱତନ୍ତ୍ର କିଶୋର ପୁଲିସ ୟୁନିଟର ଅଧ୍ୟକ୍ଷ ଭରତ ଚନ୍ଦ୍ର ସାହୁ, ଡିଏସପି ସୁରେନ୍ଦ୍ର ନାଥ ମୁର୍ମୁ, ଜିଲ୍ଲା ଶିକ୍ଷାଧିକାରୀ ସୁରେନ୍ଦ୍ର ନାଥ ତରାଇ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳୀ ମିଶ୍ର, ସାମାଜିକ ସୁରକ୍ଷା ଅଧିକାରୀ ପ୍ରସନ୍ନ କୁମାର ମଲ୍ଲିକ, ଖୋର୍ଦ୍ଧା ଶିଶୁ ମଙ୍ଗଳ କମିଟିର ସଭ୍ୟା କାନ୍ତା ମହାନ୍ତି, ନେହେରୁ ଯୁବକେନ୍ଦ୍ରର ସଂଯୋଜକ ବିପିନ କୁମାର, ଜିଲ୍ଲା ଶ୍ରମ ଅଧିକାରୀ ପ୍ରଣବ ପାତ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜିତେନ୍ଦ୍ରିୟ ଜେନା ଓ ଏଡଏଟ ଆକ୍ସନର ରାଜ୍ୟ ସଂଯୋଜିକା ଶ୍ୱେତା ଶାହା ପ୍ରମୁଖ ଯୋଗ ଦେଇ ଶିଶୁ ସୁରକ୍ଷା ଅଧିକାର ଓ ବାଲ୍ୟ ବିବାହକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ସହ ଶିଶୁ ଶ୍ରମିକ ଓ ଭିକ୍ଷାବୃତିକୁ କିପରି ରୋକାଯାଇପାରିବ ସେଥିପାଇଁ ଆଗାମୀ ଦିନରେ ଜିଲ୍ଲାରେ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ମତ ପ୍ରକାଶ ପାଇଥିଲା ।ଜିଲ୍ଲା ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ କାର୍ଯ୍ୟକ୍ରମ ବିଷୟର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ବେଟି ପଢାଓ ବେଟି ବଚାଓ ଯୋଜନାରୁ ଚଳିତ ଦଶମ ଶ୍ରେଣୀ ପରୀକ୍ଷାରେ ଜିଲ୍ଲାରେ ସର୍ବୋଚ୍ଚ ନମ୍ବର ରଖି ଉତୀର୍ଣ୍ଣ ହୋଇଥିବା ୧୦ ଜଣ ଛାତ୍ରୀ ଯେଉଁମାନେ କି ଆର୍ଥିକ ଅନଗ୍ରସର ଓ ଭିନ୍ନକ୍ଷମ ସେମାନଙ୍କ ପରିବାରକୁ ପାଂଚ ହଜାର ଚେକ ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଏଲପିଓ ସୌମେନ୍ଦ୍ର ନାୟକ, ରଞ୍ଜନ କୁମାର ଗୋଛାୟତ, ଅନୁପ କୁମାର ବେହେରା, ରିତାଞ୍ଜଳୀ ମହାନ୍ତି, ମୁକୁଳ ନାୟକ, ମନସ୍ୱିନୀ ମହାପାତ୍ର ଓ ଅର୍ଚ୍ଚନା ରାୟ ପ୍ରମୁଖ ଯୋଗ ଦେଇଥିଲେ।

## ଧର୍ମଶାଳା ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳର ପ୍ରଶିକ୍ଷଣ ଶିବିର

ଧର୍ମଶାଳା (ପିଏନ୍): ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ଧର୍ମଶାଳା ବିଜେଡିର ଏକ ପ୍ରଶିକ୍ଷଣ ଶିବିର ଗତକାଲି ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଧର୍ମଶାଳା ବ୍ଲକ୍ ସଭାପତି ଜଳଧର ମହାନ୍ତି ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥିଭାବେ ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଓଡିଶା ସରକାରଙ୍କ ପୂର୍ବତନ ମନ୍ତ୍ରୀ ତଥା ନୟାଗଡର ବିଧାୟକ ଡ. ଅରୁଣ କୁମାର ସାହୁ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ଉପସ୍ଥିତ ବିଜେଡି କର୍ମୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ରସୁଲପୁର ବ୍ଲକ୍ ଅଧ୍ୟକ୍ଷ ଅରୁଣ କୁମାର ରାଉତ, ଧାମନଗର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ନିର୍ବାଚନ ମଣ୍ଡଳୀ ସଭାପତି ଜଳଧର ସାହୁ, ବ୍ଲକ ଯୁବ ବିଜେଡି ସଭାପତି କ୍ଷିତୀଶ କୁମାର ନାୟକ, ଛାତ୍ର ବିଜେଡି ସଭାପତି ଜଗଦାନନ୍ଦ ରାଉତ, ଧର୍ମଶାଳା ବ୍ଲକ ମହିଳା ସଭାନେତ୍ରୀ ବିଶ୍ୱବନ୍ଦନା ଜେନା, ରସୁଲପୁର ବ୍ଲକ ମହିଳା ସଭାନେତ୍ରୀ ମମତା ଖୁଣ୍ଟିଆ, ଗାର୍ଲସ ୱିଙ୍ଗ ସଭାପତି କ୍ଷିରାବ୍ଧୀ ତନୟା ମଲ୍ଲିକ୍ ପ୍ରମୁଖ ବିଜେଡି ସଂଗଠନକୁ ମଜବୁତ କରିବାପାଇଁ ସେମାନଙ୍କ ମତାମତ ରଖିଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ୫୪ଗୋଟି ପଞ୍ଚାୟତର ସମସ୍ତ ନିର୍ବାଚିତ ପ୍ରତିନିଧି ଓ କର୍ମକର୍ତ୍ତାମାନେ ଉପସ୍ଥିତ ରହିଥିଲେ । ଏହି ପ୍ରଶିକ୍ଷଣ ଶିବିର ସକାଳ ୧୦ଘଟିକାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଘଟିକା ପର୍ଯ୍ୟନ୍ତ ଚାଲିଥିଲା । ପ୍ରଶିକ୍ଷଣ ଶିବିରରେ ପ୍ରେରଣାଦାୟୀ ପ୍ରଶିକ୍ଷକ ଡ. ହରପ୍ରସନ୍ନ ଦାସ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ । ଉକ୍ତ ଶିବିରରେ ବିଜେଡି ଜିଲ୍ଲା ମହାସଚିବ ଡ. ପ୍ରିୟନାଥ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ସୁଧାଂଶୁ ଭୂଷଣ ସାହୁ, ଜିଲ୍ଲା ପରିଷଦ ସଭ୍ୟା ପ୍ରଣତୀ ଲେଙ୍କା, ଜିଲ୍ଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରା, ଜିଲ୍ଲା ପରିଷଦ ସଭ୍ୟ ଭାଗ୍ୟଧର ସେଠୀ, ସମସ୍ତ ପଞ୍ଚାୟତର ବିଜେଡି ସଭାପତି, ଯୁବ ସଭାପତି, ଛାତ୍ର ସଭାପତି, ମହିଳା ସଭାପତି, ଗାର୍ଲସ ୱିଙ୍ଗ୍ ସଭାପତି ଏବଂ ଦଳର ଆଗଧାଡିର ସମସ୍ତ କର୍ମକର୍ତ୍ତାମାନେ ଉପସ୍ଥିତ ରହିଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ଧର୍ମଶାଳାର ବିଜୁ ଯୁବ, ଛାତ୍ର, ମହିଳା ଏବଂ ଗାର୍ଲସ ୱିଙ୍ଗର କର୍ମକର୍ତ୍ତମାନେ ଧର୍ମଶାଳାରେ କରିଥିବା କାର୍ଯ୍ୟକ୍ରମଗୁଡିକୁ ଭିଡିଓ ମାଧ୍ୟମରେ ଦେଖାଇ କର୍ମକର୍ତ୍ତାମାନଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଅବଗତ କରିଥିଲେ । ସୁଶୀଲ ମହାନ୍ତି, ଶରତ ନାୟକ, ନିରଂଜନ ରାଉତ, ପ୍ରତାପ ପ୍ରଧାନ, ନିର୍ମଳ ପ୍ରଧାନ, ରଶ୍ମୀରଂଜନ ରାୟ, ମନୋଜ କୁମାର ଦାସ, ପ୍ରସନ୍ନ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଲକ୍ଷ୍ମୀନାରାୟଣ ସ୍ମୃତି ସମ୍ମାନରେ ସମ୍ମାନୀତ କବି ତଥା ସାହିତ୍ୟିକ ଚୈତନ୍ୟ ପ୍ରସାଦ ବେହେରା

ଖୋର୍ଦ୍ଧା (ପିଏନ୍)-କୃତୀ ଶିକ୍ଷକଟିଏ ଦେଶ, ଜାତି ଓ ମାଟିର ଗୌରବ। ଶିକ୍ଷକତା ପରି ପବିତ୍ର ବୃତିକୁ ଆଦରି ନେଇଥିଲେ ସ୍ୱର୍ଗତଃ ଲକ୍ଷ୍ମୀନାରାୟଣ ମିଶ୍ର। ଜଣେ ବିରଳ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ସ୍ୱର୍ଗତଃ ମିଶ୍ର। ପ୍ରଧାନଶିକ୍ଷକ ଭାବେ ନିଜର ଦକ୍ଷତା ପ୍ରତିପାଦିତ କରି ସେ ଅଧ୍ୟାପକ ଓ ପରେ ଅଧ୍ୟକ୍ଷ ଭାବରେ ତାଙ୍କର ପ୍ରଶାସନିକ ଦକ୍ଷତା, ଶିକ୍ଷାଦାନ ଶୈଳୀ, ସହକର୍ମୀମାନଙ୍କୁ ସାଙ୍ଗରେ ନେଇ ଚାଲିବାର ପ୍ରବୃତ୍ତି, ବୁଦ୍ଧିଜୀବୀମାନଙ୍କୁ ଆପଣାର କରିପାରିବାର ଦକ୍ଷତା ଖୁବ କମ୍ ଲୋକଙ୍କ ପାଖରେ ଥାଏ ବୋଲି ଲକ୍ଷ୍ମୀନାରାୟଣ ସ୍ମୃତି ସମ୍ମାନରେ ସମ୍ମାନୀତ କବି ଚୈତନ୍ୟ ପ୍ରସାଦ ବେହେରା ତାଙ୍କର ପ୍ରାରମ୍ଭିକ ବକ୍ତବ୍ୟରେ କହିଥିଲେ। ଲକ୍ଷ୍ମୀନାରାୟଣ ମିଶ୍ରଙ୍କର ବିଂଶତମ ବାର୍ଷିକ ଶ୍ରାଦ୍ଧୋତ୍ସବ ସ୍ଥାନୀୟ ବି.ଡି.ଏ କଲୋନୀରେ ଉତ୍ତର ଓଡିଶାର ପ୍ରାକ୍ତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ବୈକୁଣ୍ଠ ନାଥ ରାଜଗୁରୁ, ମୁଖ୍ୟବକ୍ତା ଭାବେ ରାଜଧାନୀ ଆଇନ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ ବୃନ୍ଦାବନ ପଣ୍ଡା, ସମ୍ମାନିତ ଅତିଥି ଭାବେ ସ୍ତମ୍ଭକାର ତଥା ମାର୍ଗଦର୍ଶୀର ସମ୍ପାଦକ ଉମାଶଙ୍କର ପ୍ରସାଦ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ମିଶ୍ରଙ୍କର ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ। ଡ. ଚପଳା ପଣ୍ଡା ତାଙ୍କର ବହୁମୁଖୀ ପ୍ରତିଭାକୁ ନେଇ ସୁନ୍ଦର କବିତାଟିଏ ଗାନ କରିଥିଲେ। ଏହି ପରିପ୍ରେକ୍ଷୀରେ 'ଲକ୍ଷ୍ମୀନାରାୟଣ ମିଶ୍ର' ସ୍ମୃତି ସମ୍ମାନ କବି ତଥା ଗୀତିକାର ଚୈତନ୍ୟ ପ୍ରସାଦ ବେହେରା, ସମାଜସେବୀ ଅକ୍ଷୟ କୁମାର ଦାଶ ଓ ଫଟୋ ସାମ୍ବାଦିକ ଦୁର୍ଯ୍ୟୋଧନ ଜେନାଙ୍କୁ ମଂଚାସୀନ ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ସ୍ୱର୍ଗତଃ ମିଶ୍ରଙ୍କୁ ଭଲପାଉଥିବା ଉପସ୍ଥିତ ଥିବା ବିମଳ ଚନ୍ଦ୍ର ଷଡଙ୍ଗୀ, ସତ୍ୟବାଦୀ ବଳିୟାର ସିଂହ, ନଗେନ୍ଦ୍ର ଦତ୍ତ, ପ୍ରଫୁଲ ସାମନ୍ତରାୟ, ସନ୍ତୋଷ ନାୟକ, ଗୋପାଳକୃଷ୍ଣ ଦାସ, ନୃସିଂହ ମିଶ୍ର ପ୍ରମୁଖ ସ୍ୱର୍ଗତଃ ମିଶ୍ରଙ୍କର ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ। ମେଜର ମହାନ୍ତି ଶେଷରେ କହିଥିଲେ ସ୍ୱର୍ଗତଃ ମିଶ୍ର ଜଣେ ଅମାୟିକ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ତାଙ୍କର ନିର୍ଭୁଲ କାର୍ଯ୍ୟଧାରା ସମସ୍ତଙ୍କ ପାଇଁ ଅନୁକରଣୀୟ। ତାଙ୍କର ଯୋଗ୍ୟ ଦାୟାଦ ସୁଜିତ ମିଶ୍ର ନିଜ ପିତାଙ୍କର ଏହି କାର୍ଯ୍ୟକୁ ଜାରି ରଖିଥିବାରୁ ସେ ତଥା ତାଙ୍କ ପରିବାର ଧନ୍ୟବାଦର ପାତ୍ର। ପ୍ରାରମ୍ଭରେ ସମସ୍ତ ଅତିଥିମାନେ ସ୍ୱର୍ଗତଃ ମିଶ୍ରଙ୍କର ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏବଂ ତାଙ୍କ ପବିତ୍ର ଆତ୍ମା ଉଦ୍ଦେଶ୍ୟରେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ଶେଷରେ କୃଷ୍ଣଚନ୍ଦ୍ର ହରିଚନ୍ଦନ ଧନ୍ୟବାଦ ଅର୍ପଣ କରିଥିଲେ।

## ୫-ଟି ସଚିବଙ୍କ ଖୋର୍ଦ୍ଧା ଶିଳ୍ପାଂଚଳ ଗସ୍ତ

ଖୋର୍ଦ୍ଧା,(ପିଏନ)- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ୫-ଟି ସଚିବ ଭିକେ ପାଣ୍ଡିଆନ ଖୋର୍ଦ୍ଧା ଶିଳ୍ପାଚଂଳ,ଫୁଡପାର୍କ ଓ ଜୟମଙ୍ଗଳ ଶିଳ୍ପାଚଂଳ ଗ୍ରସ୍ତ କରି ଶିଳ୍ପଦ୍ୟୋଗୀ କର୍ମଚାରୀ ଓ ସ୍ଥାନୀୟ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଏଥିରେ ୫-ଟି ସଚିବ ଶ୍ରୀ ପାଣ୍ଡିଆନ ସମସ୍ତ ସମସ୍ୟାକୁ ତିନିମାସ ମଧ୍ୟରେ ସମାଧାନ କରିବା ପାଇଁ ଶିଳ୍ପ ବିଭାଗ ଓ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ । ଖୋର୍ଦ୍ଧା ଶିଳ୍ପାଚଂଳର ପ୍ରାୟ ୫୦ ଜଣ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଅନୁଷ୍ଠାନର ସେମାନଙ୍କ ସଂଘର କର୍ମକର୍ତାମାନେ ଆଲୋଚନାରେ ଭାଗ ନେଇଥିଲେ । ଏଥିରେ ବିଜୁଳି ଓ ପାଣି ଯୋଗାଣରେ ଉନ୍ନତି, ଟ୍ରକଗୁଡିକର ପାର୍କିଂ ସମସ୍ୟା,ଶ୍ରମିକ ମାନଙ୍କ ପାଇଁ ରହଣୀ ବ୍ୟବସ୍ଥା, ଟ୍ରାଫିକ ପରିଚାଳନା, ବର୍ଜ୍ୟବସ୍ତୁ ପରିଚାଳନା ଓ ସୁରକ୍ଷା ବ୍ୟବସ୍ଥାର ଉନ୍ନତି ଆଦି ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ଏହି ବୈଠକରେ ସମସ୍ତ ଶିଳ୍ପାଚଂଳରେ ଦୁଇ ହଜାରରୁ ତିନି ହଜାର ଶ୍ରମିକ ରହିବା ପାଇଁ ରହଣୀର ବ୍ୟବସ୍ଥା କରାଯିବ ବୋଲି ନିଷ୍ପତି ହୋଇଥିଲା। କୋଭିଡ ମହାମାରୀ ସମୟରେ ଅନେକ ଶିଳ୍ପାନୁଷ୍ଠାନ କ୍ଷତିର ସମ୍ମୁଖିନ ହୋଇଥିବାରୁ ସେମାନଙ୍କ ପାଇଁ ସ୍ୱତନ୍ତ୍ର ନିତୀ ଆସିବ ବୋଲି ୫-ଟି ସଚିବ କହିଛନ୍ତି। ବୈଠକରେ ସ୍ଥାନୀୟ ଲୋକଙ୍କ ନିଯୁକ୍ତି ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହା ପରେ ଶ୍ରୀ ପାଣ୍ଡିଆନ ଜୟମଙ୍ଗଳ ଶିଳ୍ପାଚଂଳ ଗସ୍ତ କରି କୋଭିଡ ମହାମାରୀ ସମୟରେ ଚାକିରୀ ଛାଡିଥିବା ଉଚ୍ଚଶିକ୍ଷିତ ଇଂଜିନିୟର ଓ ମ୍ୟାନେଜମେଂଟ ଗ୍ରାଜୁଏଟମାନଙ୍କ ସହ ଆଲୋଚନା କରି ଉଦ୍ୟୋଗ ପ୍ରତିଷ୍ଠା କରି ସେମାନଙ୍କର ଉଦ୍ୟମରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ସହଯୋଗ ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ୫-ଟି ସଚିବଙ୍କ ଏହି ଗସ୍ତରେ ଶିଳ୍ପୋଦ୍ୟୋଗୀମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଓ ଖୁସିର ଲହର ଖେଳି ଯାଇଥିଲା । ସେମାନଙ୍କର ଦୀର୍ଘ ୪୦ ବର୍ଷର ସମସ୍ୟାର ୪୦ ମିନିଟରେ ସମାଧାନ ହୋଇପାରିଛି ବୋଲି ସନ୍ତୋଷ ପ୍ରକାଶ କରିଥିଲେ । ଏହି ଆଲୋଚନାରେ ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ କୁମାର, ଇଡକୋ ପରିଚାଳନା ନିର୍ଦ୍ଦେଶକ ଓ ଜିଲ୍ଲାପାଳ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଓଡିଶା ଆଦର୍ଶ ଯୁବ ସଂଗଠନ ପକ୍ଷରୁ ଦହିପାଣି ପ୍ରଦାନ

କେନ୍ଦ୍ରାପଡା,(ପି.ଏନ) କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗ୍ରାମପଞ୍ଚାୟତର ମା'ବଜ୍ରସୁନା ମନ୍ଦିର ପରିସରରେ ଥିବା ଶିନିଶ୍ଚରଙ୍କ ମନ୍ଦିରରେ ଆଜି ଜଳାଭିଷେକ କରିବାକୁ ଆସିଥିବା ସମସ୍ତ ଭକ୍ତମାନଙ୍କ ପାଇଁ ଗିଭ ଏ ନିୟୁ ଲାଇଫ ଓଡିଶା ଆଦର୍ଶ ଯୁବ ସଂଗଠନ ପକ୍ଷରୁ ଦହିପାଣି ଓ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ହେମନ୍ତ କୁମାର ପରିଡା ଉଦଘାଟନ କରିଥିବା ବେଳେ ଉମାକାନ୍ତ କର, ଗଗନବିହାରୀ ମହାନ୍ତି, କାଳନ୍ଦୀ ରାଉତ, ଦିପ୍ତିରଞ୍ଜନ ଦାସ ଓ ଦେବେଶ କୁମାର ବେହେରା ପ୍ରମୁଖଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ମଇ ୧୨

# ଆମକୁ ବିଭାଜିତ କରୁଛି କିଏ ?



ପଙ୍କଜ କୁମାର ପାଣିଗ୍ରାହୀ

ମୁଖ୍ୟତଃ ତିନୋଟି ଗୋଷ୍ଠୀଙ୍କ ଦ୍ୱାରା ମଣିଷ ସମାଜ ବିଭାଜିତ ହୋଇ ପ୍ରତାରିତ, ନିଷ୍ପେସିତ ହୋଇଥାଏ । ସେମାନଙ୍କ କାର୍ଯ୍ୟ ଗୁଡିକ ପ୍ରତି କାହାର ନଜର ନଥିବା ବେଳେ ସମାଜରେ ଅମାନବୀୟ ଚେତନା ପ୍ରେରଣ କରି ବ୍ୟକ୍ତିଗତ ସ୍ୱାର୍ଥ ହାସଲ କରିଥାନ୍ତି ସେମାନେ । ଆମେ ସେଗୁଡିକୁ ବୁଝି ସଚେତନ / ପରିବର୍ତ୍ତନ ହେବା କେବେ... ??!

ମଣିଷ ଏକ ଉତ୍କୃଷ୍ଟ ଧରଣର ମଧ୍ୟମ ଆକୃତି ଜୀବ ଯାହାର ମସ୍ତିଷ୍କ ଅନ୍ୟାନ୍ୟ ଜୀବଙ୍କ ତୁଳନାରେ ଯଥେଷ୍ଟ ଉନ୍ନତ । ତେଣୁ ପୃଥିବୀ ପୃଷ୍ଠରେ ମଣିଷର ସ୍ଥାନ ଏକ ଉଲ୍ଲେଖନୀୟ ପରିଚୟ ସୃଷ୍ଟି କରିଛି ସମଗ୍ର ଜୀବଜଗତ ମଧ୍ୟରେ । ମସ୍ତିଷ୍କର ଭିନ୍ନତା କାରଣରୁ ସବୁ ମଣିଷ ସମାନ୍ତରାଳ ହୋଇନଥା'ନ୍ତି । ସମାଜରେ ଉଚ୍ଚ, ନୀଚ ଭାବ ସୃଷ୍ଟି ହେବାର ମୁଖ୍ୟ କାରଣ କେବଳ ମଣିଷ ମସ୍ତିଷ୍କର କାର୍ଯ୍ୟକ୍ଷମତାର ଭିନ୍ନତା ହେତୁ । ତନ୍ମଧ୍ୟରୁ କେତେକ ଉନ୍ନତ ମସ୍ତିଷ୍କ ଯୁକ୍ତ ମଣିଷ ନିର୍ବୋଧଙ୍କୁ ପ୍ରତାରିତ କରି ସ୍ୱାର୍ଥ ହାସଲ କରିବା ଦିଗରେ ଚେଷ୍ଟିତ ଅନେକ ଉପାୟ ଅବଲମ୍ବନ ପୂର୍ବକ ସମାଜକୁ ବିଭାଜିତ କରି ନିଜର କ୍ଷମତା ସାବ୍ୟସ୍ତ କରିବାରେ ଲିପ୍ତ ରହିଥିବା ଦେଖିବାକୁ ମିଳୁଛି । ଅନ୍ୟ ପକ୍ଷରେ ସେମାନଙ୍କ ସେହି ଷଡ଼ଯାନ୍ତ୍ରୀକ କୌଶଳ ଗୁଡିକ ସାଧାରଣ ନିର୍ବୋଧ ମଣିଷ ବୁଝିନପାରି ସେମାନଙ୍କ ପ୍ରରୋଚନାରେ ପ୍ରତାରଣାର ଶିକାର ହେଉଛନ୍ତି

ସମାଜରେ ମୁଖ୍ୟତଃ ତିନୋଟି ଗୋଷ୍ଠୀ ବିଭିନ୍ନତା ସୃଷ୍ଟି କରି ସାଧାରଣ ଲୋକଙ୍କ ମଧ୍ୟରେ ବିଭାଜନ, ଶାସନ ବ୍ୟବସ୍ଥା ପ୍ରଚଳନ କରିଥିଲେ ଯାହା ଏପର୍ଯ୍ୟନ୍ତ ବଳବତ୍ତର ରହିଛି । ସେଗୁଡିକୁ ବୁଝି ସର୍ବସାଧାରଣ ନିଜକୁ ମାର୍ଜିତ କରିବାରେ ସମ୍ପୂର୍ଣ୍ଣ ଅକ୍ଷମ ରହୁଥିବା ବେଳେ ସେମାନଙ୍କ ପ୍ରକୋପ ଦିନକୁ ଦିନ ଅଧିକରୁ ଅଧିକ ହେବାରେ ଲାଗିଛି । ତେଣୁ ମଣିଷ ଉନ୍ନତ ମସ୍ତିଷ୍କ ଜନିତ ସୁଖ ପାଇବା ବଦଳରେ ଅହରହ ଅଶାନ୍ତିରେ ବଂଚୁଛି । ଅଧିକ'ନ୍ତୁ ସେଗୁଡିକର ସତ୍ୟପଥ ନିଜେ ଦେଖି ନପାରିଲେ ମଧ୍ୟ କାହାଦ୍ୱାରା ପ୍ରକଟିତ ସତ୍ୟକୁ ସହଜରେ ଗ୍ରହଣ କରି ପାରୁନାହାନ୍ତି ସାଧାରଣ ନିର୍ବୋଧ । ତାହାର କାରଣ କେବଳ ସେହି ଷଡ଼ଯାନ୍ତ୍ରୀକ ବିଯୁକ୍ତାତ୍ମକ ପ୍ରେରଣା ଓ ମିଥ୍ୟା ପ୍ରରୋଚନା ଜନିତ ଭୟାବହତାର ପରିଣାମ । ପ୍ରଥମତଃ ଧର୍ମାନ୍ଧତା ସମାଜରେ ଗୋଟିଏ ଦିଗରେ ମଣିଷ ମଣିଷ ମଧ୍ୟରେ ବିଭାଜନ ସୃଷ୍ଟି କରୁଥିବା ବେଳେ ରାଜନୈତିକ ଦଳୀୟ ଚେତନା ସ୍ୱାର୍ଥନ୍ୱେଷୀ କରି ହିଂସାଭାବ ସୃଷ୍ଟି କରୁଛି ମଣିଷ ମନରେ ! ଏହି ଦୁଇ ଗୋଷ୍ଠୀଙ୍କ ସମ୍ବେଦନଶୀଳ ବିଭାଜନ ସୂତ୍ରର ସୁଯୋଗ ନେଇ ବ୍ୟବସାୟୀ, ମଣିଷ ମନରେ ଯଥେଷ୍ଟ ବିଷ ଭରିଦେଇ ଥା'ନ୍ତି ଯାହା ମଣିଷ ମଣିଷ ମଧ୍ୟରେ ପାତର ଅନ୍ତର ସୃଷ୍ଟି କରୁଛି କେବଳ ଧନର ପ୍ରଭାବ କାରଣରୁ । ଅର୍ଥାତ ଏହି ତିନୋଟି ସମ୍ପ୍ରଦାୟର ଚତୁର ମଣିଷ ସମୂହ ବିଭିନ୍ନ ସୂତ୍ରରେ ବାନ୍ଧି ସାଧାରଣ ନିର୍ବୋଧଙ୍କୁ ଏମିତି ସ୍ୱର୍ଗ ଦେଖାଇବାରେ ବ୍ୟସ୍ତ ଯାହା ସତ୍ୟ ନୁହେଁ, କି'ନ୍ତୁ ପ୍ରତ୍ୟକ୍ଷରେ ସେଗୁଡିକ ହିଁ ସର୍ବେସର୍ବା ବୋଲି ଭାବୁଛନ୍ତି ନିର୍ବୋଧ । ସତ୍ୟର ଅନୁସନ୍ଧାନ କହିଲେ କେବଳ ସେମାନଙ୍କ ମିଥ୍ୟା ପ୍ରରୋଚନା ଗୁଡ଼ିକୁ ଅନୁସନ୍ଧାନ / ଆନ୍ଦୋଳିତ କରିବା ବୋଲି ବୁଝୁଛନ୍ତି ସାଧାରଣ ମଣିଷ ସମୂହ ! ଏହି ମର୍ମରେ ଉପଲବ୍ଧ ବିଭିନ୍ନ ଦୃଶ୍ୟ ଶ୍ରାବ୍ୟ ମନ୍ତବ୍ୟ ତଥା ଅଯୌକ୍ତିକ ବକ୍ତବ୍ୟ ଗୁଡିକୁ ଦୋହରାଇ ଜଣେ ଜ୍ଞାନିର ମାନ୍ୟତା ଦେବାରେ ବ୍ୟସ୍ତ ସମସ୍ତେ ନିଜକୁ ନିଜେ । ସାଧାରଣ ମଣିଷଙ୍କ ଏହିଭଳି ବିଚାର ଦେଖି ଦିନକୁ ଦିନ ସେମାନେ ପର୍ଯ୍ୟାପ୍ତ ପରିମାଣର ମିଥ୍ୟା, ଅବାନ୍ତର, ଅଯୌକ୍ତିକ, ଅନାବଶ୍ୟକ ତଥ୍ୟ ଗୁଡିଏ ସମାଜରେ ବିତରଣ କରି ଏମାନଙ୍କୁ ଅନ୍ଧ କରି ରଖିବା ସହିତ ନିଜସ୍ୱ ସ୍ୱାର୍ଥ ହାସଲ କରିବାରେ ଯଥେଷ୍ଟ ସମର୍ଥ ହେଉଛନ୍ତି ।

ସାଧାରଣ ମଣିଷ ସମୂହ କୌଣସି ଆଲୋଚନା / ଶିକ୍ଷା ଶିବିର କିମ୍ବା କର୍ମଶାଳା କରିବା ନମୁନା ଆଦୌ ଦେଖିବାକୁ ମିଳୁନାହିଁ ଆମ ସମାଜରେ ! ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟାରେ ସଭା ସମିତି, ଆସର, ତଥା ପୁରସ୍କାର ବିତରଣ ଉତ୍ସବ ପାଳନ କରାଯାଉଥିବା ଦେଖିବାକୁ ମିଳୁଛି ଆମ ସମାଜରେ ଯାହା ସବୁ ସମ୍ପୂର୍ଣ୍ଣ ମୂଲ୍ୟହୀନ ! କାରଣ ସେଇଠି କେବଳ ମିଥ୍ୟା ପ୍ରତିଭା ଉପରେ ଆଲୋଚନା ସମାଲୋଚନା ସହିତ କିଛି ମିଥ୍ୟା ପ୍ରତିଭାଧାରୀଙ୍କୁ ସମ୍ମାନ ପୁରସ୍କାର ପ୍ରଦାନ କରାଯାଇଥାଏ ଯାହାଙ୍କ କୌଣସି ମୂଲ୍ୟବୋଧ ଭିତ୍ତିକ ସାମାଜିକ ସାମୁହିକ ଅବଦାନ ନଥାଏ । ସତ୍ୟର ଅନୁସନ୍ଧନ କରିବା କ୍ଷମତା ରହିତ ମଣିଷ ସମସ୍ତେ ଆଜି ସମୟରେ ଯେ ସତ୍ୟଗ୍ରାହୀ, ସତ୍ୟାଚାରି ଅନୁଷ୍ଠାନ କରିବ ଆବା କିଏ ?

ସତ୍ୟର ପଥ ଅନୁସନ୍ଧାନ ନକରି କେବଳ ସାମାଜିକ କୁହେଳିକା ମାଧ୍ୟମରେ ଆମେ ସବୁକିଛି ଜାଣିଗଲେ ବୋଲି ଯାହା ଭାବୁଛେ ସେସବୁ ଗୁଡିକ କେବଳ ୯୯ ଶତକଡା ମିଥ୍ୟା ହୋଇଥିବା ବେଳେ ୧ ଶତକଡା ସତ୍ୟକୁ ନେଇ ଆମେ କି ମାନବିକ ଚେତନା ଜ୍ଞାନ ପାଇବା ?! ତେଣୁ ମଣିଷ ଆଜି ନିଜ ନିଜ ମଧ୍ୟରେ ବିଭାଜିତ ପ୍ରାଚୀର ଛିଡ଼ାକରି ଅହରହ ଅଶାନ୍ତିରେ ବଂଚୁଥିବା ବେଳେ ସେହି ଷଡ଼ଯନ୍ତ୍ରକାରୀ ଗୋଷ୍ଠୀ ଯଥେଷ୍ଟ ସ୍ୱାର୍ଥ ହାସଲ କରିବାରେ ସମର୍ଥ ହେଉଛନ୍ତି । ସେମାନଙ୍କ ପ୍ରତ୍ୟେକ କଥାକୁ ଅନ୍ଧ ଭଳି ଗ୍ରହଣ ନକରି କେବଳ ଅନୁସନ୍ଧାନ ମୂଳକ ସତ୍ୟର ଉପସ୍ଥାପନ କରାଗଲେ ମଣିଷ ବୁଝିପାରିବ ଯେ କେମିତି ପ୍ରତାରିତ ହୋଇ ରହି ଆସୁଅଛେ ଆମେ ସମସ୍ତେ କାଳ କାଳ ଧରି । ସେ ପର୍ଯ୍ୟନ୍ତ କୌଣସି ସୁଖ ଶାନ୍ତି ପାଇବା ସମ୍ଭବ ନୁହେଁ ଯେ ପର୍ଯ୍ୟନ୍ତ ଆମେ ସମାଜର ପ୍ରତ୍ୟେକ ବିଷୟକୁ ତନ୍ନ ତନ୍ନ କରି ପରୀକ୍ଷା ନକରି ଗ୍ରହଣ କରୁଛେ । ଆଜିର ଯୁବକ କାଲିର ଭବିଷ୍ୟତ । ଏସବୁ ଷଡ଼ଯନ୍ତ୍ର ଗୁଡିକ ପ୍ରତି ସଚେତନ ହୁଅନ୍ତୁ ଏବଂ ନିଜକୁ ଦେଶର ଜଣେ ଜାଗ୍ରତ ନାଗରିକ ଭାବେ ଗଢି ତୋଳିବାକୁ ପ୍ରୟାସ କରନ୍ତୁ ଯାହା ଆଜି ସମୟର ଏକ ଜଟିଳ ଆହ୍ୱାନ । ଏହାକୁ ସ୍ୱୀକାର ପୂର୍ବକ ଆଗକୁ ବଢିବାକୁ ହେବ । ଆସନ୍ତୁ ଏକ ସମ୍ମିଳନୀ କରିବା ଏବଂ ସମସ୍ତେ ମିଶି ଜୀବନର ସତ୍ୟର ଅନୁସନ୍ଧାନ କରି ନିଜକୁ ମଣିଷ ଭଳି ଗଢି ତୋଳିବା ।

ଶିକ୍ଷା ଏକ କୌଶଳ ପ୍ରଦାନକାରୀ ବ୍ୟବସ୍ଥା ଯାହା ମଣିଷକୁ ରୋଜଗାର ଦେଇଥାଏ । କେବଳ ରୋଜଗାର କରି ଯଥେଷ୍ଟ ଧନ ଅର୍ଜନ ପୂର୍ବକ ନିଜକୁ ସମାଜରେ ଉଚ୍ଚ ସ୍ଥାନିତ କରିବା ଏକ ସମୟ ସାପେକ୍ଷ କୁହେଳିକା ହୋଇପାରେ, କି'ନ୍ତୁ ତାହା ମଣିଷକୁ ମାନବୀୟ ଆଚାର, ବ୍ୟବହାର ଶିଖାଇ ପାରିବ ନାହିଁ । ତେଣୁ ସ୍ୱାର୍ଥନ୍ୱେଷୀ ତାହାର ସୁଯୋଗ ନେଇ ବିଭିନ୍ନ ମିଥ୍ୟା, ଅଲୌକିକ ବିଷୟ ଗୁଡିଏ ଭରିଦେଇ ଶିକ୍ଷିତ, ଅଶିକ୍ଷିତ ତଥା ସମସ୍ତ ବର୍ଗର ମଣିଷଙ୍କୁ ବିଭାଜିତ କରି ଚଳାଇଛନ୍ତି ନିଜର ରାଜତନ୍ତ୍ର ଯାହା ଆମକୁ ବୁଝିବାକୁ ହେବ । ଅନ୍ୟଥା ନିଜ ନିଜ ମଧ୍ୟରେ ଅନ୍ତର ସୃଷ୍ଟି କରି ମଣିଷ ଏକ ପଶୁ ଭଳି ବଂଚିବା ଛଡା କେବେହେଲେ ଆନନ୍ଦ ପାଇପାରିବ ନାହିଁ କି ମଣିଷ ଭଳି ମଣିଷ ଜୀବନ ବଂଚିବା ସୁଯୋଗ ପାଇପାରିବ ନାହିଁ । ମାନବୀୟ ଚରିତ୍ରରେ ନିଜକୁ ସମ୍ଭୂଷିତ ନକରି ଜୀବନ ତ୍ୟାଗ କରିବା ମଣିଷକୁ ମଣିଷ ବୋଲି କୁହାଯାଉଥିଲେ ମଧ୍ୟ ସେ ବାସ୍ତବରେ ପ୍ରକୃତ ମଣିଷ ନୁହେଁ । ଏକ କ୍ଷମତା ସମ୍ପନ୍ନ ପ୍ରାକୃତିକ ଜୀବ ଭାବେ ପରିଗଣିତ ଯାହାର ଜୀବନରେ ପ୍ରାକୃତିକ ଆନନ୍ଦ ଉପଲବ୍ଧ କରିବା ସମ୍ଭବ ହେବ ନାହିଁ । ତେଣୁ ନିଜକୁ ମଣିଷ ଭଳି ବଂଚିବାକୁ ହେଲେ କିଛି ମାନବୀୟ ଚରିତ୍ର ଶିକ୍ଷା କରିବା କେବଳ ଆଦାନ ପ୍ରଦାନ କରି ଯାହା ସାମୁହିକ ସମ୍ମିଳନୀ ମାଧ୍ୟମରେ ସମ୍ଭବ ହେବ ଯାହାକୁ ଆମେ ଏକ ସଂସ୍କରୀ ଶିବିର ବୋଲି କହି ପରିବା । ଆପଣ ଯଦି ଆମ ସହିତ ଏକମତ, ତାହେଲେ ଆଜିଠାରୁ ଏହାର ଆୟୋଜନ ବ୍ୟବସ୍ଥା କରାଯାଉ ବୋଲି ଆମ ବିଚାରରେ ଆପଣଙ୍କ ସହମତି ପ୍ରଦାନ କରିବେ ବୋଲି ଆଶା । ସମସ୍ତ କୁହେଳିକା ଜନିତ ମିଥ୍ୟାକୁ ବର୍ଜନ ପୂର୍ବକ କେବଳ ବାସ୍ତବ ସତ୍ୟର ଅନୁସନ୍ଧାନ ଆମର ଲକ୍ଷ... !

*ସୋସିଆଲ ଫୋରମ (ଭାରତ)*
*ଛତ୍ରପୁର, ଗାମ-୭୬୧୦୨୦*
*ଦୂରଭାଷ.: ୯୪୩୭୩୨୪୯୧୭*

# ଶରତ ପୂଜାରୀ



ଅନୁପମା ଭୂୟାଁ

କେବଳ ଓଡ଼ିଆ ଚଳଚ୍ଚିତ୍ର ନୁହେଁ ସର୍ବଭାରତୀୟ ଆଞ୍ଚଳିକ ଭାଷାଭାଷୀ ଚଳଚ୍ଚିତ୍ରରେ ନିଜ ଅଭିନୟ ପାରଦର୍ଶିତା ଓ ସଫଳ ନିର୍ଦ୍ଦେଶନାମାକୁ ନେଇ ଯେଉଁ କତିପୟ ଓଡ଼ିଆ, ଓଡ଼ିଆ ସିନେ ଜଗତକୁ ସର୍ବଭାରତୀୟସ୍ତରରେ ଲୋକପ୍ରିୟତାକୁ ଶୀର୍ଷକୁ ପହଞ୍ଚାଇବାରେ ସଫଳ ହୋଇଥିଲେ ତାଙ୍କ ଭିତରୁ ଶରତ ପୂଜାରୀ ଅନ୍ୟତମ । ସେ ଶ୍ରୀ ଶ୍ରୀ ମହାଲକ୍ଷ୍ମୀ ପୂଜା ଚଳଚ୍ଚିତ୍ରରୁ ନିଜ ଅଭିନୟ ଜୀବନ ଆରମ୍ଭ କରିଥିଲେ । ରାଷ୍ଟ୍ରପତି ପୁରସ୍କାର ପାଇଥିବା ତାଙ୍କ ଶ୍ରେଷ୍ଠ ଅଭିନୟର ଯାଦୁ ସେ ଦେଖାଇଥିଲେ 'ଜୀବନସାଥୀ, ସାଧନା, ମାଟିର ମଣିଷ, ଅରୁନ୍ଧତୀ ପ୍ରଭୃତି' ଅନେକ ହୁଏତ ଜାଣିନଥିବେ ତାଙ୍କ ଅଭିନୀତ କିଏ କାହାର ସିନେମା କଟକର ବିଭିନ୍ନ ପ୍ରେକ୍ଷାଳୟରେ କ୍ରମାନ୍ୱୟରେ ୧୦୦ଦିନ ଚାଲି ରେକର୍ଡ଼ ସୃଷ୍ଟି କରିଥିଲା । ତାଙ୍କ ନିର୍ଦ୍ଦେଶିତ ତଅପୋଇ, ଅଶାନ୍ତ ଗ୍ରହ ଓ ଅସ୍ତରାଗ କଥାଚିତ୍ର ଦର୍ଶକଙ୍କୁ ପ୍ରଭାବିତ କରିଥିଲା । ତାଙ୍କ ଅଭିନୀତ ଶେଷ କଥାଚିତ୍ର ଥିଲା ପୂଜା ପାଇଁ ଫୁଲଟିଏ ଯାହାକି ୨୦୦୭ରେ ମୁକ୍ତିଲାଭ କରିଥିଲା ଓ ଏହା ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଏହା ବେଶ ସଫଳତା ପାଇଥିଲା । କା, ଭୂଖା, ଦୃଷ୍ଟି, ଅରଣ୍ୟ ରୋଦନ, ଆରଣ୍ୟକ, ଶେଷଦୃଷ୍ଟି, ସତମିଛ ପ୍ରଭୃତି ପ୍ରାୟ ୫୦ରୁ ଅଧିକ କଥାଚିତ୍ରରେ ଅଭିନୟ କରିଥିବା ଶରତ ପୂଜାରୀ ୭୫ରୁ ଅଧିକ ନାଟକରେ ନିର୍ଦ୍ଦେଶନା ଦେଇଥିଲେ । ସାହିତ୍ୟ, କଳା ଓ ସିନେ ଜଗତକୁ ନିଜର ଅବଦାନ ପାଇଁ ଅନେକ ପୁରସ୍କାର ଓ ସମ୍ମାନର ସେ ଅଧିକାରୀ ହୋଇଛନ୍ତି । ଏହି ପ୍ରଖ୍ୟାତ ଅଭିନେତା ଓ ନିର୍ଦ୍ଦେଶକ ୧୯୮୫ରେ ଜୟଦେବ ପୁରସ୍କାର, ୨୦୦୭ରେ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ, ୨୦୧୦ରେ କାଦମ୍ବିନୀ ସମ୍ମାନ,୨୦୧୧ରେ ହେମନ୍ତ ଦାସ କଳା ସମ୍ମାନ, ୨୦୧୨ରେ ସିନେ ଆର୍ଟିଷ୍ଟ ଆସୋସିଏସନ ପୁରସ୍କାର ପ୍ରଭୃତି ।

୧୯୩୪ ମସିହାରେ ଜନ୍ମ ଗ୍ରହଣ କରିଥିବା ନୟାଗଡ଼ର ଏହି ଅଭିନୟର ହୀରା ପିଲାବେଳୁ ଜଣେ ମେଧାବୀ ଛାତ୍ର ଥିଲେ, ବାଲ୍ୟଶିକ୍ଷା ପରେ ସେ ଅର୍ଥନୀତିରେ ସ୍ନାତକ ଶିକ୍ଷା ପାଇଥିଲେ । ୧୯୫୬ରେ ଚିତ୍ରାଙ୍କନରେ ଆହ୍ଲାବାଦ ବିଶ୍ୱବିଦ୍ୟାଳୟରେ ଡିପ୍ଲୋମା କରିଥିଲେ । ୧୯୫୯ରେ ସେ କର୍ମମୟ ଜୀବନ ଭାବରେ ଅର୍ଥନୀତିର ଅଧ୍ୟାପକ ଭାବେ ବରଗଡ଼ ପଞ୍ଚାୟତ କଲେଜରେ ଯୋଗ ଦେଇଥିଲେ । ମାତ୍ର ପରବର୍ତ୍ତୀ ସମୟରେ ସେ ଏହି ଚାକିରୀ ପରିତ୍ୟାଗ କରି ୧୯୬୬ରେ ତାପଙ୍ଗ ଲାଇଟ୍ ଫାଉଣ୍ଡରୀରେ କିଛି ବର୍ଷ କାର୍ଯ୍ୟ କରିଥିଲେ । ତେବେ ଅଧ୍ୟାପନା ନିଶା ତାଙ୍କ ଭିତରୁ ତୁଟି ନଥିଲା । ଏହାପରେ ଲରମ୍ଭା କଲେଜରେ ଅଧକ ହେବାର ସୌଭାଗ୍ୟ ତାଙ୍କୁ ମିଳିଥିଲା । ସେ ୧୯୯୨-୧୯୯୪ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧକ୍ଷ ଦାୟିତ୍ୱ ସେ ବହନ କରିଥିଲେ ଓ ତାଙ୍କ ସମୟରେ ଅନେକ ଉଲ୍ଲେଖନୀୟ ପ୍ରଗତି ଏହି ଅନୁଷ୍ଠାନ ହାସଲ କରିଥିଲା । ୨୦୧୧ରୁ ୨୦୧୪ ପର୍ଯ୍ୟନ୍ତ ସେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ସଭାପତି ପଦରେ ଥିଲେ । ଜୀବନବ୍ୟାପୀ ସାହିତ୍ୟ, କଳା ସାଧନାରେ ବ୍ରତୀ ଶରତ ପୂଜାରୀଙ୍କର ୨୦୧୪ ମସିହା ମେ ୧୨ ତାରିଖ ଦିନ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ତାଙ୍କ ଅମ୍ଲାନ ଆତ୍ମା ପ୍ରତି ସ୍ମୃତି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ ।

'ସାଇବିଥି' ୭ଡି/୧୩୫୪,
ସେକ୍ଟର-୯, ସିଡିଏ, କଟକ

# ଗୋଟିଏ ସକାଳ ମୋ ପୁଅ ସହିତ



ଅନୀତା ପଟ୍ଟନାୟକ

ଦିନେ ମୋ ପୁଅ କେତେକ ଅଜବ ପ୍ରଶ୍ନ ଧରି ତାର ଉତ୍ତର ମୋଠାରୁ ଚାହିଁଲା । ମୋର ସ୍ୱଳ୍ପ ବୁଦ୍ଧିମତେ ମୁଁ ତାର ଉତ୍ତରଗୁଡ଼ିକ ରଖିଲି । କିନ୍ତୁ ଆଜି ପର୍ଯ୍ୟନ୍ତ ମୁଁ ଜାଣିପାରେ ନାହିଁ ଯେ ସେ ଉତ୍ତରଗୁଡ଼ିକ ସବୁ ଠିକ୍ ନା ଭୁଲ୍ । ପୁଅର ପ୍ରଥମ ପ୍ରଶ୍ନ ଥିଲା ମା'କୁ ଧରିତ୍ରୀ ସହିତ କାହିଁକି ତୁଳନା କରାଯାଇଛି । ମା' ପାଖରେ ଏପରି କ'ଣ ବିଶେଷତ୍ୱ ଅଛି ଯାହା ଅନ୍ୟ କାହା ନିକଟରେ ନାହିଁ । ମୁଁ ଏହାର ଉତ୍ତର ରଖି କହିଥିଲି ପିତା କୁପିତା ହୋଇପାରେ । ଭଗ୍ନୀ କୁଭଗ୍ନୀ ହୋଇପାରେ, ଭ୍ରାତା କୁଭ୍ରାତା ହୋଇପାରେ, କିନ୍ତୁ ଜଣେ ମାତା କେବେ ବି କୁମାତା ହୋଇନପାରେ । ଧରିତ୍ରୀ ପରି ସେ ସର୍ବଂସହା । ଧରିତ୍ରୀରୁ ଉତ୍ପାଦିତ ଖାଦ୍ୟଶସ୍ୟ ମନୁଷ୍ୟ ଭକ୍ଷଣ କରି ତା'ର ଜୀବନଯାପନ କରେ । ଧରିତ୍ରୀର ବକ୍ଷକୁ କ୍ଷତବିକ୍ଷତ କରିଦେଲେ ମଧ୍ୟ ସେ ମନୁଷ୍ୟର ବିରୁଦ୍ଧାଚରଣ କରିନଥାଏ । ମା' ଏକ ବିଶେଷ ସ୍ଥାନ ଏ ପୃଥିବୀରେ ଗ୍ରହଣ କରିଥାଏ । କାରଣ ମା' ହିଁ ଭଗବାନ ଯେତେବେଳେ ଅବତାର ଗ୍ରହଣ କରନ୍ତି, ମହାପୁରୁଷମାନେ ଜନ୍ମଗ୍ରହଣ କରିଥାନ୍ତି, ସେତେବେଳେ ସେ ତାଙ୍କୁ ନିଜର ଗର୍ଭରେ ଧାରଣ କରିଥାଏ । ଏପରି କାର୍ଯ୍ୟ ସମାପନ କରିବାପାଇଁ ସେଇ ମା'କୁ ହିଁ ବାଛିଛନ୍ତି ଓ ଅଧିକାର ପ୍ରଦାନ କରିଛନ୍ତି ।ପୁଅର ଦ୍ୱିତୀୟ ପ୍ରଶ୍ନ ଥିଲା, ଏ ପୃଥିବୀ ଆନନ୍ଦଦାୟୀ ନା ଭୟଙ୍କର । ମୁଁ ଏହାର ଉତ୍ତରରେ କହିଥିଲି, ପୃଥିବୀ ସେତେବେଳେ ଆନନ୍ଦମୟ, ଯେତେବେଳେ ପ୍ରତ୍ୟେକ ବ୍ୟକ୍ତି ସେମାନଙ୍କର କାର୍ଯ୍ୟ ସଠିକ ଭାବେ ପରିଚାଳନା କରନ୍ତି । ଏ ପୃଥିବୀ ସେତେବେଳେ ବିପଦଜନକ ହୋଇଉଠେ ଯେତେବେଳେ ଭଗବାନଙ୍କଠାରୁ ସୃଷ୍ଟ ପଦାର୍ଥଗୁଡ଼ିକ ସଠିକ୍ ଭାବେ ନିଜର କାର୍ଯ୍ୟ, କର୍ତ୍ତବ୍ୟକୁ ପାଳନ କରିନଥାନ୍ତି । ଏହାର ଏକ ଉଦାହରଣ ନିଆଯାଇପାରେ । ଭଗବାନ ଏ ପୃଥିବୀକୁ ସୌହାର୍ଦ୍ଦପୂର୍ଣ୍ଣ ବାତାବରଣ ମାଧ୍ୟମରେ ରହିବାପାଇଁ ଦେଇଛନ୍ତି । ମନୁଷ୍ୟ ଏହାକୁ ଭାଗଭାଗ କରି ସୀମାରେଖା ସୃଷ୍ଟିକରି ଦେଶ, ଜାତି, ଧର୍ମ, ଲିଙ୍ଗ ନାମରେ ବାଛି ଦେଇଛି ଓ ପରସ୍ପର ମଧ୍ୟରେ ସ୍ୱାର୍ଥକୈନ୍ଦ୍ରିକ ଯୁଦ୍ଧ ସୃଷ୍ଟି କରୁଛି । ଆମେ ଯୁଦ୍ଧ କରୁଥିବା ସମୟରେ ପୃଥିବୀ ବିପଦଜନକ ହୋଇଉଠିଛି । ତେଣୁ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର କର୍ତ୍ତବ୍ୟ ଭଗବାନଙ୍କୁ ସ୍ମରଣ ରଖି ସଠିକ୍ ରୂପେ କରିପାରିଲେ, ଏ ପୃଥିବୀ ଆନନ୍ଦମୟ ହୋଇପାରିବ ନଚେତ ଏହା ଭୟଙ୍କର ପରିଲକ୍ଷିତ ହେବ । ସେହିପରି ପିତା, ପୁତ୍ର, ବୋହୂ, କନ୍ୟା, ଗୁରୁଙ୍କ ସମ୍ବନ୍ଧରେ ସଚେତନ ହେବା ଉଚିତ୍ । ଏହାପରେ ତା'ର ପ୍ରଶ୍ନ ଥିଲା ମାନବ ଶବ୍ଦର ଅର୍ଥ କ'ଣ ? ମୁଁ ତାକୁ ଉତ୍ତରରେ କହିଥିଲି, ମା + ନବ = ମାନବ । ଅର୍ଥାତ୍ ଯାହା ନୂଆ ନୁହେଁ । ମା' ଅର୍ଥ 'ନୁହେଁ' ନବ ଅର୍ଥ 'ନୂଆଁ' ।ମା + ନ = ବ । ମା' ଶବ୍ଦର ଅର୍ଥ ଅଜ୍ଞାନତା । 'ନ' ଶବ୍ଦର ଅର୍ଥ ବିନା 'ବ' ଶବ୍ଦର ଅର୍ଥ କର୍ମ କରିବ । ତେଣୁ ମାନବ ଶବ୍ଦର ଅର୍ଥ ହେଲା ଯେ ଅଜ୍ଞାନତା ବିନା କର୍ମ କରେ । ମନୁଷ୍ୟର ଜୀବନ ଭଗବାନଙ୍କର ଉପହାର । ସେ ଏହି ଉପହାରଟିକୁ ଫେରସ୍ତ ଉପହାର ଭାବେ ସମସ୍ତଙ୍କ ମଧ୍ୟରେ ଭଗବାନ ଅଛନ୍ତି । ଏହି ବିଶ୍ୱାସ ରଖି ସମସ୍ତଙ୍କର ସେବା କରି ଏହା ଫେରାଇଦେବା ଉଚିତ । ଏପରି ନ କରିବା ମନୁଷ୍ୟ ଶରୀରର ଏକ ବ୍ୟର୍ଥତା । ଆଜିକାଲିର ମନୁଷ୍ୟ ତିଳେ ନଥିବା ସୁଖ ଧନ ପଛରେ ଧାଇଁ ନିଜର ଜୀବନକୁ ତିଳତିଳ କରି ବ୍ୟର୍ଥ କରୁଛି । ସେ ଚୋର ଭୟ, ଶଂସୟ, ସନ୍ଦେହ ମଧ୍ୟରେ ଜୀବନ ବିତାଉଛି ।ପୁଅର ଶେଷ ପ୍ରଶ୍ନଟି ଥିଲା ଭଗବାନ ସକଳ ଶକ୍ତିର ଆଧାର । ଏ କଥାଟିକୁ ମୁଁ ଭୁଲିଯାଉଛି କାହିଁକି ? ମୁଁ କାହିଁକି ଭୁଲିଯାଉଛି ଯେ ଭଗବାନ ହିଁ ମୂଳ ଉତ୍ସ । ତୁମର ଉତ୍ତରଗୁଡ଼ିକରୁ ମୁଁ ଆଜି ବୁଝିପାରିଛି ଭଗବାନ ହିଁ ସକଳ ଶକ୍ତିର ଆପାର । ମୁଁ ପୁଅକୁ କୁଣ୍ଢାଇ ପକାଇ କହିଲି ହଁ ସେ ପୁଅ ଆମେ କେହି ଅନାଥ ନୁହେଁ, ଆମେ କେହି ଗରୀବ ନୁହେଁ, ଆମେ ସମସ୍ତେ ଭଗବାନଙ୍କ ଉତ୍ସ । ଧନୀ ଓ ଶକ୍ତିମାନ । ଆମେ ହିଁ ଆତ୍ମା । ଯେଉଁ ଉତ୍ସରୁ ଆମେ ଜାତ ଯେ ଯେତେବେଳେ ଧନୀଠାରୁ ମଧ୍ୟ ଧନୀ ଆମେ ଗରୀବ ହେବା କିପରି ? ତୁମେ ସମସ୍ତଙ୍କ ମଧ୍ୟରେ ଭଗବାନଙ୍କୁ ଦେଖ ଓ ଏକତ୍ୱ ଅନୁଭବ କର । ତେଣୁ ଫୁଲ ଅନେକ, ପୂଜା ଏକ । ସମୁଦ୍ର, ନଦୀ ଅନେକ କିନ୍ତୁ ଜଳ ଏକ । ଉତ୍ତାପ ଅନେକ କିନ୍ତୁ ଅଗ୍ନି ଏକ । ଏହାକୁ ତୁମେ ଅନୁଭବ କର ।

ଅବସରପ୍ରାପ୍ତ ପ୍ରଧାପିକା, ସିଡ଼ିଏ, କଟକ,
ଦୂରଭାଷ : ୯୬୯୨୯୮୦୦୨୬

# ବିପର୍ଯ୍ୟସ୍ତ ଅର୍ଥନୀତି ଦେଶ ପାଇଁ ଶୁଭଙ୍କରୀ ନୁହଁ



ଉମାଶଙ୍କର ପ୍ରସାଦ

ଦିନକୁ ଦିନ ଆମ ଦେଶର ଅର୍ଥନୀତୀ ବିପର୍ଯ୍ୟୟ ହେବାରେ ଲାଗିଛି ଯାହା ଦେଶ ପାଇଁ ଶୁଭଙ୍କରୀ ନୁହଁ । ଚଳିତ ବର୍ଷ ୨୦୨୨-୨୦୨୩ ଶେଷବେଳକୁ ଭାରତର ସାମଗ୍ରିକ ଅଭିବୃଦ୍ଧି ହାର ୬.୫% ପାଖାପାଖି ରହିବ ବୋଲି ଅର୍ଥଶାସ୍ତ୍ରୀମାନେ ଆକଳନ କରିଛନ୍ତି । ଏଥିସହିତ ଦେଶରେ ଲାଗି ରହିଥିବା ଦରବୃଦ୍ଧି ସରକାରଙ୍କ ଆୟତ ବାହାରକୁ ଚାଲିଯାଇଛି । ଟଙ୍କାର ମୂଲ୍ୟ କ୍ଷୀପ୍ର ଭାବରେ ତଳକୁ ଖସି ଅନ୍ତର୍ଜାତୀୟ ବଜାରରେ ଗୋଟିଏ ଆମେରିକୀୟ ଡଲାର ପ୍ରତି ୮୩ ଟଙ୍କାରେ ପହଂଚିଲାଣି । ଏହା ଅଳ୍ପ କିଛି ମାସ ମଧ୍ୟରେ ୮୫ ଟଙ୍କାରେ ପହଞ୍ଚିବାର ଆକଳନ ଅର୍ଥନିତିଜ୍ଞ ମାନେ କରୁଛନ୍ତି । ଭରତର ସଂରକ୍ଷିତ ମୁଦ୍ରାଭଣ୍ଡାର ଦିନକୁ ଦିନ କ୍ଷୟ ହେବାରେ ଲାଗିଛି । ଯଦି କୌଣସି କାରଣରୁ ଭାରତ ସୀମାନ୍ତ ବିଦ୍ରୋହ ବା ପଡୋଶୀ ଦେଶ ସହ ଯୁଦ୍ଧରେ ଲିପ୍ତ ହୋଇଗଲା ତେବେ ଦେଶର ଅର୍ଥନୀତି ଧରାଶାୟୀ ହେବା ସୁନିଶ୍ଚିତ । ବର୍ତ୍ତମାନ ସମୟରେ ଯେଉଁ ବିପର୍ଯ୍ୟୟ ଦେଖାଦେଇଛି ତାର କାରଣ ତଥା ତାର ନିରାକରଣର ବାଟ ନଖୋଜି ସରକାର ନିଜ ପିଠି ନିଜେ ଥାପୁଡେଇ ବାଃ ବାଃ ସାଉଂଟିବାରେ ଲାଗିଛନ୍ତି । ନିର୍ବାଚନ ଯେତିକି ନିକଟତର ହେବାରେ ଲାଗିଛି ସରକାରଙ୍କ ପ୍ରଶଂସା ସାଉଁଟିବା ସେତିକି ପ୍ରଶସ୍ଥ ହେବାରେ ଲାଗିଛି । ଏହାର ପରିଣାମ ପାଇଁ ଦାୟୀ ସରକାରଙ୍କ ର ଅର୍ଥମନ୍ତ୍ରୀ ସୀତାରମଣ, ନିୟନ୍ତ୍ରଣ ହରାଇଥିବା ରିଜର୍ଭ ବ୍ୟାଙ୍କର କର୍ମକର୍ତ୍ତା, ସରକାରଙ୍କର ଅର୍ଥମନ୍ତ୍ରଣାଳୟ ଗୋଟିକ ପରେ ଗୋଟିଏ ବିବୃତ୍ତି ରଖି ଚାଲିଛନ୍ତି, 'ଦେଶରେ ଟଙ୍କା ମୂଲ୍ୟ ହ୍ରାସ ନୁହେଁ ଆନ୍ତର୍ଜାତିୟ ମୁଦ୍ରା ଡଲାର ଶକ୍ତ ହେବାରେ ଲାଗିଛି । ବିମୁଦ୍ରାୟନ ହେତୁ ଦେଶରେ ଟିକସ ସଂଗ୍ରହ ବୃଦ୍ଧି ଘଟିଛି । ବିଶ୍ୱ ଆର୍ଥିକ ବ୍ୟବସ୍ଥା ଖରାପର ପ୍ରଭାବ ଭାରତ ଉପରେ ପଡିଛି ।' ଅନ୍ୟଦେଶ ତୁଳନାରେ ଭାରତର ଅଗ୍ରଗତି ହାର ବଢିଛି । ବିଶ୍ୱ ଅର୍ଥନୀତିରେ ଅଭିବୃଦ୍ଧିହାର ୨.୩୫% ରହିବ ବୋଲି କଳନା କରାଯାଉଥରଲା ବେଳେ ଭାରତର ଅଭିବୃଦ୍ଧି ହାର ୬.୫% ରହିବାର ଆକଳନ କରାଯାଇଛି । ଅର୍ଥାତ ଶ୍ରେଣୀରେ ଫେଲ ହେଲେବି ପିଲା ପ୍ରଥମ ହେବାର ଆସ୍ଫାଳନ ଦେଖାଉଛନ୍ତି । ସ୍ଥିତର ବିଶ୍ଲେଷଣ ନକରି ଯାହା ସବୁ କୁହା ଯାଉଛି ସେ ସବୁ ଯେତିକି ଅବାସ୍ତବ ସେତିକି ହାସ୍ୟାସ୍ପଦ । ଭାରତର ଅର୍ଥନୀତି ଭୁଷୁଡିବାରେ ଲାଗିଛି । ନିରନ୍ତର ମୁଦ୍ରାସ୍ଫୀତି ଓ ବଜାର ଦର ବୃଦ୍ଧି ପାଇ ଅଣାୟତ ହେବାରେ ଲାଗିଛି । ଭାରତ ରିଜର୍ଭବ୍ୟାଙ୍କ ଏହା ବିରୁଦ୍ଧରେ ଲଗାତାର ଲଢେଇ ଚାଲୁ ରଖିଥିବା ସହିତ ବଜାରକୁ ଅର୍ଥ ଛାଡିବା ବନ୍ଦ କରି ଚାଲିଛି । ତଥାପି ଦେଶରେ ଖୁଚୁରା ଖୁଚୁରା ମୁଦ୍ରାସ୍ଫିତି ହାର ନିର୍ଦ୍ଧାରିତ ଲକ୍ଷ ୬% ରୁ ଅଧିକ ୭.୪% ରହିଥିବା ଦେଖାଯାଉଛି । ଦେଶରେ ଟଙ୍କାର ମୂଲ୍ୟ ଦୃତଗତିରେ ହ୍ରାସ ପାଉଛି । ଅନ୍ତର୍ଜାତୀୟ ମୁଦ୍ରା ବଜାରରେ ଡଲାର ପିଛା ୮୩ ଟଙ୍କାରେ ପହଞ୍ଚି ସାରିଲାଣି ଏଭଳି ସମୟରେ ଆମ କେନ୍ଦ୍ରମନ୍ତ୍ରୀ ସୀତାରମଣ ଦେଇଛନ୍ତି, " ଟଙ୍କା ଦୁର୍ବଳ ନୁହେଁ , ଡଲାର ସବଳ ହୋଇଛି" । ଏହା ବାସ୍ତବିକ ଭାବରେ ସତ୍ୟ ଯେ ଭାରତୀୟ ମୁଦ୍ରା ଟଙ୍କାର ମୂଲ୍ୟ କମିଛି । ବିଶ୍ୱ ବଜାରରେ ୧୯୭୧ ମସିହାରୁ ଡଲାରର ଅପ୍ରତିଦ୍ୱନ୍ଦୀ ରାଜୁତି ଥିଲେ ମଧ୍ୟ ସବୁ ଦେଶ ତଥା ଜାପାନର ୟେନ, ସ୍ୱିଡେନ୍‌ର ଶ୍ରୋନା, ଚୀନର ୟୁଆନ, ବ୍ରିଟେନର ପାଉଣ୍ଡ ପ୍ରଭୃତିର ଡଲାର ବିନିମୟ ହାର ଯଥେଷ୍ଟ ବୃଦ୍ଧି ପାଇଥିବା ବେଳେ ଭାରତର ଏହି ହ୍ରାସ ସର୍ବକାଳୀନ ନିମ୍ନ ସ୍ତରରେ ପହଂଚିବା ସହ ଇତିହାସ ସୃଷ୍ଟି କରିଛି । ଭାରତକୁ ଏଥିପାଇଁ ଅଧ୍ୟାବଧି ୯୭୩୦ କୋଟି ଡଲାର ଅଧିକ ବ୍ୟୟ କରିବାକୁ ହେଲାଣି । ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ୩୭୦୦ କୋଟି ଡଲାର ବିନିମୟ କରିବାକୁ ପଡିଥିଲା ଏବେ ତାର ୩ ଗୁଣା ଅଧିକ ଡଲାର ବାହାରକୁ ଚାଲିଯାଇଛି । ଗଚ୍ଛିତ ବିଦେଶୀ ମୁଦ୍ରାର କ୍ଷୀପ୍ରକ୍ଷତି ଯୋଗୁ ଅନ୍ତର୍ଜାତୀୟ ବଜାରରେ ସଙ୍କଟ ଦେଖା ଦେବାର ଆଶଙ୍କା ବଢିବାରେ ଲାଗିଛି । ମୁଦ୍ରାର ଅବକ୍ଷୟଭାରତର ଆଭ୍ୟନ୍ତରୀଣ ବଜାରରେ ମଧ୍ୟ ଘଟିବାରେ ଲାଗିଛି । ଭାରତୀୟ ମୁଦ୍ରାର ଅଙ୍କମୂଲ୍ୟ ମଧ୍ୟ ହ୍ରାସ ପାଇଛି । ଏହାର ମୁଖ୍ୟ କାରଣ ଉତ୍ପାଦନ ହାର ଅପେକ୍ଷା ବଜାରରେ ମୁଦ୍ରା ସଂଚାଳନ ମାତ୍ରା ଅଧିକ ହେବା ସଂଗେ ସଂଗେ ବିଦେଶ ମୁଦ୍ରାର ଅଧିକ ବିନିଯୋଗ ହେଉଛି । ଏହାର କୁପରିଣାମ ଅତ୍ୟନ୍ତ ଭୟଙ୍କର ହେବ ବୋଲି କେନ୍ଦ୍ର ସରକାରଙ୍କର କ୍ୟାବିନେଟ ମନ୍ତ୍ରୀ ପୀୟୁଷ ଗୋୟେଲଙ୍କ ଉକ୍ତିରୁ ଜଣାପଡେ । ତାଙ୍କ ମତରେ ଟଙ୍କା ମୂଲ୍ୟର ଅବକ୍ଷୟ ଭାରତର ଭବିଷ୍ୟତ ଅର୍ଥନୀତି ପ୍ରତି ବିପଦ ସୃଷ୍ଟି କରୁଛି । ଭାରତ ବାହାରୁ ଆମଦାନୀ କରୁଥିବା ପଣ୍ୟଦର ବୃଦ୍ଧି ସହିତ ବଜାରକୁ ଛାଡୁଥିବା ପଦାର୍ଥର ଦର ବୃଦ୍ଧି ଘଟିବ । ଆମ ଅର୍ଥମନ୍ତ୍ରୀ ଏହା ଭଲଭାବେ ଯାଣନ୍ତି ଯେ ଭାରତ ଅନ୍ତତଃ ୬୦୦୦ ରୁ ଉର୍ଦ୍ଧ୍ୱ ଦ୍ରବ୍ୟ ବାହାରୁ ଆମଦାନି କରିଥାଏ । ଆମଦାନୀ ଓ ରପ୍ତାନୀ ଦିଗକୁ ଦେଖିଲେ ୨୦୧୭ ଠୁ ୨୦୨୧ ସୁଦ୍ଧା ରପ୍ତାନୀ ଯଥାକ୍ରମେ ୨୭୫୮୦ କୋଟି ଡଲାର, ୩୦୨୫୨ କୋଟିଡଲାର, ୩୩୦୦୭ କୋଟି ଡଲାର, ଓ ୩୧୪୩୦ କୋଟି ଡଲାର ଥିବାବେଳେ ସେହି ସମୟରେ ପ୍ରଥମ ଆଠ ମାସରେ ରପ୍ତାନି ୩୧୨୩୧ କୋଟି ଡଲାର ହୋଇଥିବାବେଳେ ଆମଦାନୀ୪୦୪୦୦ କୋଟି ଡଲାର ଥିଲା । ଗଚ୍ଛିତ ସୁନା ସହିତ ସମଗ୍ର ବୈଦେଶିକ ମୁଦ୍ରା କ୍ଷେତ୍ରରେ ଭାରତ ବିଶ୍ୱରେ ଏବେ ବି ଚତୁର୍ଥ ସ୍ଥାନରେ ଅଛି । ଏହି ଗଚ୍ଛିତ ବିଦେଶୀ ମୁଦ୍ରାର ମୂଲ୍ୟ ୨୦୨୨ ଅକ୍ଟୋବର ୭ ସୁଦ୍ଧା ମୋଟା ମୋଟି ୫୩୨୮୩.୮ କୋଟି ଡଲାର ଥିଲା ଯାହାକି ମନମୋହନ ସିଂହ ଙ୍କ ମୁକ୍ତ ଅର୍ଥନୀତି ହେତୁ କ୍ରମେ କ୍ରମେ ବୃଦ୍ଧି ପାଇ ଏପରି ଏକ ସ୍ଥିତିରେ ପହଂଚି ଥିଲା ।

ଦେଶରେ ବିଶ୍ୱବିଖ୍ୟାତ ଅର୍ଥଶାସ୍ତ୍ରୀଙ୍କର ଅଭାବ ନାହିଁ । ଅର୍ଥମନ୍ତ୍ରୀ ସେମାନଙ୍କର ପରାମର୍ଶ ନେବାର ସମୟ ଆସିଛି । ତା ନହେଲେ ଦେଶର ଅର୍ଥନୀତିର ସୁଧାର ପାଇଁ ସଠିକ୍ ପଥଟିଏ ନିର୍ଣ୍ଣୟ କରିବା ତାଙ୍କ ପାଇଁ କଷ୍ଟକର ହେବ । ଗୋଟିଏ କଥା ସ୍ପଷ୍ଟ ହେବା ଦରକାର ଯେ କରୋନା ପୂର୍ବରୁ ଯେଉଁସବୁ ବିସ୍କୁଟ କମ୍ପାନୀ ବନ୍ଦ ହୋଇଯିବାର ଆଶଙ୍କା ଦେଖା ଯାଇଥିଲା ତାହାସବୁ ଦ୍ୱିଗୁଣିତ ଆୟକାରି ହେଲା । କରୋନା କାଳରେ ଅନେକ ଧନପତି କୁବେରଙ୍କର ଆର୍ଥିକ ବିକାଶ କ୍ଷୀପ୍ର ହେଲା । ମଧ୍ୟମ ଓ ନିମ୍ନ ଆୟକାରୀ ଧନପତି ମାନେ ପ୍ରତିଯୋଗିତାରେ ପଛରେ ପଡିଯାଇ ଥିଲେ ମଧ୍ୟ ବିତ୍ତଶାଳୀ, ଅତି ବିତ୍ତଶାଳୀମାନେ ବୀମା କ୍ଷେତ୍ରରେ ବଡ ବିନିଯୋଗ କଲେ ଓ ସେଥିରୁ ସରକାରଙ୍କୁ ଅନେକ ଭାବରେ ଆୟ ମିଳିଲା । ରିଜର୍ଭ ବ୍ୟାଙ୍କ ମୁଦ୍ରାସ୍ଫୀତି କମିଟି ସଦସ୍ୟ ଅସୀମା ଗୋୟେଲ ବୋଧହୁଏ ନିଜର ପ୍ରସ୍ତୁତ କରିଥିବା ହିସାବରେ ଗତ ତିନିବର୍ଷରେ ଗଚ୍ଛିତ କଳାଟଙ୍କାର ପରିମାଣ ଯଥେଷ୍ଟ ବଢିଥିବା କୁ ନେଇ ନାହାଁନ୍ତୀ । ସୁଇସ୍ ବ୍ୟାଙ୍କରେ ଗଚ୍ଛିତ ଧନରାଶି ଗତ ୫ ବର୍ଷ ମଧ୍ୟରେ ଦୁଇ ଗୁଣରୁ ଅଧିକ ହୋଇଛି ।

(ସମ୍ପାଦକ, ମାର୍ଗଦର୍ଶୀ) ଖୋର୍ଦ୍ଧା,
ମୋ:୬୩୭୦୬ ୭୫୫୬୨

# ମୋବାଇଲ ମାୟାରେ ବାୟା



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ହାପିନେଜ ନାମକ ଏକ ସଂସ୍ଥା ପକ୍ଷରୁ ପ୍ରକାଶିତ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ୧୨ବର୍ଷରୁ କମ ୪୨ ପ୍ରତିଶତ ପିଲା ଦୈନିକ ୨ଘଂଟା ସେମାନଙ୍କ ସ୍ମାର୍ଟଫୋନ୍ କିମ୍ବା ଟାବଲେଟରେ ବ୍ୟସ୍ତ ରହୁଛନ୍ତି । କେବଳ ୧୨ବର୍ଷରୁ କମ ନୁହେଁ, ଏହାଠାରୁ ଅଧିକ ବୟସର ଛାତ୍ରଛାତ୍ରୀ, ଯେଉଁମାନଙ୍କ ମଧ୍ୟରୁ ୬୯ ପ୍ରତିଶତଙ୍କର ନିଜସ୍ୱ ସ୍ମାର୍ଟଫୋନ ରହିଛି । ସେମାନେ ଦିନର ୨୪ଘଂଟା ମଧ୍ୟରୁ ୪୭ ପ୍ରତିଶତ ସମୟ ୟୁଟ୍ୟୁବ କିମ୍ବା ଅନଲାଇନ ଗେମିଂ ସମୟ ଅତିବାହିତ କରୁଛନ୍ତି । ଯାହାକି ସେମାନଙ୍କ ପାଇଁ ଡିଜିଟାଲ ଟାଇମ୍‌ପାସରେ ପରିଣତ ହୋଇଛି । କେବଳ ପିଲା ନୁହନ୍ତି, ଯୁବକ ଯୁବତୀ ଏକାକୀ ରହୁଥିବା ବୟସ୍କ ନାଗରୀକଙ୍କ ପାଇଁ ଏହା ଏବେ ସାହାରା ପାଲଟିଛନ୍ତି । ରାସ୍ତା ଚାଲିଯାଉଥିବାବେଳେ, ଗାଡିଚଳାଇ ଯାଉଥିବା ବେଳେ, ଏପରିକି ଖାଦ୍ୟ ଖାଉଥିବା ସମୟରେ ଯୁବକଯୁବତୀଙ୍କ ସ୍ମାର୍ଟଫୋନ ଉପରେ ଦୃଷ୍ଟି ରହିଥିବା ଲକ୍ଷ୍ୟ କରାଯାଏ । ସେହିପରି ବୟସ୍କ ନାଗରୀକ, ଯେଉଁମାନେ ଘରେ ଏକାକୀ ରୁହନ୍ତି, ସେମାନଙ୍କ ପାଇଁ ସ୍ମାର୍ଟଫୋନ୍ ସାଥୀ ପାଲଟିଛି । ଯେଉଁଥିପାଇଁ କି ସ୍ମାର୍ଟଫୋନକୁ 'ଆଡଲଟ ପାସିଫାୟରସ' କୁହାଯାଏ । ସେହିପରି ଶିଶୁଟିଏ କାନ୍ଦୁଥିଲେ, ପିତାମାତା ତାକୁ ଶାନ୍ତ କରାଇବା ପାଇଁ ମୋବାଇଲ ଫୋନଟିଏ ହେଉ ବା ମୋବାଇଲ ଖେଳନାଟିଏ ଧରାଇ ଦେଉଛନ୍ତି । ମୋବାଇଲଟିଏ ପିଲା ପାଇଲେ ତୁରନ୍ତ ଶାନ୍ତ ହୋଇଥାଏ । ବୋଧହୁଏ ଏଇଥିପାଇଁ ମୋବାଇଲକୁ ବାବିସିଟର ବୋଲି କୁହାଯାଉଛି । ସ୍ମରଣ କରାଯାଇପାରେ ପିଲାଟିଏ କୋଳରେ ଥିବା ବେଳେ ପକେଟରୁ କଲମଟିଏ ଭିଡ ନେଇ ଖେଳୁଥିଲା । ଏବେ କଲମ ନୁହେଁ, ଶିଶୁଟିଏ ପକେଟରେ ମୋବାଇଲ ଫୋନଟିଏ ଭିଡିନେଇ ଚିପାଚିପି କରିବାରେ ବ୍ୟସ୍ତ ରହୁଛି । ବୋଧହୁଏ ଏହାକୁ କେହି ଅସ୍ୱୀକାର କରିବେ ନାହିଁ, ସାଂପ୍ରତିକ ସମୟ ହେଉଛି ମୋବାଇଲର ସମୟ ସ୍ମାର୍ଟଫୋନର ସମୟ । ମୋବାଇଲ ଫୋନ ବ୍ୟବହାରରେ ମଣିଷ ଏବେ ଅଭ୍ୟସ୍ତ ହୋଇଯାଇଛି ଯେ, ଏହାକୁ ଛାଡି କ୍ଷଣେ ମାତ୍ର ତିଷ୍ଠିପାରିବ ନାହିଁ । ଘରେ ବସି ସ୍ମାର୍ଟଫୋନ ଦ୍ୱାରା ମଣିଷ ଟଙ୍କା କାରବାର ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ସେବା, ଟିକେଟ ବୁକିଂ ସବୁ କିଛି ସ୍ୱଳ୍ପ ସମୟ ମଧ୍ୟରେ କରିପାରୁଛି । ମଣିଷ ପାଇଁ ମୋବାଇଲ କେବଳ ସାହାର ପାଲଟି ନାହିଁ । ଆଶାବାଡି ପାଲଟିଛି । ଅନ୍ୟ ଏକ ରିପୋର୍ଟରୁ ଜଣାଯାଇଛି ଯେ, ବିଶ୍ୱର ୮୦୦କୋଟି ଲୋକଙ୍କ ମଧ୍ୟରୁ ୪୦୦କୋଟିରୁ ଅଧିକ ଲୋକ ସାମାଜିକ ଗଣମାଧ୍ୟମ ଭାବେ ପରିଚିତ ଫେସବୁକ୍, ଇଂଟରନେଟ , ଇନଷ୍ଟାଗ୍ରାମ, ଏକ୍ସ ଆଜିରେ ଦୈନିକ ୪ଘଂଟାରୁ ଅଧିକ ସମୟ ବିତାଇଥାନ୍ତି । ସମୟେ ସମୟେ ଏହି ସୋସିଆଲ ମିଡିଆ ମଧ୍ୟ ସମାଜ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଛି । ପ୍ରତିକ୍ରିୟାରେ ଜିଏସଏମଏ ଇଟେଂଲିଜେନସ୍ ରିପୋର୍ଟରୁ ଜଣାଯାଇଛି ଯେ, ଆମ ଦେଶରେ ୧.୧୦ ବିଲିୟନ ମୋବାଇଲ ଫୋନ ସଂଯୋଗ ରହିଛି । ସେଥିମଧ୍ୟରୁ ୭୦ ପ୍ରତିଶତ ସ୍ମାର୍ଟଫୋନ୍‌ରେ ଇଂଟରନେଟ ସଂଯୋଗ ରହିଛି । ସେହିପରି ବିଶ୍ୱର ୮୦୦କୋଟି ଲୋକଙ୍କ ମଧ୍ୟରୁ ବର୍ତମାନ ସୁଦ୍ଧା ୬.୯୨ ବିଲିଅନ ସ୍ମାର୍ଟଫୋନ ସଂଯୋଗ ରହିଥିବାବେଳେ ସେଥିମଧ୍ୟରୁ ୮୫.୮୮% ଇଂଟରନେଟ ସେବା ରହିଛି । ପ୍ରତିକ୍ରିୟାରେ ସମାନ ଏବଂ ବିପରୀତ ପ୍ରତିକ୍ରିୟା ରହିଛି । ଏହି ନ୍ୟାୟରେ ମୋବାଇଲ ବା ସ୍ମାର୍ଟଫୋନ ବ୍ୟବହାର ଏବେ ଚିନ୍ତାର କାରଣ ହୋଇଛି । ଏହାକୁ କେହି ଅସ୍ୱୀକାର କରିବେ ନାହିଁ । ମହାମାରୀ କରୋନା କାଳରେ ସମଗ୍ର ବିଶ୍ୱ ମାସମାସ ଧରି ତାଲାବନ୍ଦ'ର ସମ୍ମୁଖୀନ ହୋଇଥିବାବେଳେ ସ୍ମାର୍ଟଫୋନ କେବଳ ଯୋଗାଯୋଗର ମାଧ୍ୟମ ଭାବେ ରହିଥିଲା । କେବଳ ଏତିକି ନୁହେଁ, ଦୀର୍ଘ ଦୁଇ ବର୍ଷରୁ ଅଧିକ ସମୟ ଧରି ଶ୍ରେଣୀ କକ୍ଷରେ ପାଠ ପଢା ବନ୍ଦ ଯାଇଥିବାବେଳେ ସ୍ମାର୍ଟଫୋନରେ ଅନଲାଇନ ଶିକ୍ଷା ପାଇଁ ଛାତ୍ରଛାତ୍ରୀମାନଙ୍କର ଏକମାତ୍ର ସାହାରା ପାଲଟିଥିଲା । ସେବେଠାରୁ ଏହା ଛାତ୍ରଛାତ୍ରୀ ଏବଂ ଯୁବଗୋଷ୍ଠୀର ସବୁଠାରୁ ଶ୍ରେଷ୍ଠ ସାହାରା ଭାବେ ଉଭା ହୋଇଛି । ଦେଖାଯାଉଛି ମୋବାଇଲଟିଏ ନଧରିଲେ, ପିଲା ପାଠ ପଢୁନାହିଁ । ମୋବାଇଲ କିଣିବାରେ ପିତାମାତାଙ୍କ ଅକ୍ଷମତା ଯୋଗୁଁ ଅକାଳରେ ବହୁଛାତ୍ର ଜୀବନ ହରାଉଛନ୍ତି । କେବଳ ଏତିକି ନୁହେଁ ଦୀଘ ସମୟ ସ୍ମାର୍ଟଫୋନ ବ୍ୟବହାର ମଣିଷର ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇବା ସହ ସ୍ମରଣଶକ୍ତି ହ୍ରାସ କରୁଥିବା ସ୍ୱାସ୍ଥ୍ୟ ବିଶାରଦମାନେ ଚେତାବନୀ ଦେଇସାରିଲେଣି । ସେହିପରି ଉଭୟ ଶାରୀରିକ ଓ ମାନସିକ ଉପରେ ମଧ୍ୟ ଏହାର ପ୍ରଭାବ ପକାଉଥିବା କୁହାଯାଇଛି । ଏହାକୁ ଦୃଷ୍ଟିରେ ରଖି ଚୀନ, ନିଉଜଲାଣ୍ଡ ସମେତ ବହୁ ରାଷ୍ଟ୍ର ଛାତ୍ରଛାତ୍ରୀଙ୍କ ସ୍ମାର୍ଟଫୋନ ବ୍ୟବହାର ଉପରେ କଟକଣା ଲଗାଇଛନ୍ତି । ଚୀନ ସରକାର ବିଭିନ୍ନ ଆପ୍ ବ୍ୟବହାର ପାଇଁ ଛାତ୍ରଛାତ୍ରୀଙ୍କୁ ଦୈନିକ ୪୦ମିନିଟ ଅନୁମତି ଦେଇଛନ୍ତି । ନିଉଜଲାଣ୍ଡ ସରକାର ସ୍କୁଲରେ ଏହାକୁ ନିଷିଦ୍ଧ କରିବାପାଇଁ ଗୁରୁତ୍ୱର ସହକାରେ ବିଚାର କରୁଥିବା କୁହାଯାଏ । ଆମ ଦେଶରେ ବର୍ତମାନ ସୁଦ୍ଧା ସରକାରୀ ଭାବେ କୌଣସି କଟକଣା ଜାରି ହୋଇନଥିବାବେଳେ ବିଦ୍ୟାଳୟସ୍ତରରେ କେତେକ ସ୍କୁଲ ସ୍ମାର୍ଟ ଫୋନ ବ୍ୟବହାରକୁ ନିଷିଦ୍ଧ କରି ସାରିଲେଣି । ଏହା ସତ୍ୟ ଯେ, ପିଲା ଠାରୁ ଆରମ୍ଭ କରି ପତା ମାତା ଏବଂ ବୟସ୍କ ନାଗରିକ ଏବେ ସମସ୍ତେ ସ୍ମାର୍ଟଫୋନ ମାୟାରେ ବାୟା । ଏହାକୁ ଛାଡି ସେମାନେ କ୍ଷଣେ ମାତ୍ର ଚଳିନପାରିବା ପରି ପରିସ୍ଥିତି ହୋଇଛି । କିନ୍ତୁ ଆମକୁ ମନେ ରଖିବାକୁ ଅତି ସବୁବେଳେ ଖରାପ ଖରାପ, ଅର୍ଥାତ କ୍ଷତିକାରକ, ଧ୍ୱଂସକାରୀ । କିନ୍ତୁ ଏହା ନିଶ୍ଚିତ ଯେ, ଏହାର ସମାଧାନ ଆଦୌ ସହଜ ନୁହେଁ ।

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧,*
*ଗାଙ୍ଗୋତ୍ରୀ ନଗର,ରୋଡ ନଂ-୩,*
*ଶିଶୁପାଳଗଡ,-୭୫୧୦୦୨*
*ମୋବାଇଲ ନଂ-୯୪୩୭୯୯୪୩୭୯*




# ଭିନ୍ନ ଏକ ଅନୁଭବ



ସୁଦର୍ଶନ ମହାପାତ୍ର

ବାବପା ବୁଝନ୍ତନି ମୁଁ କ'ଣ କରେ। ସେ ମୋ ଠୁ ବୁଝିବାକୁ ଚ଼ାହାନ୍ତିନି ଚ଼ାକିରିରେ ମୁଁ କ'ଣ କେମିତି କରେ, କେମିତି ତୁଲାଏ ମୋ କାମକୁ।ଯଦିଓ ବାପାଙ୍କର ବିଶ୍ୱାସ ମୋ ଦାୟିତ୍ୱରେ ଥିବା କାମ ମୁଁ ଠିକ୍ ଭାବରେ ତୁଲେଇ ପାରିବି, ତଥାପି ତାଙ୍କ ମନରେ ଭୟ କାଳେ କିଏ ଉପର ପାହ୍ୟା ଲୋକ କ'ଣ ଖରାପ କରି ମୋ ନାଁ ରେ ଲେଖିଦେବେ !ତାଙ୍କ ସହିତ କାଳେ ସେମିତି କିଛି ଘଟଣା ଘଟିଥିଲା। ସେଥିପାଇଁ ସବୁ ବେଳେ ସାବଧାନ କରି କହନ୍ତି ଚ଼ାରିଆଖିଆ ହୋଇ ଚ଼ଳିବାକୁ,ହାତେ ମାପି ଚ଼ାଖଣ୍ଡେ ଚ଼ାଲିବାକୁ... ସାବଧାନ ରହିବାକୁ..!

ବାପା କେବେ ବି ପଚ଼ାରନ୍ତି ନାହିଁ ମୋର ଦରମା କେତେ, କେଉଁ କମ୍ପାନୀରେ କାମ କରୁଛି। ପଚ଼ାରନ୍ତିନି ମୋର ମାସକୁ ଖର୍ଚ୍ଚର ପରିମାଣ କେତେ, ସଞ୍ଚୟ କେତେ... ?

ବାପା କିନ୍ତୁ ଯେମିତି ହେଲେ ଦିନରେ ଥରୁଟିଏ କଥା ହୁଅନ୍ତି ମୋ ସହିତ। ଯାହା ବି କଥା ହୁଅନ୍ତୁ, ବାପାଙ୍କର ଚ଼ିରାଚ଼ରିତ ପ୍ରଶ୍ନ ନିଶ୍ଚୟ ଥିବ ,-' ତୋ ବୋଉ ସାଙ୍ଗରେ ଆଜି କଥା ହେଇଛୁ ତ' ?ଏ ପ୍ରଶ୍ନଟି ଅନୁସନ୍ଧାନ ମୂଳକ ଅବା ଆଦେଶାତ୍ମକ ଭାବରେ ନେବି ସେଇଟା ମୋ ଉପରେ ନିର୍ଭର କରେ। ହେଲେ ତାଙ୍କ ପ୍ରଶ୍ନର ଉତ୍ତର ଦେବାକୁ ମୁଁ ପ୍ରାୟ ପ୍ରସ୍ତୁତ ଥାଏ। ଯଦି ନଥାଏ, ଭିତରେ ଭିତରେ ମୁଁ ଜଡସଡ ହୋଇଯାଏ।

ବାପାଙ୍କ ପରି ବୋଉ ବି ମୋ ଚ଼ାକିରୀ, ରୋଜଗାର, ଖର୍ଚ୍ଚ ଆଉ ସଞ୍ଚୟ କଥା ବୁଝେନା କେବେ। ହେଲେ ମୁଁ ଭଲ ଅଛି କି ନାହିଁ, ଠିକ୍ ସମୟରେ ଖାଇଛି କି ନାହିଁ, ବୁଝିବାକୁ ନିଶ୍ଚୟ ଉତ୍କଣ୍ଠା ପ୍ରକାଶ କରେ । ବାପା, ବୋଉ ଠାରୁ ସବୁକଥା ବୁଝି ନିଅନ୍ତି ତ ମୋତେ ବୋଉ ସହ କଥା ହେବାକୁ ପ୍ରବର୍ତ୍ତାଇଥାନ୍ତି।

ଚ଼ାକିରି ପାଇଁ ବାହାରକୁ ଆସିବା ପୂର୍ବରୁ ଭୁବନେଶ୍ୱରରେ ରହି ପଢୁଥିଲି। ବାଧହୋଇ ରହୁଥିଲି ହଷ୍ଟେଲରେ। ବୋଉ ସହ କଥା ହେବା ନିତ୍ୟ ନୈମିତ୍ତିକ। ଛୋଟ ମୋଟ ଟଙ୍କା ଦରକାର ହେଲେ କିମ୍ବା ଛୁଟି ଦେଖି ଘରେ ପହଞ୍ଚିଯାଏ ବୋଉ କୁହାରେ।

ଯେଉଁଦିନ ମୁଁ ଘରେ ପହଞ୍ଚ ? ସେଦିନ ରାତିରେ ମୁଁ ଶୋଇବା ପୂର୍ବରୁ ବୋଉ ଆସି ବୁଝି ଯାଏ ମୋର ଆବଶ୍ୟକତାର ପରିମାଣ ।ଫେରିଲା ବେଳକୁ ମୋର ଆବଶ୍ୟକତା ନିଶ୍ଚୟ ପୂରଣ ହୋଇଯାଇଥାଏ।

ହଷ୍ଟେଲରେ ହେଉଥିବା ଖାଇବା ମୋର ପସନ୍ଦ ନୁହେଁ ତ, ବୋଉ ସେଦିନ ଗାଳି ବର୍ଷଣ କରି ରାଗ ଶୁଝେଇବ ହଷ୍ଟେଲର ରୋଷେଇୟାଙ୍କ ଉପରେ। ଯଦିଓ ବାପା ଜାଣନ୍ତି ସବୁ କଲେଜର ହଷ୍ଟେଲ ପ୍ରାୟତଃ ସମାନ, ହେଲେ ବୋଉକୁ ସମର୍ଥନ କରୁଥିବେ ଯଥାରୀତି ।

ବୋଉର ବରାଦ ଅନୁସାରେ ବାପା ଯୋଗାଡି ରଖିଥିବେ ସବୁ କିଛି। ବାପା ବଜାରରେ ପହଞ୍ଚିଲେ ବୋଉ ର ବରାଦ ଛଡା ମୁଁ ଭଲ ପାଉଥିବା ଆଉ କିଛି ଜିନିଷ ଯୋଡି ହୋଇ ଯାଇଥାଏ ବାପାଙ୍କ ଲିଷ୍ଟରେ। ସବୁତକ ଜିନିଷ ସଜାଡି ରଖିବା ଦାୟିତ୍ୱ ବି ବାପାଙ୍କର । ମୋର ଫେରିବା ଦିନକୁ ଠିକ୍ ସକାଳ ପାଞ୍ଚଟାରେ ଶୁଭିବ ସସ୍ନେହ ଅଥଚ଼ ଗମ୍ଭୀର ସ୍ୱର -' ବାବୁ,ଉଠିପଡ। ଡେରି ହୋଇଯିବ।'

ମୁଁ ଆମ ଗାଁ ମୁଣ୍ଡ ବସଷ୍ଟପ ରେ ପହଞ୍ଚିଲା ବେଳକୁ ବାପା ମୋ ବ୍ୟାଗ ଧରି ସେଇଠି ଠିଆ ହୋଇ ସାରିଥିବେ। ମୁଁ ବସରେ ଉଠିଲା ବେଳକୁ କଣ୍ଡକ୍ଟରକୁ ପୁଅ ପାଇଁ ସିଟ୍ ଟିଏ ଦେବାକୁ ବାପା ଅନୁରୋଧ କରୁଥିବେ ବାରମ୍ବାର,ବସ୍ ଛାଡିବା ପର୍ଯ୍ୟନ୍ତ...!

ପୁରୁଣା କଥା କିଛି ମନେ ପଡିଲା ଏବେ।

ଦିନେ ସନ୍ଧ୍ୟାରେ ମୋର ପହଞ୍ଚିବାର ଥିଲା ତ ବାପା ଠିଆ ହୋଇଥିଲେ ଆସି ରାସ୍ତାରେ। ଅନ୍ଧାର ଭିତରେ ବାପା ଠିଆ ହୋଇଥିଲେ ବି ମୋର ତାଙ୍କୁ ଚ଼ିହ୍ନି ପାରିବାରେ ତ୍ରୁଟି ହୋଇ ନଥିଲା।

-' ଆଜି କାହିଁକି ଅଧଘଣ୍ଟାଏ ଡେରି ?ବସ କ'ଣ ବାଟରେ ଖରାପ ହେଲା କି ? ତୋ ବୋଉ ବ୍ୟସ୍ତ ହେଉଥିଲା ତ ..!' ଘର ଦୁଆର ମୁହଁରେ ପାଦ ଦେଉ ଦେଉ ପଚ଼ାରିଲେ ବାପା। ବାପା ନିଜକୁ ଲୁଚ଼ାଇବାକୁ ଚେଷ୍ଟା କରୁଥିଲେ ବୋଲି ମୁଁ ବୁଝି ପାରିଲି। ପ୍ରମାଣ ବି ପାଇଗଲି ବୋଉ ପାଖରୁ ବାପାଙ୍କ ସାମାନ୍ୟ ଅନୁପସ୍ଥିତିରେ।

-' ଉଁ..ମୋ ନାଁ ରେ ନକହିଲେ ତୋ ବାପାଙ୍କର ଭାତ ହଜମ ହୁଏନି। ନିଜେ ଯା ଭିତରେ ତିନି ଥର ମୋତେ ପଚ଼ାରି ସାରିଲେଣି ତୋ ଡେରି ହେବା ବିଷୟରେ। ଆଉ ନିଜେ ଘଣ୍ଟାଏ ହେବ ଘର ବାହାର ହେଉଛନ୍ତି କିଟିମିଟିଆ ଅନ୍ଧାରଟାରେ।'

-' ବାବୁ, ଆର ଗାଁ କୋଉ ବୁଢ଼ୀର ଶବ ଦୁଇ ଦିନ ଆଗରୁ ଏଇ ପଟେ ମଶାଣି କୁ ଯାଇଥିଲା ବୋଲି ମୋତେ ବାରମ୍ବାର ତୋ' ବୋଉ କାହିଁକି କହୁଥିଲା ବୋଲି ଟିକେ ପଚ଼ାରିଲୁ ?' ଶୁଭିଲା ବାପାଙ୍କ ସ୍ୱର ଦାଣ୍ଡ ଘରୁ। ବାପା ବୋଧହୁଏ ଆମ କଥା ଶୁଣି ନେଇଥିଲେ।

ବାପାଙ୍କ ପାଲଟା ଆକ୍ରମଣରେ ବୋଉ ମୁହଁରେ କିନ୍ତୁ ଫୁଟି ଉଠିଲା ସତେଜ ଅଥଚ଼ ନୀରିହ ହସ ଖିଏ...!!!

ମୋର ଠିକ୍ ମନେ ଅଛି ।ପିଲାଦିନେ ବାପାଙ୍କ ଆଙ୍ଗୁଠି ଧରି ଧରି ଚ଼ାଲୁଥିଲି । ବଜାର ଭିତରେ ହେଉ ବା ଯାତ ଦେଖିଗଲେ , ହାତ ଟିକିଏ ହୁଗୁଳା ହେଲେ ବାପାଙ୍କ ତାଗିଦ୍। ସେତେବେଳେ ବାପା ଗାଁ ପାଖ ସ୍କୁଲରେ ଥିଲେ। ତାଙ୍କ ବାହାରିବା ସମୟକୁ ମୁଁ ପ୍ରସ୍ତୁତ ହୋଇ ସାରିଥାଏ। ନୂଆ ନୂଆ ସ୍କୁଲ ଯିବାର ଖୁସି। କପଡା ବ୍ୟାଗ ଏବଂ ତାଳପତ୍ରରେ ତିଆରି ଚ଼ଟ ଖଣ୍ଡେ କାଖରେ ଜାକି ବାପାଙ୍କ ଆଙ୍ଗୁଠି କୁ ଜୋରରେ ମୁଠେଇ ଦିଗବିଜୟୀ ବୀର ପରି ଚ଼ାଲେ।ଏବେ ବି ସେ ଆଙ୍ଗୁଠି ଧରି ଚ଼ାଲିବାର ଠାଣି ମୋର ମନେ ଅଛି ।

ମନେ ପଡୁଛି ଆଉ ଦିନକର କଥା। ଥରେ ବାପାଙ୍କ ଆଙ୍ଗୁଠି ଧରି ଚ଼ାଲୁଥିଲା ବେଳେ ହଠାତ୍ ଝୁଣ୍ଟି ତଳେ ପଡି ଯାଇଥିଲି। ବାପା ବହୁତ ବ୍ୟସ୍ତ ହୋଇ ପଡିଥିଲେ। ମୋତେ ତଳୁ ଉଠାଇ ତାଙ୍କ ଚ଼ିକମିକ ଧଳା ଧୋତିରେ ଧୂଳି ସବୁ ଧିରେ ଧିରେ ଝାଡି ଦେଇଥିଲେ ।ତଥାପି ପୁଅର ଯତ୍ନ ଠିକ୍ ଭାବରେ ନେଉ ନାହାନ୍ତି ବୋଲି ବୋଉ ବାପାଙ୍କ ଉପରେ ଅଭିଯୋଗ ବାଢିଥିଲା। ସେହି ଦିନଠାରୁ ବାପା ମୋ ହାତକୁ ନିଜେ ଜାବୁଡ଼ି ଧରି ଚ଼ାଲୁଥିଲେ।

ଏବେ ଚ଼ାରିଆଡ଼ ଅନ୍ଧାର ଦେଖାଯାଏ । ଖାଁ ଖାଁ ଲାଗେ। ବୟସ ଯଥେଷ୍ଟ ହୋଇଯାଇଥିବା ସତ୍ତ୍ୱେ କେମିତି ଏକା ଏକା ଆଉ ଅସହାୟ ଲାଗେ । ନିଜ ଅଜଣାତରେ ଫେରିଯାଏ ଅତୀତକୁ, ସେଇ ପିଲାଦିନକୁ..! ବାପା ବୋଉଙ୍କ ପାଖକୁ...। ସେମାନେ ଏବେ କିନ୍ତୁ ମୋ ଠାରୁ ଖୁବ୍ ଦୂରରେ। ଯେତିକି ଦୂର ପୃଥିବୀଠୁ ମହାଶୂନ୍ୟ..!

ପୂର୍ବ ଆକାଶରେ ଯେଉଁ ଦୁଇଟି ତାରା ପାଖାପାଖି ଥାଇ ଚ଼ିକମିକ କରନ୍ତି , ସେଇ ଦୁଇଟି ତାରା କେବଳ ମୋତେ ଦେଖାଯାନ୍ତି ବୋଲି ମୋର ଧାରଣା। ରାତିର ଆକାଶ ପରିଷ୍କାର ଥିଲେ ମୁଁ ସେମାନଙ୍କ ସହିତ କଥା ହୁଏ। ଆଉ ଏତେ ଅସହାୟ ଲାଗେନା।ଅଦ୍ଭୁତ ଭାବରେ ମୋତେ ହାଲକା ଲାଗେ..!!!

*କୁଞ୍ଜବିହାରୀ ଲେନ, କଟକ*
*ମୋ:୯୪୩୮ ୧୭୫୫୪୨*

# ଅଭିମାନ



ଆଦ୍ୟାଶା ମହାପାତ୍ର

ରାଜୁ ଆସିଥିଲା ଦୀର୍ଘ କେତେ ମାସ ପରେ।ପରିବା ଓ ଅନ୍ୟାନ୍ୟ ଜିନିଷ ଭରିଥିବା ଦୁଇଟି ବଡ ଆକାରର ବ୍ୟାଗକୁ କଚ଼ାଡିଲା ଭଳି ଥୋଇଦେଇ ଦୀର୍ଘଶ୍ୱାସ ପକାଇଲା। ଓଃ, ଏଠିକି ଆସିବା ବଡ଼ କଷ୍ଟ।ଏ ଗଳି ଭିତରକୁ ଗାଡି ତ ଆସି ପାରୁ ନାହିଁ। ସେଥିରେ ସୀମାର ଜିଦ୍। ଏମିତି ଭାରି ଜିନିଷକୁ ଏତେ ବାଟ ମଣିଷ କେମିତି ବୋହି କରି ଆଣିବ ?ରାନୁର ଇଚ୍ଛା ହେଉଥିଲା କହି ଦେବାକୁ -' ତୋତେ କିଏ କହୁଛି କି ଏତେ ସବୁ ଜିନିଷ ଧରି ଆସିବାକୁ ?' ହେଲେ କାହିଁକି କେଜାଣି କହି ପାରିଲାନି। ସାନଭାଇଟା କାଳେ ମନଦୁଃଖ କରିବ ! ଅଳ୍ପ କିଛି ସମୟ ରହି ଖାଲି ଚ଼ା' ଟିକେ ପିଇ ଭୁବନେଶ୍ୱରରେ କାମ ଅଛି କହି ଚ଼ାଲିଗଲା ରାଜୁ ।

ରାନୁର ବିଗତ ଗୋଟିଏ ଦିନର କଥା ମନେ ପଡିଲା। ସେତେବେଳକୁ ବାପା ବୋଉ ଥିଲେ। ହଠାତ୍ ଦିନେ ରାଜୁ ଫୋନ୍ କରି କହିଲା -'ଦିଦି, ସୀମାକୁ ନେଇ ମୁଁ ଆସୁଛି । ଆଉ ଅଳ୍ପ ସମୟରେ ତୋ ଘରେ ପହଞ୍ଚିବି।' ରାଜୁର ଫୋନ୍ ପାଇ ରାନୁ ଖୁସିରେ ଆତ୍ମହରା ହୋଇ ଅଣ୍ଡାଳି ପକାଇଲେ ଘର ସାରା । ରାଜୁ ଭାଉଜକୁ ସାଙ୍ଗରେ ନେଇ ଆସୁଛି। କଣ ଟିକେ ଜଳଖିଆର ବ୍ୟବସ୍ଥା କରିବାକୁ ସେ ତତ୍ପର ହୋଇ ପଡିଲା। ହାୟ ଭଗବାନ ! ଏ ଖରାରେ ଭାଇ ଭାଉଜଙ୍କୁ କୋଲ୍ଡ ଡ୍ରିଙ୍କସ୍ ଆଗ ଟିକିଏ ଦେଇଥିଲେ ହୋଇଥାନ୍ତା । ହେଲେ ତା ପାଖରେ କେହି ନାହିଁ ଯେ , ସେ ବଜାରରୁ କଣ ମଗେଇ ଦେଇ ପାରିବ ! ଘରେ ଅଳ୍ପ କିଛି ଚୁଡା ଅଛି। ଦେଖିଲା ଚ଼ିନି ଡବାରେ ଖୁବ୍ କମ୍ ଚ଼ିନି ଅଛି। ଯାହା ହେଉ ଗୋଟାଏ ଲେମ୍ବୁ ଅଛି। ଲେମ୍ବୁ ସରବତ ଦୁଇଟି ଗ୍ଲାସ୍ କଲା । କଣ ବା ଆଉ କରି ପାରିଥାନ୍ତା !

ରାନୁ ଦେଖିଲା, ରାଜୁ ସହିତ ଖାଲି ସୀମା ନୁହେଁ, ତା ଭଉଣୀ ରିମା ମଧ ଆସିଛି। ରାଜୁ ଭିତରକୁ ପଶି ଯାଇ ଦିଦିକୁ ନମସ୍କାର କଲା ବେଳକୁ ଦୁଇ ଗ୍ଲାସ୍ ସରବତ ଓ ଦିଦିର ଶୁଖିଲା ମୁହଁରୁ କଣ ପଢିଲା କେଜାଣି କହିଲା ତୁ ସେମାନଙ୍କୁ ସରବତ ଦେଇ ଦେ। ଗ୍ଲାସ୍ ରେ ଖାଲି ପାଣି ଢାଳି ପିଇ ସର୍ବତ ପିଇବାର ଅଭିନୟ କରି ବାହାର ଘରକୁ ଆସିଲା।-' ଓଃ, ଦିଦି ଖୁବ୍ ସୁନ୍ଦର ସର୍ବତ ବନେଇଛି । ଖରାକୁ ଏ ସର୍ବତ ହିଁ ଏକମାତ୍ର ଉପଚ଼ାର।ନା କ'ଣ କହୁଚୁ ରିମା ।' ଦିଦି ତୁ ବ୍ୟସ୍ତ ହେବୁନି।ଆମ ପାଇଁ ଖାଇବାକୁ କିଛି କରିବୁନି। ଆମର ଏବେ ଗୋଟିଏ ଭୋଜିକୁ ଯିବାର ଅଛି। ଆଉ ବାଟରେ ତ ଟିଫିନ୍ କରିଥିଲୁ।' ସ୍ୱସ୍ତିର ନିଶ୍ୱାସ ମାରିଲା ରାନୁ ।

ଭାଇ ଭାଉଜ ଘରୁ ବିଦାୟ ନେଇ ଗଲା ବେଳକୁ ଗଙ୍ଗା ଯମୁନାର ଧାର ଆଖିରୁ ବହୁଥିଲା ରାନୁର। ମନେ ପଡିଲା ଗୋଟି ଗୋଟି ହୋଇ ପିଲାଦିନ। ଏଇ ରାଜୁ କେତେ ଦୁଷ୍ଟ ଥିଲା ପିଲାଦିନେ, ସବୁ କଥାରେ ଅଳି ଅଝଟ। ସବୁଥିରେ ନିଜ ଭାଗ ଛଡା ଦିଦି ଭାଗରୁ କିଛି ହାସଲ ନ କରିବା ଯାଏ କାନ୍ଦି କାଟି ଏକାକାର କରିବ। କହିବ ଦିଦିର ଭାଗ ବେଶୀ ଥିଲା ।ଆଉ ଆଜି ସେ କେମିତି ତା ଦିଦିର ସବୁ ଭଲ ମନ୍ଦ କଥା ଆପେ ବୁଝି ଯାଉଛି।

?ତାକୁ ଯେମିତି ସହାୟତା ପାଇଁ ଭଗବାନ ଦେଇଛନ୍ତି ରାଜୁ ପରି ଭାଇ। କୌଣସି କାମରେ କଟକ କିମ୍ବା ଭୁବନେଶ୍ୱର ଆସିଲେ ଗାଆଁରୁ ନେଇ ଆସିଥିବ ନାନାଦି ଜିନିଷ ।ପରିବା ଠାରୁ ଆରମ୍ଭ କରି ବିସ୍କୁଟ ମିକ୍ସର ପର୍ଯ୍ୟନ୍ତ । ଥାକରେ ରଖି ଯାଇଥିବ ପୁଅ ର ଚ଼କୋଲେଟ ପାଇଁ କହି କିଛି ନା କିଛି ଟଙ୍କା। କାରଣ ଭଉଣୀର ସ୍ୱାଭିମାନରେ ଆଞ୍ଚ ଆସିବ ବୋଲି ସେ ହାତ ଟେକି ଦିଏ ନାହିଁ ତାକୁ। ରାନୁ ତାକୁ ଆକଟ କଲେ କହେ ବାପା କିମ୍ବା ବୋଉ ଦେଇଛନ୍ତି ବୋଲି...! କ'ଣ ବା କରି ପାରିବ ସେ ! ଆଲୋକ ଙ୍କର ପ୍ରାଇଭେଟ କମ୍ପାନୀ ଚ଼ାକିରି ଥିଲା। ଏବେ ତ ଚ଼ାକିରିରୁ ଛଟେଇ ହୋଇ ବସିଛନ୍ତି। କୋଚ଼ିଂ ସେଣ୍ଟରରେ ପଢେଇ ଯାହା କିଛି ପଇସା ପାଉଛନ୍ତି...!

ହେଲେ ଆଜି ରାଜୁ ଆସି ଗଲାପରେ ରାନୁ ର ଅନୁଭବ ହେଲା ସତରେ ରାଜୁ ଏବେ ଯେମିତି ବଦଳି ଯାଇଛି । ରାଜୁ ଆଗଭଳି ଏବେ ଆଉ ଫୋନରେ ରାନୁ ସହିତ ବେଶି କଥାବାର୍ତ୍ତା କରୁ ନାହିଁ। ଯଦିବା କେବେ କଥାବାର୍ତ୍ତା କରେ ସେ କହେ ଅନ୍ୟାନ୍ୟ ସମ୍ପର୍କୀୟ ମାନଙ୍କ କଥା, ତା କଲେଜ କଥା, ତାଙ୍କ ହାଇସ୍କୁଲ ବ୍ୟାଚ଼ର ଗେଟ୍ ଟୁଗେଦର କଥା ଇତ୍ୟାଦି। ସେ ବି ପୁଣି ଏକଦମ୍ ମାପି ଚୁପି। ରାଜୁ କଥାରେ ପରିବର୍ତ୍ତନର ସ୍ୱର ସ୍ପଷ୍ଟ ବୁଝିହୁଏ। ବାପା ବୋଉ ଦୁହେଁ ଏବେ ଆରପାରିରେ। କାହା ଆଗରେ ଆଉ କହି ପାରିବ ଏସବୁ କଥା ।ମନେ ମନେ ରାନୁ ଖୁବ୍ ଝୁରୁଥିଲା, ସେଇ ନିର୍ମଳ ହୃଦୟର ସମ୍ପର୍କର ରଙ୍ଗ କୁ। ଫେରି ଆସନ୍ତା କି ସେଇ ପିଲାଦିନ। ରାଜୁ କେବଳ ମୋର ଭାଇଟିଏ ହୋଇ ର ?ହିଥାନ୍ତା ।ବଢିନଥାନ୍ତା ବୟସ, ବଢିନଥାନ୍ତା ସମ୍ପର୍କର ପରିସର !

ଏତିକି ବେଳକୁ ପୁଅର ଡାକରେ ସମ୍ବିତ ଫେରି ପାଇଲା ରାନୁ। ହସ ଧାରେ ବି ଉତୁରି ଆସିଲା ଓଠରେ ।କି ଆଜେବାଜେ କଥା ଭାବୁଛି ବସି ବସି ! ସମ୍ପର୍କର ପରିସର ବଢ଼ି ନଥାନ୍ତା ତ ପୁଅ କେମିତି ଆସିଥାନ୍ତା ମୋ କୋଳକୁ ! ପୁଅ କଥା ମନେ ପଡିଲା ତ ମନେ ପଡିଲା ରାଜୁର ପୁଅ କଥା। ହଁ ତ, ଶୁଭମ୍ ପରା ଆମ ପୁଅ ସ୍ୱସ୍ତିକ ଠାରୁ କେଇ ମାସ ଛୋଟ ହେବ। ଯେବେ ଠାରୁ ସ୍ୱସ୍ତିକ ଏମ ବି ବି ଏସ୍ ରେ ଆଡମିଶନ ନେଲାଣି ସେବେ ଠାରୁ ରାଜୁ ଆଉ ବିଶେଷ କଥା ହେଉନି ବୋଲି ମନେ ପକାଇଲା ରାନୁ। ଏଠିକି ଆସି ବି ମାମୁ ହିସାବରେ ଭଣଜାର କୃତିତ୍ୱ ପାଇଁ ତାକୁ ଟିକେ ଭଲରେ କଥା ବି ହେଲାନି। ଶୁଭମ୍ ର ଏଥର ମେଡିକାଲ ଏଣ୍ଟ୍ରାନସ ରେ ହେଲାନି ବୋଲି ରାଜୁ ଏମିତି ବ୍ୟବହାର କରୁଛି କି !

ରାନୁ ସନ୍ଧ୍ୟାରେ ଆଲୋକ ଙ୍କୁ ଏ ବିଷୟରେ କହିଲା ତ ,ତାଙ୍କ ଠାରୁ ସବୁ କଥା ଶୁଣି ନିଜେ ନିଜକୁ ତର୍ଜମା କରିବାକୁ ଲାଗିଲା। ସ୍ୱସ୍ତିକ ର ଆଡମିଶନ ବେଳେ ରାଜୁ ଚ଼ାହୁଁଥିଲା କିଛି ପଇସା ଭଣଜାର ପାଠପଢା ପାଇଁ ଆଲୋକଙ୍କ ଆକାଉଣ୍ଟ ରେ ଦେବାପାଇଁ। ହେଲେ ଆଲୋକ ନିଜ ସ୍ୱାଭିମାନ ପାଇଁ ସେମିତି କିଛି ଦାନ ଗ୍ରହଣ କରିବାକୁ ଚ଼ାହାନ୍ତି ନାହିଁ ବୋଲି ରାଜୁକୁ ମନା କରିଦେଇଥିଲେ। ସେ ବିଚ଼ରା ଆଲୋକଙ୍କୁ ବୁଝାଇବାକୁ ବହୁତ ଚେଷ୍ଟା କରିଥିଲା। ହେଲେ ଆଲୋକ ନିଜ ଜିଦରେ ଅଟଳ ଥିଲେ। ସେଥିପାଇଁ ସେ ଅଭିମାନ କରିଛି।

-' ମୁଁ ତ ରାଜୁକୁ କେତେବେଳେ କିଛି ସାହାଯ୍ୟ କରି ପାରିନାହିଁ, ଏବେ କାହିଁକି ତା ଠାରୁ ମୁଁ କିଛି ଗ୍ରହଣ କରିଥାନ୍ତି ? ବାପା, ବୋଉ ବି ନାହାନ୍ତି। ରାଜୁ ନିଜେ ବ୍ୟାଙ୍କ୍ ରୁ ଲୋନ୍ ନେଇ ଘର ସଜାଡିଛି, ରଙ୍ଗ ଦେଇଛି , ଘର ପାଇଁ ଆସବାବପତ୍ର ସବୁ କିଣିଛି ବୋଲି କହୁଥିଲା। ତା ପୁଅକୁ ପୁଣି କୋଚ଼ିଂ ସେଣ୍ଟରରେ ଆଡ଼ମିଶନ କରେଇବାର ଥିଲା। ସେ ସମୟରେ ଆମେ ତାକୁ ଆଉ ଭାରାକ୍ରାନ୍ତ କରେଇବା ଉଚ଼ିତ୍ ଥିଲା କି ?' ଆଲୋକଙ୍କର ଏ ଉତ୍ତର ରାନୁ କୁ ଚୁପ୍ କରାଇବାକୁ ବାଧ୍ୟ କଲା।

ହେଲେ ରାନୁ ମନେ ମନେ ସାନ୍ତ୍ୱନା ଟିକିଏ ପାଇଲା।ତା ଭାଇ ବଦଳି ଯାଇନି। ନିଜେ ଅସୁବିଧାରେ ଆଉ ମନସ୍ତାପରେ ଥାଇ ବି ଭଉଣୀକୁ ସାହାଯ୍ୟ କରିବାକୁ ଆଗେଇ ଆସିଥିଲା।ଆହତ ଅଭିମାନରେ ସିନା ଏମିତି ଆସି ଏଠି ଭିଣିଭିଣି ହେଉଥିଲା। ମନେ ମନେ ହସିଲା ଟିକିଏ ରାନୁ। ରାଜୁଟା ସବୁଦିନ ଖବିସା ଟା। ଟିକିଏ କଥାରେ ଚ଼ିହିଁକି ଉଠିବ ତ ପର ମୁହୂର୍ତ୍ତକୁ କିଛି ନଥିବ।

-' ରାଜୁ, ଏଥର ଆସିଲା ବେଳକୁ ସୀମା କୁ କହି ଟିକିଏ କଡା ପାଗ ଦେଇ ଘି ପିଠା କରି ଆଣିବୁ। ତୋ ଭାଇନା ସେମିତି ପିଠା ଭଲ ପାଆନ୍ତି। ଆଉ ହଁ, ବହୁତ ଦିନ ଆଗରୁ ସେ ଯେଉଁ ସୁନା ପାଣି ଦିଆ ଚୁଡି ସୀମା ପଠେଇଥିଲା, ସେସବୁ ରଙ୍ଗ ଛାଡି ଆସିଲାଣି। ଏଥର ଆସିଲା ବେଳକୁ ଆଣିବୁ। ଆଉ ଆମ ବାଡି ଗଛରୁ ଓଉ ଦୁଇଟା , ହେଲା...!' ରାନୁ ହସି ହସି ଫୋନ୍ ରେ ଏତିକି କହି ସାରିଲା ବେଳକୁ ଶୁଭିଲା ରାଜୁର ସ୍ୱର ' ମୋତେ କାହିଁକି କହୁଛୁ? ସୀମାକୁ କହ ।'

-' ନାନୀ, ତୁମ ଫୋନ୍ ପାଇ ଏଥର ତୁମ ଭାଇ ଟିକିଏ ଶାନ୍ତି। ଓଃ, କି ଉତ୍ପାତ ହେଉଥିଲେ ସେ..! ଯାହାହେଉ ଠିକ୍ ସମୟରେ ତୁମେ ତାଙ୍କୁ ସମ୍ଭାଳି ନେଲ।'

-' ଯା ମ, ମୋ ଭାଇ ଭଳିଆ ଦୁନିଆରେ ଆଉ କେହି ନାହାନ୍ତି ।ତୁ କେତେ ପୁଣ୍ୟ କରି ତାକୁ ପାଇଛୁ !'

ସେପଟୁ ଶୁଭୁଥିଲା ରାଜୁ ଆଉ ସୀମାର ତରଙ୍ଗାୟିତ ହସର ଲହରୀ...!!!

*ନୂଆପଡା, କଟକ*

# ମାଆ

*ରମାକାନ୍ତ ଦାସ*



ସାଗର ଠୁ ଗଭୀର ତା
ସ୍ନେହ ପ୍ରେମ ଆଦର
ତା ପଣତ ତଳେ ଥିଲେ
ଲାଗେନାହିଁ ଡର ॥
ବିପଦେ ଆପଦେ ମୋର
ସେ ହିଁ ସାହାରା
ତା ବିନା ଦୁନିଆଁ ଟା
ଲାଗଇ ଅଧୁରା ॥
ତା ସ୍ନେହରେ ରହିଅଛି
ଅସରନ୍ତି ପ୍ରେମ ଛିଟା
ଧନ ବୋଲି ଡାକିଦେଲେ
ଲାଗେ ଭାରି ମିଠା ॥
ଜହ୍ନମାମୁଁ ଗୀତ ଗାଏ
କୋଳରେ ବସାଇ
ତା ଭଲପାଇବାର
ସୀମାରେଖା ନାହିଁ ॥
ପଣତର ପୋଛିଦିଏ
ଅଳିକର ଦୁଃଖ
ତା ମମତାରେ ଥାଏ
ସରଗର ସୁଖ ॥
ତା ହାତ ମୁଣ୍ଡରେ ଥିଲେ
ସୁଖ ସରେନାହିଁ
ତା ପଣତ ତଳେ ଥିଲେ
ଭୟ ଲାଗେ ନାହିଁ ॥
ତା ସ୍ନେହ ଶରଧାର
ପଟାନ୍ତର ନାହିଁ
ଦୁଃଖ ଭୁଲାଇ ଦିଏ
ବାତ୍ସଲ୍ୟରେ ସ୍ନେହ ଦେଇ ॥
ମୋ ମାଆ ପରି କେହିନାହିଁ
ଏ ସାରା ମହୀରେ
ସବୁ ଦୁଃଖ ଭୁଲିଯାଏ
ଥିଲେ ତା ପାଖରେ ॥

*ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର*

# କବି କିଏ

*ପୂର୍ଣ୍ଣଚନ୍ଦ୍ର ବହଳୀ*



ଯେତେବେଳେ କଷ୍ଟ ଶବ୍ଦରେ
ପରିଣତ ହୋଇଯାଏ
ଯେତେବେଳେ ମନର କଥା
ମନରେ ରହିଯାଏ
ଯେତେବେଳେ ଉଡିଯାଉଥିବା ପକ୍ଷୀ
କୌଣସି ଗୀତ ଶୁଣାଏ
ଯେତେବେଳେ ହୃଦୟର କମ୍ପନ
ଆପେ ଆପେ ସଂଗୀତରେ
ରୁପାୟିତ ହୋଇଯାଏ
ଯେତେବେଳେ ନୀରବତା ଶବ୍ଦ ଠାରୁ
ଅଧିକ କଥା କହେ
ଯେତେବେଳେ ଭିତରେ ଥିବା କଥା
ବାହାରେ ଉଜାଗର ହୁଏ
ଯେତେବେକେ କାହାର ଆଖିର କଥାକୁ
ପଢିବାକୁ ହୁଏ
ଯେତେବେଳ ଆକାଶରେ
ସୂର୍ଯ୍ୟ ଚ଼ନ୍ଦ୍ର ତାରା କୁ ଦେଖି
ମନରେ କେତେ କଳ୍ପନାର ରୂପ ନିଏ
ଯେତେବେଳେ ସବୁ କିଛି
ଶବ୍ଦରେ ରୁପାୟିତ ହୁଏ
ହୃଦୟକୁ ଛୁଇଁ ପାରେ
ମାନିନେବାକୁ ହେବ
ମନୁଷ୍ୟ ହିଁ ହୋଇପାରେ ଏକ କବି କ୍ଷ

*ସମ୍ପାଦକ, ଶିବାନୀ*
*ଭଦ୍ରକ*

# ମହାମୋହ

*ରତ୍ନକାନ୍ତି ମିଶ୍ର*



ପିଆସୀ ପ୍ରାଣର ପ୍ରୀତି ଫଲଗୁ ତୁମେ
ଭାବ ବନ୍ଧନର ମୋହ
ତୁମ ବ୍ୟତିରେକ ମୋ ମନ ଭାଷାକୁ
କା' ଆଗେ କହିବି କୁହ ,
ହୃଦେ ପୁଞ୍ଜିଭୂତ କୋହ
ବେଦନା ବିଧୁରେ ନୟନରୁ ଝରେ
ଧାରା ଶ୍ରାବଣର ଲୁହ ॥
ଆକାଶ ବକ୍ଷରେ ନୀଳ ଜହ୍ନ ତୁମେ
ମୁଁ ଅବୁଝା କୁମୁଦ ଟିଏ
ହୃଦୟେ ସାଇତା ସଂଗୋପିତ କଥା
ଆଉ ବା ବୁଝିବ କିଏ,
ଶୁଣ ଆହେ ପ୍ରାଣ ପ୍ରିୟ
କଳା କଳେବର ରୂପ ସମ୍ଭ ?ହନେ
ଜାଗି ଉଠେ ମହାମୋହ ॥
ସରି ସରି ଆସେ ଆୟୁଷ ମୋହର
ତୁମ ପଥ ଚ଼ାହିଁ ଚ଼ାହିଁ
ତୁମରି ପ୍ରେମର ପ୍ରୀତିସୁଧା ନୀରେ
ଇଚ୍ଛା ମୋ ଭିଜିବା ପାଇଁ ,
ମନ ଝୁରେ ଅହରହ
ଛୁଇଁ ଯାଅ ବାରେ ଅଦୃଶ୍ୟରେ ଥରେ
ହୋଇ କେବେ ଗନ୍ଧବହ ॥
ସ୍ନିଗ୍ଧ ଶୀତଳ ଜୋଛନା ପରଶି
ପ୍ରିୟତମ ତୁମେ ଆସ
ଭାବ ନୈବେଦ୍ୟର ରାସ ପୀୟୂଷରେ
ପୂର୍ଣ୍ଣ କର ଅଭିଳାଷ
ପ୍ରେମ ହେଉ ମଧୁମୟ ଭତୁମ ବିନା
ସଖା ରିକ୍ତ ଏ ଜୀବନ
କୃପା କର ଦୟାମୟ ॥

*ଆଳି, କେନ୍ଦ୍ରାପଡା*

# ନାରୀର ଅନ୍ତଃସ୍ୱର

*କବିରତ୍ନ ନୂତନ କୁମାର ବେହେରା*



ନାରୀ ମହନୀୟତାର ମହକରେ ଭରା
ମମତାର ପ୍ରବାହିତା ସ୍ରୋତସ୍ୱିନୀ
ଗଙ୍ଗା ଯମୁନା ସରସ୍ୱତୀର ସେ ତ୍ରିଧାରା
ତାର ଅନାବିଳ ସେବା ଯତ୍ନ ତ୍ୟାଗରେ
ସୁଧାମୟ ହୁଏ ସମଗ୍ର ବସୁଧା
ସେ ସ୍ୱୟଂସଂପୂର୍ଣ୍ଣା...ପୂର୍ଣ୍ଣ କରେ ଅଧୁରା
ମାଆ ରୂପରେ ସେ ଦିଏ ବଳିଦାନ
କଲ୍ୟାଣେ ହୋଇ ସର୍ବଂସହା
ଭଗ୍ନୀ ଭାବରେ ମଙ୍ଗଳ କାମନା କରି
ଶୁଭ ମନାସେ ମନ ପ୍ରାଣ ହୃଦୟରୁ
ହୋଇ ଧର୍ମପତ୍ନୀଟିଏ ତା'
ପତି ଦେବତାକୁ
ଉଦ୍ଧାର କରେ ପାପ ପଙ୍କର ପତନରୁ
ସେ ସ୍ନେହମୟୀ
ପ୍ରେମମୟୀ ମମତାମୟୀ
କରୁଣାମୟୀ ଆଦିଶକ୍ତି ସ୍ୱରୂପା
ସଂସାର ସୃଷ୍ଟିର ଆଧାର
ଆଦ୍ୟ ବୀଜମନ୍ତ୍ର
ସନ୍ତାନର ସାହାରା
ପରିବାରର ଇଷ୍ଟଦେବୀ
ଲାଳନେ ପାଳନେ ଜୀବନଦାତ୍ରୀ
ଅତୁଳନୀୟା ଅନନ୍ୟା ତାର ସ୍ୱଭାବ ଚ଼ରିତ୍ର
ସାରା ଜଗତର ଅରିକୁ ତା' ଶକ୍ତିରେ ମାରି
ନାରୀ ହୁଏ ଜଗଦମ୍ବା ଦୁର୍ଗତନାଶିନୀ
ସେ ଯୁଗେ ଯୁଗେ
ମହୀୟସୀ ଗରୀୟସୀ
ସେ ଚ଼ିର ବନ୍ଦନୀୟା ପୂଜ୍ୟନୀୟା
ତାର ମାନ ସମ୍ମାନ ମର୍ଯ୍ୟାଦା ରଖିବାରେ
ନ ରଖି ଧ୍ୟାନ କରେ ଯିଏ ଉଲଙ୍ଘନ
ହୁଏ ଅପରାଧୀ ପାଏନା ନିସ୍ତାର ହୁଏନା ମୁକ୍ତ
ଧ୍ୱଂସର ପଥେ ଗମି ଯାଏ ତା' ଜୀବନ
ନାରୀର ଅନ୍ତର୍ଦାହ ହିଁ ତା'ର ଅନ୍ତଃସ୍ୱର
ଯେବେ ଯେବେ କରି ଉଠେ ହାହାକାର
ତା' ଆଖିରୁ ଝରେ
ଅଭିଶାପର ଲୁହଧାର
ସେ ବନ୍ୟାରେ ବୁଡ଼ ?
ରାବଣର ସ୍ୱର୍ଣ୍ଣଲଙ୍କାପୁର
ଧ୍ୱଂସସ୍ତୁପ ପାଲଟେ
ଦୁର୍ଯ୍ୟୋଧନର ହସ୍ତିନାପୁର
ସେ ରଖେ ନାହିଁ କାହାରି ଗର୍ବ ଅହଙ୍କାର
ନାରୀ ହୃଦୟରୁ ବହିଲେ ଅମିୟଧାର
ସୃଷ୍ଟିର ରହେ ସ୍ଥିତି ମିଳେ ସୁଖ ଶାନ୍ତି ତୃପ୍ତି
ତା' ଅନ୍ତଃସ୍ୱର ବେଦନାରେ
ହେଲେ ଜର୍ଜ୍ଜରିତ
ଜୀବନର ଅଧୋଗତିରେ
ଆସେ ପରିସମାପ୍ତି
ନୀରବତାର ପ୍ରତିବାଦ
ହେଲେ ବି ଅଦୃଶ୍ୟ
ନୀରବତାରେ ସବୁ କରିଦିଏ ଧ୍ୱଂସ
ଜଗତଜନଙ୍କ ଚେତନାରେ
ଆସୁ ସୁଧାର
ହସି ଉଠୁ ପ୍ରତିଟି ସୁନାର ସଂସାର
ନାରୀ ହୋଇ ରହୁ ସଦା
ମମତାମୟୀ ମାଆ
ସବୁରି ମଙ୍ଗଳେ ହେବାକୁ ସାହା।

*କୋହି,ବାରିପଦା,ମୟୂରଭଞ୍ଜ*

# ଆମ ଅକ୍ଷୟ ତୃତୀୟା

*କବି କେଶବ ଚନ୍ଦ୍ର ନାୟକ*



ଚ଼ାଷୀ ପୁଅ ମୁଣ୍ଡେ ଧରି ଅକ୍ଷିମୁଠି ଧାନ
ଟୋକେଇରେ ଲଗାଇଛି ସିନ୍ଦୁର ଚ଼ନ୍ଦନ ।
ସୁଦ୍ଧ ସ୍ନାନ କରି ପିନ୍ଧି ଅଛି ଧଳା ଧୋତି
ମୁଣ୍ଡେ ବାନ୍ଧିଣ ପଗଡ଼ି ଚ଼ଳଇ ଝଟତି ।
ଯୋଡି ବଳଦ ସହିତ ଲଙ୍ଗଳ ଯୁଆଳି
ଯୋଚ଼ିଛି ପଘାରେ କଷି ନପାରିବ ଗଳି ।
ଗାଧେଇ ଦେଇଛି ଯୋଡ଼ା ବଳଦକୁ ତା'ର
ମଥାରେ ଟାଣି ଦେଇଛି ସିନ୍ଦୂରର ଗାର ।
ବେକରେ ଘଣ୍ଟି ଘାଗୁଡି ବାଜେ ଟିଣି ଟିଣି
କି ସୁନ୍ଦର ଚ଼ାଲି ଦେଖ ହୃଦ ନିଏ ଜିଣି ।
ବଇଶାଖ ମାସ ଶୁକ୍ଳ ତୃତୀୟା ଦିନରେ
ପୁଷ୍ପ ଧୂପ ଦୀପ ଦେବ ଧାନ ପାଶେ ନେଇ
ମାତା ଲକ୍ଷ୍ମୀ ପୂଜିଣ ଅକ୍ଷି ବୁଣିବଟି ସେହି।
ଲଙ୍ଗଳ ଚ଼ଳାଇ ଛାଟିଣ ଧାନ ମୁଠା ମୁଠା
ଫେରିବ ଗୃହକୁ ପୂଜି ଖାଇବ ଯେ ପିଠା ।
କୃଷକ ଦିବସ କହି ସରକାର ପାଳେ
ମନ୍ତ୍ରୀ ବିଧାୟକ ହଳ ଲଙ୍ଗଳ ସଞ୍ଚାଳେ ।
ଓଡ଼ିଶାର ମହା ପର୍ବ ଅକ୍ଷୟ ତୃତୀୟା
ମାତା ଅନ୍ନପୂର୍ଣ୍ଣା ସଦା ଓଡ଼ିଶାକୁ ସାହା ।
ଜଗନ୍ନାଥ ଓଡ଼ିଆଙ୍କ ସେ ମଉଡମଣି
ଏହି ଦିନେ ରଥ ଅନୁକୂଳ ହୁଏ ପୁଣି ।
ଏହି ଦିନେ ଘର ଦ୍ୱାରା ନିର୍ମାଣ ଆରମ୍ଭ
କଲେ ଶୁଭ ହୋଇଥାଏ ଗୃହ ହୁଏ ଦମ୍ଭ ।
ଏ ଶୁଭ ଦିନରେ କରେ ଯେ ବିବାହ ବ୍ରତ
ଅତି ମଙ୍ଗଳ ଦାୟକ
ବୋଲି ବୋଲନ୍ତି ପଣ୍ଡିତ।

*(ସଭାପତି, ଉତ୍କଳ ସାହିତ୍ୟ ସଂସଦ, ମାଲକାନଗିରି)*

# ଜୀବନ ବ୍ୟାକରଣ

*ଶିବାନୀ ମହାରଣା*



ଜୀବନ ବାକ୍ୟରେ ପୂର୍ଣ୍ଣ ଛେଦ ଦେଇ
ଅବସର ନେବାକୁ ଚ଼ାହେଁ
ପରିସ୍ଥିତି ମୋର କମା ବ୍ୟବହାର କରି
ଜୀବନ ବାକ୍ୟକୁ ବଢାଏ
ଖଣ୍ଡବାକ୍ୟ ହୋଇ ଯୋଗ୍ୟତା ହରାଇ
ଅନ୍ୟର ଆକାଂକ୍ଷା ରଖି
ବିସ୍ମିତ ହୋଇ ସାହାରା ଖୋଜି
ପ୍ରଶ୍ନ ସୂଚ଼କ ହୋଇ ଥିବି
ବନ୍ଧନୀ ମଧ୍ୟରେ ଆବଦ୍ଧ ହୋଇ
ଯୋଗ୍ୟତାର ବାଟ ଖୋଜିବି
ଉଦ୍ଧୃତି ମଧ୍ୟରେ ରହିଥିବି ସଦା
ହୋଇ ମୋଟା ଅକ୍ଷରରେ ଛପି
ବ୍ୟବଧାନ ଚ଼ିହ୍ନରେ ନଜର ଦେବି
ନିଜ ପାଇଁ ସେଠି ଶୂନ୍ୟ ରଖିବି
ଅଳଙ୍କାର ଦେଇ ସଜାଇ ଦେବି
ଉପମା ଦେଇ ରୂପ ଗଢିବି
ଆସକ୍ତି ମଧ୍ୟରେ ଆଦେଶ ଦେଇ
ବିବୃତି ହୋଇ ବିବରଣୀ ଦେବି
ରୂଢ଼ି ମୁଁ ସାଜି ପରୀକ୍ଷା ନେବି
ଉତପ୍ରେକ୍ଷା ଭଳି ତର୍କ କରିବି
ରସ ଭରି ଦେଇ ମନ ମୋହିବି
ଯଥା ଚ଼ିହ୍ନ ଦେଇ ବୁଝାଇ ଦେବି
ସମ୍ବୋଧନ ପାଇଁ ଅନାଇ ଥିବି
ସଠିକ୍ ? ପାଇଲେ ଆପଣେଇ ନେବି

*ପାଣ୍ଡିଆ, ଗଞ୍ଜାମ*

# କଳାକାର

*ନିରଞ୍ଜନ ସାହୁ*



କଳାରେ କଳାରେ ଜୀବନ ଯାହାର
ସେ ବୋଲାଏ କଳାକାର
କଳାରେ ବଞ୍ଚଇ କଳାରେ ମରଇ
ସେ ସଭିଙ୍କ ଗଳାହାର ।
କଳାର ପୂଜାରୀ କଳାର ମଣିଷ
କଳାର କୋଣାର୍କ ଗଢେ
କଳାର ସାଧନା କଳା ଆରାଧନା
କାଳରେ ଆଗକୁ ବଢେ
କଳା ତା ଜୀବନ କଳା ପ୍ରାଣଧନ
କଳା ମାରେ ଆଖିଠାର ।
ଭିତରେ କାନ୍ଦଇ ଉପରେ ହସଇ
ସଦା ସୁଖୀ ଜଣାପଡ଼ ?
ତା ମନର କଥା ସଭିଙ୍କୁ ଅଯଥା
ତା ପାଇଁ ଲୁହ ନ ଗଡ ?
କିଏ ସେ ବୁଝିବ କେ ' ରଣ ଶୁଝିବ
କେ ' କରିବ ଉପକାର ?
କଳାର ପ୍ରଶଂସା ସଭିଏଁ କରନ୍ତି
ଏହି କଳାକାର ପାଇଁ
କଳାର ସମ୍ମାନ ରଖେ କଳାକାର
କଳା ପାଶେ ଯାଏ ଧାଇଁ
କଳା ଠାକୁରାଣୀ ଦେବୀ ବୀଣାପାଣି
କୃପାବଳେ ବଳୀୟାର ।
ଜୀବନଟା ସାରା କଳାକାର ସାଜି
ଯେବେ ସେ ବାହୁଡ଼ି ଯାଏ
ସେତେବେଳେ ତା'ର ମୂଲ୍ୟାୟନ ହୁଏ
ବିଚ଼ରା ସେହି ନ ଥାଏ
ଦିନ ଚ଼ାଲିଥାଏ ଚ଼ିହ୍ନ ରହିଯାଏ
ଲଘେଁ କଳା ପାରାବାର ।

*ନିହଲ ପ୍ରସାଦ, ଗଁଦିଆ ପାଟଣା*
*ଢେଙ୍କାନାଳ-୭୫୯୦୧୬*

# ଗ୍ରୀଷ୍ମ

*ସୁହଂସ ଭୋଇ*

ଗ୍ରୀଷ୍ମ ଅବକାଶେ ହେଲେ ପରବେଶ
ଧରଣୀକୁ ଦିନମଣି
ନିଦାଘ କିରଣ ଦିଅଇ କଷଣ
ଆକାଶରୁ ଝରେ ବହ୍ନି ଓ
ତୃଣ ତରୁଲତା ବରନ ମଳିନ
ନିଶବଦ ବନ ପକ୍ଷୀ
ଜୀବ ସରୀସୃପ ପଡି ରହିଛନ୍ତି
କଳବଳେ ବିନା ଭକ୍ଷି ଓ
ପଥ ପ୍ରାନ୍ତ କ୍ଷେତ ଗୋଠ ଘାଟ ହାଟ
ଉଦାସୀନ ମରୁଭୂମି
ମାଟି ଗୋଡ଼ି ବାଲି ତାତି ଉଠିଲେଣି
ପାନ୍ଥ ହୁଏ କ୍ଳାନ୍ତ ଭ୍ରମି ଓ
ଦେହରେ ବାଜିଲେ ଶୁଖିଲା ପବନ
ଲାଗୁଛି ଅନଳ ପରି
ଜଳକୁ ଛୁଇଁଲେ ଜଳି ଯାଉଅଛି
ବହି ଯାଏ ଶ୍ରମବାରି ଓ
ନଈ ନାଳ ପୁଷ୍କରିଣୀ ଗୋଟି ଗୋଟି
ସଭିଏଁ ଗଲେଣି ଶୁଖି
ମନ ଅବସନ୍ନେ ବସିଛି ମଣିଷ
ଆଖି ଅଛି ନଭେ ଲାଖି ।

*ପହଣ୍ଡି,ବରଗଡ଼*

# ବିଦଗ୍ଧ ବସୁଧା

*ସୁଧାକର ରାଉତ*



ସୂରୁଜ ଙ୍କ ତାପ ନୁହଁଇ ସହି
ଦେହୁ ସବୁ ଝାଳ ଯାଆଇ ବହି
ମୁଣ୍ଡ ଝାଇଁ ଝାଇଁ ମାରିଯାଏ ସିନ୍ନା
ଆଶ୍ରା ଦେବା ପାଇଁ ଗଛଟି କାହିଁ ?
ପ୍ରକୃତି କୁ ଆମେ ଦେଉଛୁ ଦୋଷ
ସେଇଥିରେ ପରା ଲଭୁଛୁ ତୋଷ
ନିଜ ଅତ୍ୟାଚ଼ାର କଥା ଭୁଲିଯାଇ
କି ଲାଭ କାଠାରେ କରିଲେ ରୋଷ ।
ସ୍ୱପ୍ନ ପାଲଟିଛି ଗଛ ର ଛାଇ
କଂକ୍ରିଟ ଜଙ୍ଗଲ ଦେଖାଏ ଛଇ
ନିଜ ସ୍ୱାର୍ଥ ପାଇଁ ସର୍ବ ? ଏବେ ମଗ୍ନ
କାହାକୁ ପ୍ରକୃତି କହିବ ଯାଇ ।
କାଳବୈଶାଖୀ ମଧ୍ୟେ ଆସି କରି
ସଭିଙ୍କୁ ଆଶ୍ୱାସେ ବରଷି ବାରି
ତାହାର ଏବେ ତ ମିଳୁନାହିଁ ଦେଖା
ଲୁଚ଼ିଛି ସିଏ ଅଭିମାନ କରି ।
ଜଳାଭାବ ଅତି ଉତ୍କଟ ହୁଏ
ତ୍ରାହି ତ୍ରାହି ଚ଼ିତ୍କାର ଶୁଭାଯାଏ
ସୁଖ ସ୍ୱାଛନ୍ଦ ର ପ୍ରତିଫଳ ଏବେ
ଆମେ ନ ଭୋଗିବୁ ଭୋଗିବ କିଏ ?
ନାଟକର ଇଏ ପ୍ରାରମ୍ଭ ଦୃଶ୍ୟ
ସ୍ଥିତି ଜାରି ରହିଲେ ହେବ କିସ
ଆନ୍ତରିକତା ସହ କାର୍ଯ୍ୟ ନକଲେ
ପ୍ରକୃତି ତାହାର ଢାଳିବ ବିଷ ।
ତଥାପି ମାଟି ମା କରିଛି ଆଶା
ବାରିପାତ ହେଲେ ହଟିବ ଦଶା
ଅନୁତପ୍ତ ହୋଇ ନିଜ କର୍ମ ପାଇଁ
ସଚେତନତା ଦେଖାଇବ ଦିଶା ।

*ପ୍ରତାପ ନଗରୀ, କଟକ*
*ମୋ - ୮୨୪୯୯୩୨୭୯୨*

# ସଂକଳ୍ପ

*ଭାସ୍କର ରାଉତ*



କରିଛି ସଂକଳ୍ପ ଛଡ଼ାଇବି ପାପ
ଆଉ ଡେରି ନକରିବି
ମୋ ଜାତି ଭାଇଙ୍କୁ ବସାଇ ତାହାଙ୍କୁ
ସବୁ କଥା ବୁଝେଇବି।
ଉଦାମତା ପଣେ ମୋର,
କଲି ଯେଉଁ କର୍ମ ବୁଡ଼ିଯାଏ ଧର୍ମ
ରକ୍ଷା ନାହିଁ ଏଇଥରା।
ଚ଼ବିଶି ବରଷ ହୋଇଗଲା ଶେଷ
ସର୍ବସ୍ୱ ମୋର ଲୁଟିଲୁ
ଅବସ୍ଥା ମୋହର ନକଲୁ ବିଚ଼ାର
ନିଜ ସ୍ୱାର୍ଥକୁ ଦେଖିଲୁ।
ସନ୍ତାନ ଜନମ କଲା,
କାହାର ଯତନ ନକରିଲା ଜାଣ
ଅପ ପୁଷ୍ଟିରେ ମାଇଲା ॥
ଏବେ ସେ କହୁଛି ରହିଯା ମୁରୁଛି
ଆଉ ଦଶୁଟା ବରଷ
ଇନ୍ଦର ଭୁବନ କରିବ ନିର୍ମାଣ
ନ ଘେନ ତୁ ମୋର ଦୋଷ।
ଏଡ଼ିକି ନିଲଠା ସେହି,
ଚ଼ିହ୍ନି ମୁଁ ନଥିଲି ଭାବ ବଢ଼ାଇଲି
ସେ ଦଶା ଭୋଗୁଛି ରହି।
ଆରେ ରଇଜଳା ବେଗେ ଏଠୁ ପଳା
ଭଲ ଦଶାଥିଲେ ତୋ'ର
ମୋର ଜାତି କୁଳ ହୋଇଲେଣି ମେଳ
ଖାଇବୁ ଏବେ ପାହାର।
ଚ଼ିହ୍ନିବୁ ଏ ଓଡ଼ିଆ ଆଙ୍କୁ,
ତୁ କଳା ପାହାଡ଼ ଭାଙ୍ଗିବେ ତୋ ହାଡ଼
ନିନ୍ଦୁଥିବୁ ତୋ କର୍ମକୁ।

*ଦେବମାୟା ଭବନ,ଶେରଗଡ଼, ଗଞ୍ଜାମ*

# ବହି ଉତ୍ତମ ବନ୍ଧୁ

*ରମେଶ ଚ଼ନ୍ଦ୍ର ନାୟକ*



ବହି ଆମର ଉତ୍ତମ ବନ୍ଧୁ
ଥାକରେ ସାଇତି ରଖ
କେତେ ଅଜଣା କଥା କୁହଇ
ଦୂର କରଇ ଦୁଃଖ ।
ସଭିଙ୍କୁ ସିଏ ଜ୍ଞାନ ତ ଦିଏ
କିଏ ହେବ ତା'ର ସରି
ତା'ଭଳି ସାଥୀ ଜଗତେ ନାହିଁ
ସିଏ ତ ଗୁରୁଙ୍କ ପରି ।
ବହି ପୃଷ୍ଠାରେ ପୁରାଣ କଥା
ଗଳ୍ପ କବିତା କେତେ
ଗଣିତ ସୂତ୍ର ବିଜ୍ଞାନ ମନ୍ତ୍ର
କେତେ ସୁନ୍ଦର ସତେ ।
ଜୀବନ ଆମ କରାଏ ଧନ୍ୟ
ବୁଦ୍ଧି ବିବେକ ଉଏଁ
ବହିର ପାଠ କରେ ଜାଗ୍ରତ
ସସ୍କାର ଶିକ୍ଷା ଦିଏ ।
ବହି ସାଥିରେ ବାଟ ଚ଼ାଲିଲେ
ଦୂରେଇ ଯାଏ ଦୁଃଖ
ଅନ୍ଧାର ତଡି ଆଲୋକ ଆଣେ
ଦିଅଇ କେତେ ସୁଖ ।
ତା'ଦେହେ ଚ଼ିତ୍ର କେତେ ବିଚ଼ିତ୍ର
କୁହେ ଅନେକ କଥା
ତାହାରି ପାଇଁ ଉଚ୍ଚ଼ରେ ବସୁ
ଟେକି ଆମରି ମଥା ।
ନୁହଁଇ ମିଥ୍ୟା ସତ୍ୟ ଏ କଥା
ପ୍ରମାଣ ଅଛି କେତେ
ମୂରୁଖ ଲୋକ ହୁଏ ପଣ୍ଡିତ
ବହି ରଖିଲେ ସାଥେ ।
ବହି ଆମର ବଡ଼ ଠାକୁର
ପୂଜିଲେ ମିଳେ ଶାନ୍ତି
ଜ୍ଞାନ ଆକାଶେ ଜ୍ୱଳନ୍ତ ସୂର୍ଯ୍ୟ
କିରଣ ଦିଏ ଶକ୍ତି ।

*ଦରଡା , ମଙ୍ଗଳପୁର , ଯାଜପୁର*




## ମିଳନୀ ସାହିତ୍ୟ ସଂସଦ କମିଟି ପୁନଃଗଠନକୁ ନେଇ ବଢୁଛି ଅସନ୍ତୋଷ

କେନ୍ଦୁଝର (ପିଏନ୍): କେନ୍ଦୁଝରର ମିଳନୀ ସାହିତ୍ୟ ସଂସଦର ନୂତନ ପରିଚାଳନା କମିଟି ଗଠନକୁ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ପଦ ପଦବୀ ହାତେଇବା ପାଇଁ ନୂତନ ସଦସ୍ୟ କରିବା ସହ ବିଭିନ୍ନ ପ୍ରକାରର ଗୋଟି ଚାଳନା ଆରମ୍ଭ ହୋଇଛି। ଏହି କମିଟିର ଆଜୀବନ ସଦସ୍ୟ ସଂଖ୍ୟା ୮୫ ଜଣ ରହିଥିବା ବେଳେ ତରବରିଆ ଭାବରେ ନିର୍ବାଚନ ନ କରି କମିଟି ଗଠନ କରିବାକୁ ମସୁଧା ହେଉଥିବାରୁ ଅନେକ ସଦସ୍ୟ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ନିର୍ବାଚନ ହେଲେ ପଦବୀ ପାଇବା ଆଶଙ୍କା ଥିବାରୁ ଗୋଟିଏ ଦିନରେ ବୈଠକ ଡକାଯାଇ କମିଟି ଗଠନ କରିଦେବା ପାଇଁ ହେଉଥିବା ଉଦ୍ୟମକୁ ଅନେକ ସଦସ୍ୟ ସମାଲୋଚନା କରୁଛନ୍ତି। ମିଳନୀ ସାହିତ୍ୟ ସଂସଦ ଭଳି ମର୍ଯ୍ୟାଜନକ ସାହିତ୍ୟ ଅନୁଷ୍ଠାନରେ ନିର୍ବାଚନ ପାଇଁ ତରବରିଆ ଭାବରେ ନୂତନ ଆଜୀବନ ସଦସ୍ୟ ଗ୍ରହଣ କରାଯିବା ଏବଂ ତରବରିଆ ଭାବେ ନିର୍ବାଚନ ନ କରି ଗୋଟିଏ ଦିନରେ ସାଧାରଣ ପରିଷଦ ବୈଠକ ଡକାଯାଇ କମିଟି ଗଠନ କରିବାକୁ ହେଉଥିବା ଉଦ୍ୟମ କେତେଦୂର ଆଇନସଙ୍ଗତ ତାହାକୁ ନେଇ ସଦସ୍ୟମାନଙ୍କ ଚର୍ଚ୍ଚା ହେଉଛି। ସେହିପରି ସମସ୍ତ ସଦସ୍ୟଙ୍କୁ ସୂଚନା ଦିଆ ନଯାଇ ତରବରିଆ ଭାବରେ କମିଟି ପୁନଃ ଗଠନ କରିବା ଉଦ୍ୟମ କେତେଦୂର ଗ୍ରହଣୀୟ ବୋଲି ଆଲୋଚନା ହେଉଛି। ଜଣେ ବ୍ୟକ୍ତି ପଦବୀ ହାତେଇବା ପାଇଁ ନିର୍ବାଚନ ନ କରି ସହମତିରେ କମିଟି ଗଠନ କରିବା ନେଇ ଉଦ୍ୟମ କରୁଥିବାରୁ ଅସନ୍ତୋଷ ବଢୁଛି। ଏଣୁ ସମସ୍ତ ସଦସ୍ୟ/ସଦସ୍ୟାଙ୍କୁ ଠିକ୍ ଭାବରେ ସୂଚନା ଦେଇ ନିର୍ବାଚନ ନୀତିନିୟମ ମଧ୍ୟରେ କରିବା ପାଇଁ ଅନେକ ସଦସ୍ୟ କହିଛନ୍ତି।

## ଆସ୍ୱାୟାର ଦ୍ୱାରା ହାତୀଆନେସା ଆରବିସିରେ ଶିଶୁ ତରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ

କେନ୍ଦୁଝର (ପିଏନ୍): ଟାଟା ଦ୍ୱାରା ପରିଚାଳିତ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆସ୍ୱାୟାର ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ପ୍ରତିଯୋଗୀତା ମନୋଭାବ ସୃଷ୍ଟି କରିବା ପାଇଁ ପ୍ରତି ସ୍କୁଲରେ ଶିଶୁ ତରଙ୍ଗ ମହୋତ୍ସବ କାର୍ଯ୍ୟକ୍ରମ କରାଯାଉଅଛି । ଏହି ପରିପ୍ରେକ୍ଷୀରେ ଝୁମ୍ପୁରା ବ୍ଲକ ଗୁଣ୍ଡୁଶିଆ ପଂଚାୟତର ହାତୀଆନେସାଠାରେ ଥିବା ଆର.ବି.ସି. (ରେସିଡେନ୍ସାଲି ବ୍ରିଜ୍ କୋର୍ଷ ସେଣ୍ଟର)ରେ ଏହି ଶିଶୁ ତରଙ୍ଗ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ଝୋଟି, ଦଉଡିଟଣା, ମ୍ୟୁଜିକ୍‌ଚେୟାର, ରଙ୍ଗୋଲି, ଗଣିତ କ୍ୱିଜ୍ ପ୍ରଭୃତି ପ୍ରତିଯୋଗିତାର ଆୟୋଜନ କରାଯାଇ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ୧୮ନଂ ଜୋନ୍ ଜିଲ୍ଲାପରିଷଦ ରାଧାକାନ୍ତ ନାଏକ, ଗୁଣ୍ଡୁଶିଆ ସରପଂଚ ସଙ୍ଗରାଇ ମୁଣ୍ଡା, ସମିତିସଭ୍ୟା ସୁଚିତ୍ରା ବେହେରା, ଝୁମ୍ପୁରାର ପୂର୍ବତନ ସିଡିପିଓ ସୁଲତା ନାଏକ, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଯଶୋମତୀ ମହାନ୍ତି ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଆସ୍ୱାୟାରର ଜିଲା ସଂଯୋଜକ ରବି କୁମାର, ବ୍ଲକ ସଂଯୋଜକ କମଲେଶ କୁମାର, ଅରୁଣ କୁମାର, ସୁଦାମ ଦେହୁରୀ, ରମାକାନ୍ତ ନାଏକ, ମିନାକୁମାରୀ ପ୍ରଧାନ ପ୍ରମୁଖ ପରିଚାଳନା କରିଥିବା ବେଳେ ଆଖପାଖ ଅଂଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଆସ୍ୱାୟାରର ଏପରି କାର୍ଯ୍ୟକ୍ରମକୁ ସ୍ଥାନୀୟ ଅଂଚଳରେ ପ୍ରଂଶସା କରାଯାଇଛି ।

## ପରିବେଶବିତ୍ ଅନିଲ ଦାସ "ବିଚକ୍ଷଣା ସ୍ମୃତି ସମ୍ମାନ"ରେ ସମ୍ବର୍ଦ୍ଧିତ

ଚଣ୍ଡିଖୋଲ (ପି.ଏନ)-ପାକ୍ଷିକ ସାହିତ୍ୟ ପତିକ୍ରା କଳିଙ୍ଗ ପ୍ରଭାର ୧୬ତମ ସ୍ୱନକ୍ଷତ୍ର ଉତ୍ସବ କଳିଙ୍ଗପ୍ରଭାର ମୁଖ୍ୟ ସଂପାଦକ କିଶୋର ଶତପଥିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପଂଚାନନ କାନୁନଗୋ ଯୋଗଦେଇ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ଆମ ରାଜ୍ୟରେ ଓଡ଼ିଆଭାଷା ସାହିତ୍ୟକୁ ବଂଚାଇ ରଖିଛି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତାଭାବେ ପ୍ରଫେସର ବିଜୟାନନ୍ଦ ସିଂହ, ସମ୍ମାନିତ ଅତିଥି ଭାବେ ପ୍ରସନ୍ନ କୁମାର ବେହେରା ଯୋଗଦେଇ କଳିଙ୍ଗ ପ୍ରଭାର ଭୂୟସୀ ପ୍ରଂଶସା କରି ପାଠକ ଓ ଲେଖକମାନଙ୍କୁ ଉତ୍ସାହିତ କରିଥିଲେ। ଉତ୍ସବରେ ପରିବେବିତ୍ ଅନିଲ ଦାସଙ୍କୁ ବିଚକ୍ଷଣା ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇ ଉତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ଐତିହାସିକ ଡ଼ଃ କୈଳାସ ଚନ୍ଦ୍ର ଦାସ, ବରିଷ୍ଠ ସାମ୍ବାଦିକ ପ୍ରଦୀପ ସାହୁ, ଡ଼ଃ ତ୍ରିନାଥ ପଟ୍ଟନାୟକ, ଅଧ୍ୟାପକ ପ୍ରସନ୍ନ ସ୍ୱାଇଁ, ମାଧବଚନ୍ଦ୍ର ସ୍ୱାଇଁ, ଡ଼ଃ ଲୋପାମୁଦ୍ରା ପ୍ରିୟଦର୍ଶନୀଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। କଳିଙ୍ଗ ପ୍ରଭାର ସଂପାଦକ ପ୍ରଦୀପ୍ତ କୁମାର ପରିଡ଼ା ସଂପାଦକୀୟ ବିବରଣୀ ପଠନ କରିଥିଲେ। ଅନିଲ ଦାସ ଅତିଥି ପରିଚୟ ପ୍ରଦାନ, ପଦ୍ମଲୋଚନ ବାର୍ଷିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଇନଜୀବୀ ଗଗନ ମେହେର ଧନ୍ୟବାଦ୍ ଅର୍ପଣ କରିଥିଲେ। ପ୍ରସନ୍ନ କୁମାର ବିଶ୍ୱାଳ, ଅଭିମନ୍ୟୁ ଧଳ ଓ ପ୍ରଜ୍ଞନା ଭଞ୍ଜ ସମ୍ବର୍ଦ୍ଧିତ ବ୍ୟକ୍ତିଙ୍କ ମାନପତ୍ର ପଠନ କରିବା ବେଳେ କାର୍ଯ୍ୟକାରୀ ସଂପାଦକ ବାବୁଲି ବେହେରା,ଅଧ୍ୟାପକ ପ୍ରତାପ ଚନ୍ଦ୍ର ଦାସ ଉତ୍ସବକୁ ପରିଚାଳନା କରିଥିଲେ।

## କୁଶେଇ ନଦୀରୁ ବାଲି ଉତ୍ତୋଳନ ବେଳେ ବିରୋଧ

ଆନନ୍ଦପୁର (ପିଏନ୍):ଘଷିପୁରା ତହସିଲ ଅଧୀନ ସରେଇଁ ଗ୍ରାମ ନିକଟ କୁଶେଇ ନଦୀରୁ ରବିବାର ବାଲି ଉତ୍ତୋଳନ ସମୟରେ ଗ୍ରାମବାସୀ ବିରୋଧ କରିଛନ୍ତି । କୁଶେଇ ନଦୀର ପ୍ଲଟ ନଂ ୧୩୯୩, ୧୯୯୪ ଏବଂ ୨୮୬୫କୁ ଲିଜ୍ ସୂତ୍ରରେ ଦିଆଯାଇଥିବା ବେଳେ ନଦୀ ବନ୍ଧକୁ ବିପଦ ଥିବା ଦର୍ଶାଇ ସରେଇଁ ଗ୍ରାମବାସୀ ଗତ ମାସ ୩୧ ତାରିଖରେ ଘଷିପୁରା ତହସିଲ ଅଫିସ୍ ଘେରାଉ କରିବା ସହିତ ନଦୀରୁ ବାଲି ଉତ୍ତୋଳନକୁ ବିରୋଧ କରିଥିଲେ । ଏହି ଘଟଣାର ସମାଧାନ ନହେଲେ ଗ୍ରାମବାସୀ ତହସିଲ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ମଧ୍ୟ ଦେଇଥିଲେ । କିନ୍ତୁ ଏହି ବିବାଦୀୟ ଘଟଣାର କୌଣସି ସମାଧାନ ହୋଇନଥିବା ବେଳେ ନଦୀର ସୁରକ୍ଷା ବନ୍ଧ ନିକଟରେ ଲିଜ୍‌ଦାରୀ ବାଲି ଉତ୍ତୋଳନ କରୁଥିବା ସମୟରେ ଗ୍ରାମବାସୀ ବିରୋଧ କରିଥିଲେ । ଫଳରେ ଲିଜ୍‌ଧାରୀ ବାଲି ଉତ୍ତୋଳନ କରିନପାରି ଫେରି ଯାଇଛନ୍ତି । ଏହି ବିବାଦୀୟ ଘଟଣା ଦିନକୁ ଦିନ ଉଗ୍ର ରୂପ ଧାରଣ କରୁଥିବା ବେଳେ ତହସିଲ କର୍ତ୍ତୃପକ୍ଷ ଏହାର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି ।

## କ୍ଲଷ୍ଟରସ୍ତରୀୟ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଚକ୍ରୋଡା ପ ାୟତର ତରାପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଏକ କ୍ଲଷ୍ଟରସ୍ତରୀୟ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତରାପୁର ସାଧନକେନ୍ଦ୍ରର ସଂଯୋଜକ ଶ୍ରୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଚକ୍ରୋଡା ପ ାୟତର ସରପ  ତନୁଜା ନାୟକ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ବିଭୁରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ଗୁଣଗାନ କରିବା ସହ ସେମାନଙ୍କ ଅବସର ଜୀବନ ସୁସ୍ଥ ଓ ନିରାମୟ ହେଉ ବୋଲି କାମନା କରିଥିଲେ। ବୈଠକରେ କେନ୍ଦ୍ରାପଡାର ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ସୁବାଷ ଚନ୍ଦ୍ର ଦାସ ଓ ଅଞ୍ଜନା ସ୍ୱାଇଁ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକ,ଶିକ୍ଷୟିତ୍ରୀମାନଙ୍କ କାର୍ଯ୍ୟଦକ୍ଷତା ଓ ନିଷ୍ଠାପରତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଦାୟ ନେଉଥିବା ୪ଜଣ ଶିକ୍ଷକ,ଶିକ୍ଷୟିତ୍ରୀ ନିଜ ନିଜ କ୍ଷେତ୍ରରେ ସମୟାନୁବର୍ତ୍ତୀ, ସଚ୍ଚୋଟ, ସତ୍ୟବାଦୀ, ପରୋପକାରୀ ଓ ସର୍ବୋପରି ଛାତ୍ରବତ୍ସଳ ଶିକ୍ଷକ ଥିଲେ ଏବଂ ବ୍ଲକ ସ୍ତରରେ ଜଣେ ଜଣେ ଦକ୍ଷ ଶିକ୍ଷକ,ଶିକ୍ଷିକା ଭାବରେ ସେମାନଙ୍କ ସୁନାମ ଥିଲା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଦାୟୀ ଶିକ୍ଷୟିତ୍ରୀ ଜୟନ୍ତୀ ପଣ୍ଡା, ବିଦ୍ୟୁଲତା ନାୟକ, ମନୋରମା ଦାସ ଏବଂ ଶିକ୍ଷକ ରମେଶ ଚନ୍ଦ୍ର ବାରିକଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ନିରୁପମା ଶତପଥୀ, ଶୈଳବାଳା ଦାସ, ସି.ଆର.ସି.ସି. ଅଞ୍ଜନ କୁମାରଙ୍କ ସମେତ କ୍ଲଷ୍ଟରର ସମସ୍ତ ଶିକ୍ଷକ,ଶିକ୍ଷୟିତ୍ରୀମାନେ ଯୋଗଦେଇ ଅବସର ନେଉଥିବା ଶିକ୍ଷକ,ଶିକ୍ଷୟିତ୍ରୀମାନଙ୍କ ଅବସରକାଳୀନ ଜୀବନ ସୁସ୍ଥ ଓ ନିରାମୟ ହେଉ ବୋଲି ପ୍ରଭୁ ଶ୍ରୀବଳଦେବଜୀଉଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଶେଷରେ ଶିକ୍ଷକ ବୀରବର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ପରିବେଶ ଦିବସ ପାଳିତ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକା ପ୍ରଗତି ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି । ଜାରକାସ୍ଥିତ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଦେବବ୍ରତ ରାଉତ ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟ ଅତିଥିଭାବେ କ୍ରୀଡାବିତ ଅମୀୟ କୁମାର ପରିଡା, ମୁଖ୍ୟବକ୍ତା ଭାବେ ସାମ୍ବାଦିକ ମାନସରଂଜନ ଜେନା, ସମ୍ମାନିତ ଅତିଥି ଭାବେ ନାରୀନେତ୍ରୀ ବନୋଜିନୀ ପରିଡା ଓ ପାଖର ପଂଚାୟତର ସରପଂଚ ସବ୍ୟସାଚୀ ଦାସ ଯୋଗଦେଇ ବିଶ୍ୱ ପରିବେଶ ଦିବସ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ବୃକ୍ଷରୋପଣକୁ ନିଜର ପେଶାଭାବେ ଗ୍ରହଣ କରିଥିବା ପରିବେଶପ୍ରେମୀ ବିଜୟ କୁମାର ଦାସ, ଶତ୍ରୁଘ୍ନ ସ୍ୱାଇଁ ମହେଶ୍ୱର ସ୍ୱାଇଁଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ସୌଭାଗ୍ୟ ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅବିନାଶ ସାହୁ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଗତି ଅନୁଷ୍ଠାନ ପକ୍ଷରୁ ମିନାକ୍ଷୀ ମହାପାତ୍ର, ପ୍ରଶାନ୍ତ ମଲିକ, ପଙ୍କଜ ମଲିକ, ସଂଗ୍ରାମ କେଶରୀ ପାଲ ଉତ୍ସବ ପରିଚାଳନାରେ ସହାୟତା କରିଥିଲେ ।

## ଜିଲ୍ଲାସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ



ବାଲେଶ୍ୱର (ପିଏନ୍)-ଗତକାଲି ଅପରାହ୍ନରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ଜିଲ୍ଲାସ୍ତରୀୟ ପ୍ରଧାନଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ମାନ୍ୟବର ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ଶ୍ରୀ ସମୀରରଞ୍ଜନ ଦାଶ ଏହି ସମ୍ମିଳନୀକୁ ଉଦଘାଟନ କରି ରାଜ୍ୟ ସରକାର ଏବେ ଶିକ୍ଷାର ବିକାଶ ପାଇଁ ଯଥେଷ୍ଟ ପ୍ରୋତ୍ସାହନ ଦେଉଥିବା ବେଳେ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀମାନେ ନିରନ୍ତର ଉଦ୍ୟମ କରି ଶିକ୍ଷାର ମାନକୁ ଯଥେଷ୍ଟ ବୃଦ୍ଧି କରିବାକୁ ସେ ଆହ୍ୱାନ ଦେଇଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀ ଶିକ୍ଷାକୁ ଏବେ ସର୍ବାଧିକ ପ୍ରାଥମିକତା ଦେଉଛନ୍ତି । ତାଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ସବୁ ସ୍ତରରେ ଉଦ୍ୟମ କରିବାକୁ ସେ ପରାମର୍ଶ ଦେଇଥିଲେ । ବାଲେଶ୍ୱର ହେଉଛି ଫକୀରମୋହନଙ୍କ ମାଟି ଏବଂ ଶିକ୍ଷା କ୍ଷେତ୍ରରେ ଏକ ଆଗୁଆ ଜିଲ୍ଲା । ସମଗ୍ର ରାଜ୍ୟ ଓ ଦେଶରେ ଏହା ଅନ୍ୟମାନଙ୍କ ପାଇଁ ଆଲୋକବର୍ତ୍ତିକା ସାଜିପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ । ୫-ଟି ଉପକ୍ରମରେ ଏବେ ରାଜ୍ୟର ସ୍କୁଲଗୁଡିକର ରୂପାନ୍ତରୀକରଣ ଚାଲିଛି ଏବଂ ଭିତିଭୂମି ଓ ଶିକ୍ଷାଦାନ କ୍ଷେତ୍ରରେ ଏହିସବୁ ସ୍କୁଲ ବେସରକାରୀ ସ୍କୁଲଠାରୁ ମଧ୍ୟ ଉନ୍ନତ ହୋଇପାରିଛି । ଓଡିଶାକୁ ସମଗ୍ର ଦେଶରେ ଏକ ଅଗ୍ରଗାମୀ ରାଜ୍ୟର ମାନ୍ୟତା ଦେବାକୁ ହେଲେ ଆମ ବିଦ୍ୟାଳୟଗୁଡିକର ଶିକ୍ଷାଦାନ ବ୍ୟବସ୍ଥାକୁ ମଜବୁତ୍ କରି ମାନବସମ୍ବଳର ବିକାଶକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ପଡିବ ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ । ଆମ ଜୀବନରେ ଆମେ ଯେଉଁ ସଫଳତାର ଅଧିକାରୀ ହୋଇଛୁ ସେଥିପାଇଁ ଜଣେ ଶିକ୍ଷକର ଭୂମିକା ଓ ମାର୍ଗଦର୍ଶନକୁ ଆମେ କେବେ ବି ଅସ୍ୱୀକାର କରିପାରିବା ନାହିଁ । ତେଣୁ ଶିକ୍ଷା ବ୍ୟବସ୍ଥାର ସୁଦୃଢୀକରଣ ଏହାର ମାନ ବଢାଇବାକୁ ଏକ ଆହ୍ୱାନ ଭାବେ ଆମକୁ ଗ୍ରହଣ କରିବାକୁ ପଡିବ ଏବଂ ଏଥିପାଇଁ ସଚେତନ ହେବାକୁ ପଡିବ । ଏଣିକି ସ୍କୁଲର ପରୀକ୍ଷା ଫଳାଫଳ ଏବଂ ଅଧ୍ୟୟନ ଓ ଶିକ୍ଷାଗ୍ରହଣ କ୍ଷେତ୍ରରେ ପିଲାର ଉପଯୁକ୍ତ ବିକାଶ ପାଇଁ ସମ୍ପୃକ୍ତ ସ୍କୁଲର ଶିକ୍ଷକ-ଶିକ୍ଷୟିତ୍ରୀମାନେ ଉତରଦାୟୀ ରହିବେ । ଆଶାନୁରୂପ ଫଳାଫଳ ନ ହେଲେ ଏବେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମାନ୍ୟବର ମନ୍ତ୍ରୀ ଏହି ଅବସରରେ ଚେତାଇଦେଇଥିଲେ । ମୋ ସ୍କୁଲ ଅଭିଯାନରେ ବାଲେଶ୍ୱର ଜିଲ୍ଲାର ପ୍ରଦର୍ଶନକୁ ସେ ପ୍ରଶଂସା କରିବା ସହିତ କୋଭିଡ ସମୟରେ ଛାତ୍ରଛାତ୍ରୀଙ୍କ ଶିକ୍ଷା ବ୍ୟାହତ ହୋଇଥିବାରୁ ସେ ଦିଗରେ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଥିବା ସେ ପ୍ରକାଶ କରିଥିଲେ । ଅନଲାଇନ ଶିକ୍ଷା କେବେ ବି ଶ୍ରେଣୀ ଶିକ୍ଷାର ବିକଳ୍ପ ହୋଇପାରିବ ନାହିଁ । ତେଣୁ ଏବେ ଶ୍ରେଣୀ ଶିକ୍ଷା ମାଧ୍ୟମରେ ପିଲାଙ୍କ ଜ୍ଞାନର ପରିସୀମା ବୃଦ୍ଧି ପାଇଁ ପ୍ରୟାସ କରାଯାଉଥିବା ସେ କହିଥିଲେ । ଓଡିଶା ଆଦର୍ଶ ବିଦ୍ୟାଳୟ, ଛାତ୍ର-ଶିକ୍ଷକ ଅନୁପାତରେ ସମନ୍ୱୟ, ବେସରକାରୀ ସ୍କୁଲରେ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ପିଲାଙ୍କ ପାଇଁ ସଂରକ୍ଷଣ, ଛାତ୍ର-ଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ବୃତି ଠିକ୍ ସମୟରେ ପ୍ରଦାନ, ନିର୍ଦ୍ଧାରିତ ସମୟରେ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ପେନସନ ପ୍ରଦାନ ଇତ୍ୟାଦି ଉପରେ ମଧ୍ୟ ମାନ୍ୟବର ମନ୍ତ୍ରୀ ଆଲୋକପାତ କରିଥିଲେ । ଏହି ଅବସରରରେ ସେ ୪ଜଣ ମହିଳାଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ । ଏହି ସମ୍ମିଳନୀରେ ମାନ୍ୟବର ସିମୁଳିଆ ବିଧାୟକ ଶ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ମାନ୍ୟବର ବାଲେଶ୍ୱର ସଦର ବିଧାୟକ ଶ୍ରୀ ସ୍ୱରୂପ କୁମାର ଦାସ, ମାନ୍ୟବର ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ମାନ୍ୟବର ରେମୁଣା ବିଧାୟକ ଶ୍ରୀ ସୁଧାଂଶୁଶେଖର ପରିଡା ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଏଭଳି ଏକ ପ୍ରଧାନଶିକ୍ଷକ ସମ୍ମିଳନୀର ଆୟୋଜନକୁ ପ୍ରଶଂସା କରିଥିଲେ । ସମାଜ ଗଠନରେ ଜଣେ ପ୍ରଧାନଶିକ୍ଷକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆଗାମୀ ପିଢି ତିଆରିର ଦାୟିତ୍ୱ ତାଙ୍କ ହାତରେ ନ୍ୟସ୍ତ । ତେଣୁ ସେମାନେ ଏହି ଦାୟିତ୍ୱ ନେଇ ବାଲେଶ୍ୱର ଜିଲ୍ଲାକୁ ଶିକ୍ଷାକ୍ଷେତ୍ରରେ ଆଗଧାଡିରେ ଛିଡା କରିବାକୁ ସେମାନେ ପରାମର୍ଶ ଦେଇଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀ ଶିକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ ୫-ଟି ସ୍କୁଲ ରୂପାନ୍ତରୀକରଣ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ଭିତିଭୂମି ବିକାଶ ପାଇଁ ଯେଉଁ ପଦକ୍ଷେପ ନେଇଛନ୍ତି, ତାହାର ସେମାନେ ଉଚ୍ଚ ପ୍ରଶଂସା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ବିଷ୍ଣୁ ଚରଣ ସୂତାର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ସମ୍ମିଳନୀ ଉଦଘାଟନ ଅବସରରେ ଶକୁନ୍ତଳା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ବେଦପାଠ, ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା । ସେହିପରି ମାନ୍ୟବର ମନ୍ତ୍ରୀ ଓ ବିଧାୟକମାନଙ୍କ ସମେତ ସମସ୍ତ ମଂଚାସୀନ ଅତିଥିମାନଙ୍କୁ ଉତରୀୟ ଓ ସ୍ମୃତିଫଳକ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ଶାସନ ସଚିବ ଶ୍ରୀ ସମ୍ବିତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମ୍ମିଳନୀରେ ଜିଲ୍ଲାରେ କାର୍ଯ୍ୟରତ ୩ଜଣ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ୧୨ଟି ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ, ମୋ ସ୍କୁଲ ଜିଲ୍ଲା ସଂଯୋଜକ, ଜିଲ୍ଲା ବିଜ୍ଞାନ ପରିଦର୍ଶକ, ପ୍ରାୟ ୨୮୦ଟି ହାଇସ୍କୁଲ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ଓ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ସମେତ ଅନ୍ୟାନ୍ୟ ସରକାରୀ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।




# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ହରପ୍ରିୟା ନାୟକ କେନ୍ଦ୍ରାପଡ଼ା ଜିଲ୍ଲାର ନୂତନ ଶ୍ରମ ଅଧିକାରୀ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ନୂତନ ଶ୍ରମ ଅଧିକାରୀ ଭାବେ ହରପ୍ରିୟା ନାୟକ ଯୋଗ ଦେଇଛନ୍ତି। ଦୀର୍ଘଦିନ ଧରି ଏହି ପଦରେ କେହି ନ ଥିବାରୁ ଶ୍ରମିକମାନଙ୍କ ବିଭିନ୍ନ କାର୍ଯ୍ୟ ହୋଇପାରୁ ନଥିଲା। ଏ ନେଇ ରାଜ୍ୟ ସରକାରଙ୍କ ନିକଟରେ ନିଖିଳ ଓଡିଶା ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ଦୀର୍ଘବର୍ଷ ହେବ ଦାବି ହୋଇ ଆସୁଥିଲା। ରାଜ୍ୟ ସରକାର ଏହି ଦାବିକୁ ସମ୍ମାନ ଜଣାଇ କେନ୍ଦ୍ରାପଡ଼ା ଜିଲ୍ଲାପାଇଁ ଜଣେ ସ୍ୱତନ୍ତ୍ର ଶ୍ରମ ଅଧିକାରୀଙ୍କୁ ନିଯୁକ୍ତି ଦେଇଛନ୍ତି। ଶ୍ରମ ଅଧିକାରୀଙ୍କୁ ଶ୍ରମିକ ନେତା ତଥା ନିଖିଳ ଓଡିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ପ୍ରାୟ ୫ ବର୍ଷ ହେବ ଏହି ପଦଟି ଖାଲି ପଡିଥିଲା। ଏହି ପଦବୀ ପୁରଣ ହେବା ପରେ ଶ୍ରମିକମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

## ଅର୍ବାନ ବ୍ୟାଙ୍କ ସିଇଓଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ଅର୍ବାନ କୋପରେଟିଭ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟ ନିର୍ବାହୀ(ସିଇଓ) ସୁଶିଳ କୁମାର ସାମଲଙ୍କୁ ଜିଲ୍ଲା ପ୍ରତିଭା ପୂଜା ସଂସଦ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଉପଲକ୍ଷେ ଶ୍ରୀ ସାମଲଙ୍କ କାର୍ଯ୍ୟାଳୟ ଚାମ୍ବରରେ ସଂସଦର ସଭାପତି ପ୍ରଦୀପ କୁମାର ମହାନ୍ତି ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ସଂସଦର ସଭ୍ୟ ସଞ୍ଜୟ ରାଉତ, ଗୋଲେଖି ପଡିହାରୀ, କମଳାକାନ୍ତ ବେହେରା, ନାରାୟଣ ସାହୁ, କୃଷ୍ଣ ପ୍ରସାଦ ଦାସ ଓ ମୁକ୍ତାର ଖାଁ ପ୍ରମୁଖ ଉପସ୍ଥିତ ଥିଲେ। ଅର୍ବାନ ବ୍ୟାଙ୍କର ସିଇଓ ଶ୍ରୀ ସାମଲ ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ତାଙ୍କ କାର୍ଯ୍ୟକାଳ ଭିତରେ ବ୍ୟାଙ୍କର ସର୍ବାଙ୍ଗିନ ଉନ୍ନତି ପାଇଁ କାର୍ଯ୍ୟ କରିଯାଇଛନ୍ତି ବୋଲି ସଂସଦର ସଭାପତି ଶ୍ରୀ ମହାନ୍ତି କହିଛନ୍ତି।

## କେନ୍ଦ୍ରାପଡା ବଳଦେବଜୀଉ ମନ୍ଦିରର ପୂର୍ବତନ ନିର୍ବାହୀ ଅଧିକାରୀଙ୍କ ପରଲୋକ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଲୋକାଲ ବୋର୍ଡର ପୂର୍ବତନ ଅଧ୍ୟକ୍ଷ ସ୍ୱର୍ଗତଃ ସଚିଦାନନ୍ଦ ମହାନ୍ତିଙ୍କ ପୁତ୍ର ଗହରାପୁର ଗ୍ରାମର ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତିଙ୍କର କଟକ ମହାନଦୀ ବିହାରସ୍ଥିତ ବାସଭବନରେ ୬୯ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ କେନ୍ଦ୍ରାପଡା ବଳଦେବଜୀଉ ମନ୍ଦିରର ପୂର୍ବତନ ନିର୍ବାହୀ ଅଧିକାରୀ ଥିଲେ। ତାଙ୍କ କାର୍ଯ୍ୟକାଳ ସମୟରେ ଶ୍ରୀଜୀଉଙ୍କ ମନ୍ଦିରରେ ବହୁ ସଂସ୍କାରମୂଳକ କାର୍ଯ୍ୟ ହେବା ସହ ଠାକୁରଙ୍କ କେତେକ ଭୂସମ୍ପତ୍ତିର ପୁନରୁଦ୍ଧାର କରାଯାଇପାରିଥିଲା। ସେ ଜଣେ ଜ୍ଞାନୀ, ଗୁଣି, ନିଷ୍ଠାପର, ସଚ୍ଚୋଟ, ସ୍ପଷ୍ଟବାଦୀ, କର୍ମଠ ଓ ମେଳାପି ସ୍ୱଭାବର ବ୍ୟକ୍ତି ଥିଲେ। ସେ ମଧ୍ୟ ଅବିଭକ୍ତ ଗରାପୁର ଗ୍ରାମପ  ାୟତର ସରପ  ଭାବେ ନିର୍ବାଚିତ ହୋଇ ବହୁ ଉନ୍ନତିମୂଳକ କାର୍ଯ୍ୟକରି ଜନପ୍ରିୟ ହୋଇପାରିଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ନଳିନୀପ୍ରଭା, ପୁତ୍ର ପୂଣ୍ୟଶ୍ଳୋକ, ପୁତ୍ରବଧୂ ଅର୍ଚ୍ଚନା, କନ୍ୟା ଲୋରାଙ୍କ ସମେତ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ କେନ୍ଦ୍ରାପଡାରେ ଶୋକର ଛାୟା ଖେଳିଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ପୁତ୍ର ପୂଣ୍ୟଶ୍ଳୋକ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଜିଲ୍ଲା ପ୍ରତିଭା ପୂଜା ସଂସଦ ସଭାପତି ପ୍ରଦିପ କୁମାର ମହାନ୍ତି, ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ଦାସ, ବରିଷ୍ଠ କଂଗ୍ରେସ ନେତା ଫକିର ଚରଣ ଖଟୁଆ, ପୂର୍ବତନ ସରପ  ଗାୟତ୍ରୀ ମହାନ୍ତି ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

## ନଦୀବନ୍ଧ ମରାମତି କାର୍ଯ୍ୟ ନିମ୍ନମାନକୁ ନେଇ ଅଭିଯୋଗ

ଘଷିପୁରା (ପିଏନ୍): ଆଗାମୀ ବର୍ଷା ଋତୁ ପୂର୍ବରୁ ଦୁର୍ବଳ ନଦୀବନ୍ଧ ମରାମତି କାର୍ଯ୍ୟ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଅନୁଯାୟୀ ଶାଳପଡା ଜଳସେଚନ ବିଭାଗ ଅଧିନରେ ଥିବା କୁଶେଇ ନଦୀର ବାମ ବାର୍ଶ୍ୱରେ ଥିବା ଦୁର୍ବଳ ନଦୀ ବନ୍ଧର ଲକ୍ଷାଧିକ ଟଙ୍କା ବ୍ୟୟରେ ହେଉଥିବା ମରାମତି କାର୍ଯ୍ୟ ଅତି ନିମ୍ନମାନର ବୋଲି ନଦୀ କୂଳରେ ଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ବିଶେଷ କରି ଉକ୍ତ କାର୍ଯ୍ୟ କ୍ଷେତ୍ରରେ ପ୍ରକୃତ ଠିକାଦାର ଉପସ୍ଥିତ ନରହି ପେଟି ଠିକାଦାରଙ୍କ ଦ୍ୱାରା ମନୋମୁଖୀ ଭାବେ ନିମ୍ନମାନର ନିର୍ମାଣ କାର୍ଯ୍ୟ କରୁଥିବା ସାଧାରଣରେ ଅଭିଯୋଗ ହେଉଛି । ଏପରିକି ପୁରୁଣା ପଥରକୁ ମଧ ଏହି ମରାମତି କାର୍ଯ୍ୟରେ ବ୍ୟବହାର କରୁଥିବା ଜଣାପଡିଛି । ଯାହା ଫଳରେ ବର୍ଷା ଋତୁରେ ନଦୀକୂଳରେ ଥିବା ଗ୍ରାମବାସୀମାନେ ବିପଦର ସମ୍ମୁଖୀନ ହେବେ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି । ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

## ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କର୍କଟ ପୀଡିତଙ୍କୁ ସହାୟତା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସହରର ବଡହାଟସ୍ଥିତ ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କର୍କଟ ରୋଗରେ ପୀଡିତଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଟ୍ରଷ୍ଟର ମୁଖ୍ୟ ପୃଷ୍ଠପୋଷକ ତଥା ସୁଦୂର ଆମେରିକାରେ ଥିବା ପ୍ରଫେସର ଦେବେନ୍ଦ୍ର କୁମାର ଦାସଙ୍କ ପରାମର୍ଶକ୍ରମେ ଟ୍ରଷ୍ଟର ସଂଯୋଜକ ପ୍ରଦୀପ କୁମାର ମହାନ୍ତି ଓ ସାମ୍ବାଦିକ ସୋମନାଥ ସାହୁ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ପ ାୟତର ପାରାଚକ ଗ୍ରାମର କର୍କଟ ରୋଗରେ ପିଡିତା ଦିବାକର ମଳିକଙ୍କ ପତ୍ନୀ ଅନ୍ନପୂର୍ଣ୍ଣା ମଳିକଙ୍କ ଘରେ ପହ ି ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସେହିପରି ରାଜନଗର ବ୍ଲକ ଅନ୍ତର୍ଗତ କେରଡାଗଡ ଅ ଳର ବାଲିସାହି ପାଟଣା ଗ୍ରାମର କର୍କଟ ରୋଗରେ ପୀଡିତ ପ୍ରଦୀପ୍ତ ପ୍ରଧାନଙ୍କୁ ମଧ ଟ୍ରଷ୍ଟ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ଟ୍ରଷ୍ଟର ସଂଯୋଜକ ଶ୍ରୀ ମହାନ୍ତି କହିଛନ୍ତି।




# 'ଗଛକଟା ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦିଅନ୍ତୁ'

## ବରିଷ୍ଠ ଶିକ୍ଷାବିତ୍‌ମାନଙ୍କ ନିବେଦନ

କଟକ,(ପି.ଏନ): ରାଜ୍ୟର ୨୦ଜଣ ବରିଷ୍ଠ ଶିକ୍ଷାବିତ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖକୁ ଏକ ଚିଠି ଲେଖି ରାଜ୍ୟରେ ଚାଲିଥିବା ଅବାଧ ଗଛକଟା ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ନିବେଦନ କରିଛନ୍ତି ।ସେମାନେ ଉକ୍ତ ଚିଠିରେ ଲେଖିଛନ୍ତି ଯେ, ଗତ କିଛିଦିନ ଧରି ସାରା ରାଜ୍ୟରେ ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁଁ ଜନଜୀବନ କଲବଲ ହୋଇଯାଉଛି । ଘର ବାହାରେ ମୁଣ୍ଡଫଟା ଖରା ଓ ଘର ଭିତରେ ଅସହ୍ୟ ଗରମ ଅନୁଭୂତ ହେଉଛି । ତେଣୁ ଘର ଭିତରେ ରହି ହେଉନାହିଁ କିମ୍ବା ଘର ବାହାରକୁ ଯାଇ ହେଉନାହିଁ । ଦ୍ୱୈତନଗରୀ କଟକ ଓ ଭୁବନେଶ୍ୱର ସମେତ ସାରା ରାଜ୍ୟରେ ଅବାଧ ଗଛକଟା ପରିସ୍ଥିତିକୁ ଜଟିଳ କରିଦେଇଛି । କଟକ ସହରକୁ ଘେରି ରହିଥିବା ମହାନଦୀ ଓ କାଠଯୋଡ଼ି କୂଳରୁ ଗଛକଟା ଅଭିଯାନ ଚାଲିଛି । ଖାନ୍‌ନଗର ପାଖ କାଠଯୋଡ଼ି କୂଳରେ ଓ ମଧୁସୂଦନ ସେତୁ ପାଖ ମହାନଦୀ କୂଳରେ ୫୦ରୁ ୧୦୦ ବର୍ଷର ପୁରୁଣା ଗଛସବୁ ଆଉ ନାହିଁ ।ସେମାନେ ପୁଣି ଲେଖିଛନ୍ତି, ନୂତନ ରାସ୍ତା ନିର୍ମାଣ ପାଇଁ ଗଛ ନକାଟି ଏକାଧିକ ବିକଳ୍ପ ପନ୍ଥା ରହିଛି । ବିଶ୍ୱର ଉନ୍ନତ ଦେଶଗୁଡ଼ିକରେ ତଥା ଭାରତର ଉନ୍ନତ ରାଜ୍ୟମାନଙ୍କରେ ଏହିସବୁ ବିକଳ୍ପ ପନ୍ଥା ଅବଲମ୍ବନ କରାଯାଉଛି । ମଣିଷର ବ୍ୟବହାର ପାଇଁ ରାସ୍ତା ନିର୍ମାଣ କରାଯାଇଥାଏ; ମାତ୍ର ମଣିଷ ବିଲୁପ୍ତ ହୋଇଗଲେ, ରାସ୍ତା ମୂଲ୍ୟହୀନ ହୋଇଯିବ । ଏହି ପରିପ୍ରେକ୍ଷୀରେ ଶିକ୍ଷାବିତ୍‌ମାନେ ଗଛକଟା ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି ।ଉକ୍ତ ପତ୍ରରେ ପ୍ରଫେସର ଅନନ୍ତ ଚରଣ ସାହୁ, ଗୋରାଚାନ୍ଦ ପଟ୍ଟନାୟକ, ଜ୍ଞାନେନ୍ଦ୍ର କୁମାର ଶର୍ମା, ତୁଷାରକାନ୍ତ ପଟ୍ଟନାୟକ, ଦିନେଶ ପ୍ରସାଦ ପଟ୍ଟନାୟକ, ଦେବପ୍ରସାଦ ନନ୍ଦ, ନାରାୟଣ ମହାନ୍ତି, ପ୍ରଭାତ କୁମାର ମିଶ୍ର, ପ୍ରେମାନନ୍ଦ ମିଶ୍ର, ବାସନ୍ତୀ ରାୟ, ବିଚିତ୍ରାନନ୍ଦ ବଳ, ବିମଳ ପ୍ରସାଦ ନନ୍ଦ, ବିଷ୍ଣୁ ଚରଣ ସାହୁ, ଶଚୀନ୍ଦ୍ର ରାଉଳ, ସରୋଜ କୁମାର ସିଂହ, ସୁବାସିନୀ ଲେଙ୍କା, ସୁରେନ୍ଦ୍ର ମୋହନ ପାଣି, ସେଖ ଇକ୍‌ବାଲ ହୁସେନ, ହରିହର ମିଶ୍ର ଓ ହେମେନ୍ଦ୍ର ନାରାୟଣ ଦାସ ସ୍ୱାକ୍ଷର କରିଛନ୍ତି ।

# ଫିରିଙ୍ଗିଆଠାରେ କିନ୍ନର ମାନଙ୍କର ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ

କନ୍ଧମାଳ,(ପିଏନ)– କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଉନ୍ନିତ ଉଚ୍ଚବିଦ୍ୟାଳୟ ଖେଳପଡିଆ ଠାରେ କନ୍ଧମାଳ ଜିଲ୍ଲା କିନ୍ନର ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁର୍ଗିମାତା କିନ୍ନର ସଂଘ ଫିରିଙ୍ଗିଆ ଶାଖା ଅନୁକୂଲ୍ୟରେ ଅନୁଷ୍ଠିତ ଏହି ବୈଠକରେ ସଂଘ ର ସଭାପତି ମୁନି କିନ୍ନର ସଭାପତିତ୍ୱ କରିଥିବା ବେଳେ କନ୍ଧମାଳ ଜିଲ୍ଲା ରାଇକିଆ ର କିନ୍ନର ମାନଙ୍କ ଗୁରୁ ସଂଧ୍ୟାରାଣୀ କହଁର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସାମାଜିକ ଦୁରତା ବଜାୟ ରଖି କୋଭିଡ ନିୟମ ଅନୁସାରେ ଆୟୋଜିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଘୁ.ଉଦୟଗିରି ରୁ ଝୁମୁକା ନାୟକ ,ବାଲିଗୁଡାରୁ ବିଷ୍ଣୁପ୍ରିୟା ପ୍ରଧାନ ,ତୁମୁଡିବନ୍ଧ ବ୍ଲକରୁ ସୁମନ ବାରିକ , ରାଇକିଆରୁ ଲିପସା କିନ୍ନର ,ଫୁଲବାଣୀରୁ ପାୟଲ କିନ୍ନର ,କ.ନୁଆଁଗାଁରୁ ନିଲୁ ବିଶୋୟୀ,ଖଜୁରିପଡା ବ୍ଲକରୁ ଶିତଲ କିନ୍ନର , କୋଟଗଡରୁ ସଂନ୍ଧ୍ୟା କିନ୍ନରଙ୍କ ସହ ଜିଲ୍ଲାର ପ୍ରାୟ ସମସ୍ତ ବ୍ଲକରୁ ଜଣେ ଲେଖାଏଁ ପ୍ରତିନିଧି ଯୋଗ ଦେଇଥିଲେ । ଫିରିଙ୍ଗିଆ କିନ୍ନର ସଂଘର ସମ୍ପାଦକ ରିଙ୍କି କିନ୍ନର ଓ ମନିସା ମଲ୍ଲିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ତେବେ କିନ୍ନର ମାନେ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ ଏହା ସହ ସେମାନଙ୍କୁ ସରକାରୀ ପ୍ରୋତ୍ସାହନ ଭତା ପ୍ରଦାନ, ଉଚ୍ଚ ଶିକ୍ଷିତ କିନ୍ନର ମାନଙ୍କୁ ସରକାରୀ ଚାକିରି ଦେବା କିନ୍ନର ମାନଙ୍କୁ ସ୍ୱାୟଂସହାୟକ ଗୋଷ୍ଠୀ ଗଠନ କରିବା ଦିଗରେ ରାଜ୍ୟସରକାର ପଧକ୍ଷେପ ନେବା ଜରୁରି ବୋଲି ବୈଠକରେ ଆଲୋଚନା ହୋଇଥିଲା । ଅନ୍ୟପଟେ ଫିରିଙ୍ଗିଆ ଠାରେ କିନ୍ନର ମାନଙ୍କ ବୈଠକ ପାଇଁ ଏକ ବୈଠକ ଗୃହ ଓ କରୋନ କଟକଣା ପାଇଁ ଜୀବିକା ହରାଇଥିବା କିନ୍ନର ମାନେ କିପରି ସରକାରୀ ସହୟତା ପାଇବେ ସେହି ଉପରେ ଆଲୋଚନା ହୋଇଥିଲା । ଏହି ବୈଠକରେ ହୋଇଥିବା ସମସ୍ତ ପ୍ରସ୍ତାବକୁ ଜିଲ୍ଲାପାଳଙ୍କୁ ଜଣାଇବା ନେଇ ଆଲୋଚନା ହୋଇଥିଲା ।

# ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଓ ଆପୋଲୋ ହସ୍ପିଟାଲ୍‌ର ମିଳିତ ପ୍ରୟାସରେ ଡ଼ିଜିଟାଲ ହେଲଥ୍ ସେବା 'ଦି ହେଲ୍‌ଦି ଲାଇଫ୍'ର ଶୁଭାରମ୍ଭ

ଭୁବନେଶ୍ୱର: ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଏବଂ ଆପୋଲୋ ହସ୍ପିଟାଲ୍ ମିଳିତ ହୋଇ 'ଦି ହେଲ୍‌ଦି ଲାଇଫ୍' ନମାକ ଏକ ସମ୍ପୁର୍ଣ୍ଣ ସ୍ୱାସ୍ଥ୍ୟ ସେବା ଶୁଭାରମ୍ଭ କରିଛନ୍ତି । ଏହି ପ୍ରୋଗ୍ରାମ ଦ୍ୱାରା ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ସମସ୍ତ ଗ୍ରାହକ ସହଜ ଏବଂ ସୁଲଭ ବ୍ୟାଙ୍କିଙ୍ଗ୍ ସେବା ଚୟନ କରି ଦେଶର ଯେକୌଣସି ଆପୋଲୋ ୨୪/୭ ରେ ନିଜର ଚିକିତ୍ସା କରାଇପାରିବେ । ଏହି ଅନନ୍ୟ ସେବାକୁ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ ଓ ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ ଭିଡ଼ିଓ କନ୍‌ଫରେନ୍ସି ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି ଏବଂ ଏମାନଙ୍କ ସହ ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନି ଏବଂ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଏମ୍‌ଡି ଡେଜିଗ୍‌ନେଟ୍ ଶ୍ରୀଯୁକ୍ତ ଶଶୀଧର ଜଗଦିସ୍ନ ମଧ୍ୟ ଉପସ୍ଥିତ ରହିଥିଲେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଗ୍ରାହକମାନେ ଦି ହେଲ୍‌ଦି ଲାଇଫ୍ ସେବା ଦ୍ୱାରା ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୁର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉ ମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୁର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉ ମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ରଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।

# ତାଳଚେର ଦେଉଳବେଢ଼ା ତେଲିସାହି ଠାରେ ସାମାଜିକ ପ୍ରକଳ୍ପ ଗୁଡିକର ଉଦଘାଟନ କଲେ କେନ୍ଦ୍ରମନ୍ତ୍ରୀ

ଅନୁଗୋଳ/ତାଳଚେର, (ପି.ଏନ): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଅନୁଗୋଳ ଜିଲ୍ଲା ତାଳେଚର ଦେଉଳବେଢ଼ା ତେଲିସାହି ଗ୍ରାମରେ ଏକ କଲ୍ୟାଣ ମଣ୍ଡପ, ଗ୍ରାମର ସୁସଜ୍ଜିତ ମୁଖ୍ୟ ତୋରଣ ଏବଂ ନାଚ ମଣ୍ଡପର ଉଦଘାଟନ କରିଛନ୍ତି । ଏହି ଅବସରରେ ସେ ଗ୍ରାମବାସୀଙ୍କୁ ଅଭିନନ୍ଦନ ଜଣାଇବା ସହ କହିଛନ୍ତି ଯେ ପ୍ରାୟ ୨୬ ଲକ୍ଷ ଟଙ୍କା ବ୍ୟୟବରାଦରେ ଉଦଘାଟିତ ହୋଇଥିବା ସମସ୍ତ ପ୍ରକଳ୍ପ ଗୁଡ଼ିକ ଗାଁରେ ବାହାଘର, ବ୍ରତଘର ଭଳି ସାଂସ୍କୃତିକ, ଧାର୍ମିକ ଓ ସାମାଜିକ କାର୍ଯ୍ୟରେ ସହଯୋଗର ଭୂମିକା ଗ୍ରହଣ କରିବ । ଗ୍ରାମବାସୀମାନେ ଏହି ସବୁ ବ୍ୟବସ୍ଥା ଦ୍ୱାରା ବିଶେଷ ଉପକୃତ ହୋଇପାରିବେ । ଗାଁର ଜନସାଧାରଣ ବିଶେଷ ଭାବରେ ଯୁବବନ୍ଧୁଙ୍କ ଉତ୍ସାହ କାରଣରୁ ଏହି କାମ ସମ୍ଭବ ହୋଇପାରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ଼ ନେତୃତ୍ୱ ଓ ବିକାଶର କଳ୍ପନାରେ ଏହି ସବୁ ସାମାଜିକ କାର୍ଯ୍ୟରେ ସହଯୋଗୀ ହୋଇଥିବାରୁ ଶ୍ରୀ ପ୍ରଧାନ ଏମସିଏଲକୁ ଧନ୍ୟବାଦ ଜଣାଇଛନ୍ତି । ସେ ଆହୁରି କହିଛନ୍ତି ଯେ ଆଜି ଆମ ଜିଲ୍ଲା ଅନୁଗୋଳ ପାଇଁ ଏକ ବିଶେଷ ଦିନ । ଜିଲ୍ଲାରେ ଶିକ୍ଷା ଓ ଦକ୍ଷତା ବିକାଶକୁ ଆଗକୁ ନେବା ପାଇଁ ଅନୁଗୋଳରେ ଆଇଆଇଏମ ମୁମ୍ବାଇ ଓ ଆଇଆଇଏମ ସମ୍ବଲପୁର ଦ୍ୱାରା ପରିଚାଳିତ ହେବାକୁ ଥିବା ମ୍ୟାନେଜମେଣ୍ଟ ଶିକ୍ଷା କେନ୍ଦ୍ରର ଉଦଘାଟନ ହୋଇଛି ।

# ପ୍ରଧାନମନ୍ତ୍ରୀଙ୍କ ଯାଜପୁର ଜିଲ୍ଲା ଗସ୍ତ ସମୟରେ ବିଭିନ୍ନ ପ୍ରକଳ୍ପ ଘୋଷଣା କରିବାକୁ ଦାବି

ଭୁବନେଶ୍ୱର(ପି.ଏନ): ଆଗାମୀ ମାର୍ଚ୍ଚ ୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଚଣ୍ଡିଖୋଲ ଗସ୍ତ ସମୟରେ ଯାଜପର ରୋଡ଼–ଧାମରା ରେଳପଥ ନିର୍ମାଣ ହରିଦାସପୁର କେନ୍ଦ୍ରାପଡ଼ା ପାରାଦ୍ୱିପ ପର୍ଯ୍ୟ' ପାସେର ଟ୍ରେନ୍ ଚାଲୁ କରିବା ଧାନମଣ୍ଡଳ ଠାରେ ଇଣ୍ଡିଆନ ଅଏଲ ତରଫରୁ ତୈଳ ବିଶୋଧନଗାର ସ୍ଥାପନ କରିବା । ଓଡ଼ିଶାର ୪୮୦ କି.ମି. ବ୍ୟାପ୍ତ ସମୁଦ୍ର ତଟ ଅଂଚଳରେ ହେଂାଳ ବଣ ସହ ଉଚ୍ଚ ବନ୍ଧ ଓ ରାସ୍ତା ନିର୍ମାଣ କରିବା । ପ୍ରକଳ୍ପ ଗୁଡ଼ିକୁ ପ୍ରଧାନମନ୍ତ୍ରୀ ୫ ତାରିଖ ତାଙ୍କ ଗସ୍ତ ସମୟରେ ଘୋଷଣା କରିବା ପାଇଁ ବରିଷ୍ଠ କଂଗ୍ରେସ ନେତା ପୂର୍ବତନ କଂଗ୍ରେସ କାର୍ଯ୍ୟକାରିଣି ସଦସ୍ୟ ଡ. ରାମଚନ୍ଦ୍ର ଖୁଂଟିଆ ଦୃଢ଼ ଦାବୀ କରିଛିଁ । ଦୈତାରୀ ପାରାଦ୍ୱିପ ତୋରିତ ରାଜପଥ ରାସ୍ତାକୁ ୮ଲେନ୍ ବିଶିଷ୍ଟ ରାଜପଥ ନିର୍ମାଣ କାର୍ଯ୍ୟ ଚାଲିଛି । ଏହି ରାଜପଥ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ଏହାକୁ ଶୁଭ ଦେବା ନିର୍ମାଣ କାର୍ଯ୍ୟ ସରିନଥିବାରୁ ଏହାକୁ ଲୋକାର୍ପଣ କରିବା ସମୟ ଆସିନାହିଁ । ସେହପରି ଯାଜପୁର ରୋଡ଼ ଫ୍ଲାଇ ଓଭର ନିର୍ମାଣ କାର୍ଯ୍ୟ ପାଇଁ ରାଜ୍ୟ ସରକାର ଟଙ୍କା ଦେବା ପରେ ନିର୍ମାଣ କରିବା ପାଇଁ ଟେଣ୍ଡର କରାଯାଇନଥିବାବେଳେ ଏହାକୁ ଲୋକାର୍ପଣ କରିବା ନିର୍ବାଚନ ପୂର୍ବରୁ ଏହା ରାଜନୈତିକ ଉଦ୍ଦ୍ୟେଶ ପ୍ରଣୋଦିତ । ଯାଜପୁର–କେନ୍ଦୁଝର – ରାଉରକେଲା–ସୁନ୍ଦରଗଡ଼ ଅଂଚଳରୁ ହଜାର ହଜାର କୋଟି ଟଙ୍କାର ଖଣିଜ ପଦାର୍ଥ ବିଦେଶକୁ ପଠାଯାଉଥିଲାବେଳେ ଏହି ଖଣିଜ ପଦାର୍ଥ ସରିଗଲା ପରେ ଯାଜପୁର କେନ୍ଦ୍ରଝର – ରାଉରକେଲା – ସୁନ୍ଦରଗଡ଼ ଡ. ଖୁଂଟିଆ ପ୍ରଶ୍ନ କରିଛନ୍ତ । ଏଣୁ ଏ ସମସ୍ତ ଖଣିଜ ପଦାର୍ଥ ରପ୍ତାନ କରି ଯାଜପୁର କେନ୍ଦ୍ରଝର – ରାଉରକେଲା – ସୁନ୍ଦରଗଡ଼ ଅଂଚଳରେ ଏହି ଖଣିଜ ପଦାର୍ଥକୁ ବିନିଯୋଗ କରି ନୂତନ କଳକାରଖାନା ପ୍ରତିଷ୍ଠା କରିବା ପାଇଁ ଘୋଷଣା କରିବାକୁ ପ୍ରଧାନମନ୍ତ୍ରୀଙ୍କ ଠାରେ ଡ. ଖୁଂଟିଆ ଦାବୀ କରିଛିଁ । ଏହି ଉପରୋକ୍ତ ପ୍ରୋଜେକ୍ଟ ଗୁଡ଼ିକୁ ଘୋଷଣା କରାନଗଲେ ଏହା ପ୍ରଧାନମନ୍ତ୍ରୀଙ୍କର କେବଳ ଏକ ନିର୍ବାଚନ ସଭା ଏବଂ ଏହାକୁ କଂଗ୍ରେସ ଦଳ ତରଫରୁ ବିରୋଧ କରାଯିବ ବୋଲି ଜିଲ୍ଲା କଂଗ୍ରେସ କମିଟି ସଭାପତି ଶ୍ରୀ ମନୋଜ ରାଉତ କଂଗ୍ରେସ ନେତା, ଶ୍ରୀ ସନ୍ତୋଷ ନନ୍ଦ ।

# କନ୍ଧମାଳରେ ସାଂସଦଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ

ଫୁଲବାଣୀ,(ପି.ଏନ): କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ରବିବାର ଓ ସୋମବାର ଦୁଇଦିନ ଧରି କନ୍ଧମାଳ ଜିଲ୍ଲାରେ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ସାଂସଦ ଶ୍ରୀ ସାମନ୍ତ ରବିବାର ପୂର୍ବାହ୍ନରେ ଫୁଲବାଣୀରେ ଆୟୋଜିତ ବିରାଟ ସାଧାରଣ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରେ କନ୍ଧମାଳ ଜିଲ୍ଲାରେ ବିକାଶର ରଥ ଆଗେଇ ଚାଲିଛି ବୋଲି କହିଥିଲେ । କନ୍ଧମାଳ ଜିଲ୍ଲାବାସୀଙ୍କ ସହଯୋଗରେ କନ୍ଧମାଳକୁ ଏକ ନମ୍ବର ଜିଲ୍ଲାରେ ପରଣିତ କରିବା ପାଇଁ ସେ ଆହ୍ୱାନ କରିଥିଲେ । ପରେ ଶ୍ରୀ ସାମନ୍ତ ବାଲିଗୁଡ଼ା ବ୍ଲକର ୪ଟି ଦୁର୍ଗମ ପଞ୍ଚାୟତରେ ୧୫କୋଟି ଟଙ୍କା ବ୍ୟୟ ଅଟକଳରେ ବିଜୁ ସେତୁ ଯୋଜନାରେ ନିର୍ମାଣ ହେବାକୁ ଥିବା ୪ଟି ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ବାଲିଗୁଡ଼ା ବ୍ଲକର ବାରଖମା ପଞ୍ଚାୟତ ଡ଼େଲାମୁଣ୍ଡାଠାରୁ ଗଡିଙ୍ଗିଆ ରାସ୍ତାରେ ୨କୋଟି ୮୭ଲକ୍ଷ ଟଙ୍କା ବ୍ୟୟରେ ଏବଂ ସଲାଗୁଡ଼ା ପଞ୍ଚାୟତ ସକରପଡ଼ି–ବୁକୁକିଆ ରାସ୍ତାରେ ୨କୋଟି ୯୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ବୁଡୁରୁକିଆ ପଞ୍ଚାୟତର ମାଦିନାଟ ନାଳ ଉପରେ ୫କୋଟି ୫ଲକ୍ଷ ଟଙ୍କା ଏବଂ ସିନ୍ଦ୍ରିଗାଁ ପଞ୍ଚାୟତର ଗାଡ଼ିଆଯୋଡ଼ି ନାଳ ଉପରେ ୩ କୋଟି ୯୬ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ହାଇ ଲେବଲ୍ ସେତୁର ଶିଳାନ୍ୟାସ କରିଥିଲେ । ଏହି କାର୍ଯ୍ୟକ୍ରମରେ ବାଲିଗୁଡ଼ା ବିଧାୟକ ଚକ୍ରମଣୀ କହଁର, କନ୍ଧମାଳ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାଇକିଆ ବ୍ଲକର ସୁଗଡ଼ାବାଡ଼ି–ଡ଼ିଗି ରାସ୍ତାର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଯୋଗଦେବା ସହ ରାଇକିଆ, ଟିଆଙ୍ଗିଆ, କାନବାଗେରୀ, ଟିକାବାଲିଠାରେ ସଂଖ୍ୟାଲଘୁ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହାଛଡ଼ା ରାଇକିଆଠାରେ ପଞ୍ଚାୟତ ସୁବିଧା କେନ୍ଦ୍ର ଓ ରାଇକିଆ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ । ପରେ ରାଇକିଆଠାରେ ୩ଟି ସ୍ୱଂୟ ସହାୟକ ଗୋଷ୍ଠୀର ମହିଳାଙ୍କୁ ନିଜସ୍ୱ ପାଣ୍ଠିରୁ ସିଲେଇ ମେସିନ୍ ବଣ୍ଟନ କରିଥିଲେ । ସୂଚନାଯୋଗ୍ୟ, ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ସାଂସଦ ଶ୍ରୀ ସାମନ୍ତ ନିଜସ୍ୱ ପାଣ୍ଠିରୁ କନ୍ଧମାଳ ଜିଲ୍ଲାର ବିଭିନ୍ନ ବ୍ଲକରେ ମହିଳା ସ୍ୱଂୟ ସହାୟକ ଗୋଷ୍ଠୀକୁ ସିଲେଇ ମେସିନ୍ ବଣ୍ଟନ କରିଆସୁଛନ୍ତି । ଏହିସବୁ କାର୍ଯ୍ୟକ୍ରମରେ ଉପବାଚସ୍ପତି ସାଲୁଗା ପ୍ରଧାନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରୋଦନ ମଲ୍ଲିକ, କନ୍ଧମାଳ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସାଧବାଣୀ ନାୟକ, ରାଇକିଆ ବ୍ଲକ ଅଧ୍ୟକ୍ଷ ପ୍ରୀତମ ପ୍ରଧାନ, ବିଡିଓ ସୀମାଚଳ ମଣ୍ଡଳ ପ୍ରମୁଖ ଯୋଗଦେଇ ଥିଲେ ।

# ଫିରିଙ୍ଗିଆରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ୮୫ ୟୁନିଟ ରକ୍ତ ସଂଗୃହିତ

କନ୍ଧମାଳ,(ପିଏନ)–କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସଦରମହକୁମା ଠାରେ ଥିବା ବିଜୁକଲ୍ୟାଣ ମଣ୍ଡପରେ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏହି ଶିବିର ଜିଲ୍ଲା ବିଜୁ ଜନତା ଦଳର ସଭାପତି ସରୋଜ କର୍ଣ୍ଣଙ୍କ ପରିଚାଳନାରେ ଆୟୋଜିତ ହୋଇଥିଲା । ଏଥିରେ କନ୍ଧମାଳ ଜିଲ୍ଲା ପରିଷଦର ଉପାଧ୍ୟକ୍ଷା ସାରତୀ ମଲ୍ଲିକ,ଜିଲ୍ଲା ବିଜେଡି ଯୁବ ସଭାପତି ବିଷ୍ଣୁଚରଣ ମଲ୍ଲିକ,ଫିରିଙ୍ଗିଆ ବ୍ଲକ ଅଧ୍ୟକ୍ଷ ଲାଲନନ୍ଦ ପ୍ରଧାନ,ଜିଲ୍ଲା ପରିଷଦ ସଦସ୍ୟା ଜୟଶ୍ରୀ କହଁର,ସମିତି ସଭ୍ୟ ପ୍ରତାପ କୁମାର ସାହୁ,ବିଜୁ ଜନତା ଦଳ ଫିରିଙ୍ଗିଆ ସଭାପତି ପ୍ରଦୀପ କୁମାର ବେହେରାଙ୍କ ସମେତ ଅନ୍ୟ ବିଜୁ ଜନତା ଦଳର କର୍ମୀମାନେ ଉପସ୍ଥିତ ରହି ରକ୍ତ ଦାନ କରିଥିଲେ ।




# ହୀଦ ବାଜି ରାଉତଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ଦାବିରେ ମହିଳା ଶିଶୁ ବିଭାଗ ମନ୍ତ୍ରୀଙ୍କୁ ସମାଜବାଦୀ ପାର୍ଟିର ପତ୍ର

ଭୁବନେଶ୍ୱର, (ପିଏନ)– ସ୍ୱାଧୀନତା ସଂଗ୍ରାମର ସର୍ବକନିଷ୍ଠ ଶହୀଦ ବାଜି ରାଉତ (୫ ଅକ୍ଟୋବର ୧୯୨୬ – ୧୧ ଅକ୍ଟୋବର ୧୯୩୮)ଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରିବା, ଜାତୀୟ ସ୍ତରରେ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା ଓ ରାଜଧାନୀରେ ବାଜି ରାଉତଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଦାବିକରି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଦେଶର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ସ୍ମୃତି ଇରାନୀଙ୍କ ପାଖକୁ ଆଜି ବାଜି ରାଉତଙ୍କ ୮୨ତମ ଶହୀଦ ଦିବସ ଉପଲକ୍ଷେ ଏକ ପତ୍ର ଲେଖାଯାଇଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ଲିଖିତ ଏହି ପତ୍ରର ଏକକିତା ନକଲ ଦେଶର ପ୍ରଧାନମନ୍ତ୍ରୀ, କେନ୍ଦ୍ର ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ ପ୍ରଧାନ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ୍ୟ ପ୍ରଦାନ କରାଯାଇ ଏ ଦିଗରେ ବିହିତ ପଦକ୍ଷେପ ନେବାପାଇଁ ଅନୁରୋଧ କରାଯାଇଛି । ଏହି ପତ୍ରରେ ଶ୍ରୀ ବେହେରା ଦର୍ଶାଇଛନ୍ତି ଯେ, ୧୨ ବର୍ଷର ବାଳକ ବାଜି ରାଉତଙ୍କର ତ୍ୟାଗ ଅତୁଳନୀୟ । ଜାତୀୟ ଇତିହାସ ପୃଷ୍ଠାରେ ତାଙ୍କ ତ୍ୟାଗ ପାଇଁ ଯେଉଁ ସ୍ଥାନ ମିଳିବା କଥା, ତାହା ମିଳିପାରିନାହିଁ । ଦେଶର ସ୍ୱାଧୀନତା ସଂଗ୍ରାମରେ ସେ ଥିଲେ ସର୍ବକନିଷ୍ଠ ଶହୀଦ । ଆଜିର ପିଢ଼ୀ ତାଙ୍କ ଜୀବନୀରୁ ଅନେକ କିଛି ଶିଖିପାରିବ । ଆଜିର ଶିଶୁମାନଙ୍କ ଭିତରେ ବାଜି ରାଉତଙ୍କ ତ୍ୟାଗ ଓ ସାହାସର ବ୍ୟାପକ ପ୍ରଚାର ଓ ପ୍ରସାରର ଆବଶ୍ୟକତା ରହିଛି । ତେଣୁ ଏହାକୁ ଆଖି ଆଗରେ ରଖି ଶହୀଦ ବାଜି ରାଉତଙ୍କ ନାମରେ ଜାତୀୟ ସ୍ତରରେ ଏକ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରାଯାଉ ଏବଂ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା କରାଯାଇ ତାଙ୍କ ପ୍ରତିମୂର୍ତ୍ତିକୁ ସେଠାରେ ସ୍ଥାନିତ କରାଯିବାକୁ ଶ୍ରୀ ବେହେରା ଦାବି କରିଛନ୍ତି । ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ଏ ଦିଗରେ ରାଜ୍ୟ ସରକାର ବିହିତ ପଦକ୍ଷେପ ନେବାପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଇ–ମେଲ୍ ଯୋଗେ ଏକ ପତ୍ର ପ୍ରଦାନ କରି ଅନୁରୋଧ କରିଛନ୍ତି ।

### ଚୋରା ମଦ ବିକ୍ରି ବନ୍ଦ କରିବାକୁ ଯାଇଥିବା ମହିଳା ପୁଲିସଙ୍କୁ ଆକ୍ରମଣ

# ଜଣେ ଗିରଫ, ଅନ୍ୟମାନେ ଫେରାର

ବାରିପଦା,(ପିଏନ)– ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ତଥା ବିଶୋଇ ଥାନା ନିକଟ ଶନିବାର ସାପ୍ତାହିକ ହାଟରେ କେତେକ ମହିଳା ସବୁ ଦିନ ବସି ହାଣ୍ଡିଆ ସହ ମହୁଲି ମଦ ବିକ୍ରି କରିଥାନ୍ତି । କେବଳ ହାଟ ବାରି ଦିନ ହାଣ୍ଡିଆ ଓ ମଦ ପିଇବା ନିମନ୍ତେ ସେମାନଙ୍କ ନିକଟରେ ବେଶ ଗହଳି ଜମି ଥାଏ । ଏହି ହାଣ୍ଡିଆ ଓ ଦେଶୀ ମହୁଲି ମଦ ବିକ୍ରିକୁ ବନ୍ଦ କରିବା ନିମନ୍ତେ ବିଶୋଇ ଥାନା ମହିଳା ପୁଲିସ କର୍ମଚାରୀ ମଞ୍ଜୁଲତା ସାହୁ ହାଣ୍ଡିଆ ଓ ମଦ ବିକ୍ରି କରୁଥିବା ମହିଳାମାନଙ୍କୁ ତାଗିଦ କରିଥିଲେ । କିନ୍ତୁ ପୁଲିସର ସତର୍କବାଣିକୁ ମହିଳାମାନେ ନ ମାନି ସେମାନଙ୍କର ବ୍ୟବସାୟ ଜାରି ରଖିଥିଲେ । ଖବରପାଇ ବିଶୋଇ ଥାନା ମହିଳା ପୁଲିସ ପହଁଚି ହାଣ୍ଡିଆ ଓ ମଦ ବିକ୍ରିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ପରେ ଉଭୟଙ୍କ ମଧ୍ୟରେ ପ୍ରଥମେ କଥାକଟାକଟି ଓ ପରେ ହାତାହାତି ଆରମ୍ଭ ହୋଇଯାଇଥିଲା । ଦୁଇ ଜଣ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀ ଯାଇଥିବା ମହିଳା ପୁଲିସ କର୍ମଚାରୀମାନଙ୍କୁ ମିଳିତ ଭାବେ ଆକ୍ରମଣ କରିଥିଲେ । ଏହାପରେ ମହିଳା ପୁଲିସ କର୍ମଚାରୀ ମଧ୍ୟ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀମାନଙ୍କୁ ଆକ୍ରମଣ କରୁଥିବାର ଏକ ଭିଡ଼ିଓ ମଧ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା । ଏହାପରେ ମହିଳା ପୁଲିସ କର୍ମଚାରୀ ସ୍ଥାନୀୟ କାଣ୍ଡରା ଗ୍ରାମର କାପୁରା ମାର୍ଣ୍ଡିଙ୍କୁ ଧରି ଥାନାକୁ ନେଇ ଯାଇଥିଲେ ଏବଂ ଥାନାରେ ୯୯/୨୦୨୦ରେ ଏକ ମାମଲା ରୁଜୁ କରି ବେଆଇନ ଭାବେ ଚୋରା ମଦ ବିକ୍ରି କରିବା ଓ ପୁଲିସ କର୍ମଚାରୀଙ୍କୁ ଆକ୍ରମଣ କରିବା ଭିଯୋଗରେ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛି । ପୁଲିସ ପକ୍ଷରୁ ତାକୁ ଧରିବା ନିମନ୍ତେ ତଲାସୀ ଜାରି ଥିବାର ଜଣାପଡ଼ିଛି ।

# ଜୀବନ କୌଶଳ ସମ୍ବନ୍ଧିତ ସ୍ୱତନ୍ତ୍ର ପ୍ୟାକେଜ ଅଦ୍ୱିକା ର ଲୋକାର୍ପଣ

ଭୁବନେଶ୍ୱର, (ପିଏନ)– ଆନ୍ତର୍ଜାତୀୟ ବାଳିକା ଦିବସ ଅବସରରେ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ଆଜି ପୂର୍ବାହ୍ନରେ ଆୟୋଜିତ ରାଜ୍ୟସ୍ତରୀୟ ୱେବିନାରରେ ରାଜ୍ୟର କିଶୋରୀମାନଙ୍କ ନିମନ୍ତେ ଜୀବନ କୌଶଳ ସମ୍ବନ୍ଧିତ ସ୍ୱତନ୍ତ୍ର ପ୍ୟାକେଜ ଅଦ୍ୱିକା ର ଲୋକାର୍ପଣ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି ମୋ ସ୍ୱର, ଆମର ସମାନ ଭବିଷ୍ୟତ । ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁଙ୍କ ଦ୍ୱାରା ଏହି ପ୍ୟାକେଜ ଲୋକାର୍ପିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରାଜ୍ୟର ୧୦ରୁ ୧୯ ବର୍ଷ ବୟସର କିଶୋରୀମାନଙ୍କ ସାମଗ୍ରିକ ବିକାଶ ଏବଂ ସଶକ୍ତିକରଣ ପାଇଁ ଉଦ୍ଦିଷ୍ଟ ଏବଂ ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଜରିଆରେ ଏହା କାର୍ଯ୍ୟକାରୀ କରାଯିବ ।

ଏହି ୱେବିନାରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ଶ୍ରୀମତୀ ସାହୁ କହିଲେ, ଅଦ୍ୱିକାର ଅର୍ଥ ଅଦ୍ୱିତୀୟ କରି ଗଢ଼ି ତୋଳିବାରେ ଏହା ଏକ ଅଭିନବ ପ୍ରୟାସ । ନିଜ ସମସ୍ୟାକୁ ବୁଝିପାରିଲେ ନିଜ ଅଧିକାର ପାଇଁ ସେମାନେ ଲଢ଼ି ଶିଖିବେ ଏବଂ ସମାଜରେ ଦୃଢ଼ ଭାବେ ଠିଆ ହୋଇପାରିବେ । ପ୍ରତ୍ୟେକ ଝିଅଙ୍କ ସୁରକ୍ଷିତ, ସୁଖପୂର୍ଣ୍ଣ ଉଜ୍ଜଳ ଭବିଷ୍ରତ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ମନ୍ତ୍ରୀ ଶ୍ରୀମତୀ ସାହୁ କହିଥିଲେ ।

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Sunday May 12, 2024 ଭୁବନେଶ୍ୱର ରବିବାର, ମଇ ୧୨,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## କପିଳ ମୁନି ଆଶ୍ରମରେ ନୂତନ ଶନି ମନ୍ଦିର ବିଗ୍ରହ ପ୍ରତିଷ୍ଠା





ପାରାଦୀପ,(ପି.ଏନ): ହିନ୍ଦୁ ଶାସ୍ତ୍ର ଅନୁଯାୟୀ ଗ୍ରହଙ୍କ ଭିତରେ ସର୍ବଶ୍ରେଷ୍ଠ ଗ୍ରହରାଜ ହେଉଛନ୍ତି ଶନିଶ୍ଚର କ୍ଷ ପାରାଦୀପ ଅଞ୍ଚଳ ରେ ଗ୍ରହରାଜ ଶନିଶ୍ଚରଙ୍କ ମନ୍ଦିର ନ ଥିବା କାରଣରୁ ଅନେକ ଦିନ ହେବ ପାରାଦୀପରେ ଗ୍ରହରାଜଙ୍କ ମନ୍ଦିର ପ୍ରତିଷ୍ଠା ନିମନ୍ତେ ଚାଲିଥିବା ପ୍ରୟାସର ପୂର୍ଣ୍ଣଛେଦ ପଡିଛି । ପାରାଦୀପ ମଧୁବନ ଠାରେ ରହିଥିବା କପିଳମୁନି ଆଶ୍ରମ ପରିସରରେ ଗ୍ରହରାଜ ଶନିଶ୍ଚରଙ୍କ ମନ୍ଦିର ସ୍ଥାପନ ସହିତ ବିଶାଳ କଳସ ଶୋଭାଯାତ୍ରା ପାରାଦୀପ ପରିକ୍ରମା କରିଛି । ପାରାଦୀପ ଗଡରେ ଗ୍ରହରାଜ ଶନିଶ୍ଚରଙ୍କ ମନ୍ଦିର ଥିବାବେଳେ ପାରାଦୀପ ର ଶ୍ରଦ୍ଧାଳୁ ପ୍ରଭୁଙ୍କ ଦର୍ଶନ କରିବାକୁ ଅନେକ ବ୍ୟାକୁଳ ହେଉଥିଲେ । ଏଥିରେ ପୂର୍ଣ୍ଣଛେଦ ପଡିବା ସହିତ ପାରାଦୀପ ମଧୁବନ ଠାରେ ଗ୍ରହରାଜ ଶନିଶ୍ଚରଙ୍କ ମନ୍ଦିର ପ୍ରତିଷ୍ଠା ପରେ ଶ୍ରଦ୍ଧାଳୁଙ୍କ ମହଲରେ ଏକ ଆନନ୍ଦର ଲହରୀ ଖେଳିଯାଇଛି । ସକାଳ ଠାରୁ ଶତାଧିକ ସଂଖ୍ୟାରେ ଶ୍ରଦ୍ଧାଳୁ ମାନେ ଉତ୍ସାହର ସହ କଳସ ଶୋଭାଯାତ୍ରା ରେ ଭଗନେବା ସହିତ ପାରାଦୀପ ରେ ଗ୍ରହରାଜ ଶନିଶ୍ଚରଙ୍କ ମନ୍ଦିର ନିକଟରେ ରୁଣ୍ଡ ହୋଇ ନିଜ ନିଜର ମାନସିକ ରଖିଛନ୍ତି । ତିନିଦିନ ବ୍ୟାପି ଏହି ଉତ୍ସବ ସଫଳତାର ସହ ଶନିବାର ଦିନ ଉଦଯାପିତ ହୋଇଯାଇଛି । ଏହି ଅବସରରେ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ଉପସ୍ଥିତ ରହି ଗ୍ରହରାଜଙ୍କ ଦର୍ଶନ ସମେତ ପ୍ରସାଦ ସେବନ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମ କୁ ବାବା ବୈକୁଣ୍ଠ ବିହାରୀ ଦାସ,କପିଳ ମୁନି ସେବା ଟ୍ରଷ୍ଟ ର ପରିଚାଳନା ଟ୍ରଷ୍ଟି ବିଜୟ କୁମାର ନାୟକ, ରାଜେନ୍ଦ୍ର କୁମାର ପରିଡା, ରମଣ ଦାଶ, ସୂର୍ଯ୍ୟକାନ୍ତ ସାହୁ ଙ୍କ ସମେତ ଟ୍ରଷ୍ଟ ର ସମସ୍ତ ସଦସ୍ୟ ଓ ସଦସ୍ୟା ଏଥିରେ ସକ୍ରିୟ ସହଯୋଗ କରିଥିଲେ ।

## ଶନିଶ୍ଚର ମନ୍ଦିରରେ ଜଳାଭିଷେକ କଲେ ମହିଳା



ଜେନାପୁର,(ପି.ଏନ୍) : ପୁରାଣ ବର୍ଣ୍ଣିତ ଗ୍ରହରାଜ ଶନିଦେବଙ୍କର ଆଜି ଶନିଓଷା । ଧର୍ମଶାଳା ବିଭିନ୍ନ ଅଞ୍ଚଳ ପରି ଦଇପୁର ଗ୍ରାମରେ ଶନିଶ୍ଚର ମନ୍ଦିରରେ ମହିଳାମାନେ ଜଳାଭିଷେକ କରିଥିଲେ । ଆଜି ପ୍ରାତ ସମୟରୁ ମନ୍ଦିରକୁ ଜଳ ଦ୍ୱାରା ସଫେଇ କରି ଯାଥା ରୀତିନୀତି ଅନୁସାରେ ପୂଜା ଅର୍ଚ୍ଚନା କରାଯିବା ସହ ହୋମ ଯଜ୍ଞ କରାଯାଇଥିଲା । ଏହି ପୂଜାରେ ପୂଜକ ପ୍ରିୟନାଥ ପଣ୍ଡା ଉପସ୍ଥିତ ରହି ଭକ୍ତମାନଙ୍କ ଭୋଗ ଠାକୁରଙ୍କ ପାଖରେ ପାଣି ଛଡାଇ ଅର୍ପଣ କରିଥିଲେ । ଶନିଦେବଙ୍କ ନିକଟରେ ଜଳାଭିଷେକ ସହ ଦର୍ଶନ ପାଇଁ ଗ୍ରାମର ମହିଳାମାନେ ରୁଣ୍ଡିଭୂତ ହୋଇଥିଲେ । ଭକ୍ତମାନେ ସ୍ଥାନୀୟ ପାଖରେ ଥିବା କୂଅରୁ ଜଳ ଆଣି ଜଳାଭିଷେକ କରିଛନ୍ତି । ଆଜିର ଦିନରେ ଶନିଦେବଙ୍କ ନିକଟରେ ଅଭିଷେକ କଲେ ମନୋସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ଭକ୍ତମାନଙ୍କର ରହିଛି । ଗ୍ରହରାଜ ସମସ୍ତଙ୍କ ଗ୍ରହଇଷ୍ଟ ଖଣ୍ଡନ କରନ୍ତି ବୋଲି ପ୍ରମାଣ ରହିଆସିଛି । ପୂଜାରେ ଗ୍ରାମର ଶତାଧିକ ମହିଳାମାନେ ଆସି ପୂଜା ଅର୍ଚ୍ଚନା କରି ସାରି ଗୃହକୁ ଫେରିଯାଇଥିଲେ ।

## କଣିହାଁ ରେ ବିଜେପିର ପ୍ରଚାର ପାଇଁ ରାଜସ୍ଥାନର ସଂସଦୀୟ ବ୍ୟାପାର ମନ୍ତ୍ରୀ ଯୁଗରାମ ପଟେଲ



କଣିହାଁ/ତାଳଚେର:(ପି.ଏନ): ତାଳଚେର ନିର୍ବାଚନ ମଣ୍ଡଳୀ ରେ ବିଜେପିର ପ୍ରଚାର ଯୋରଦାର ଚାଲୁ ରହିଛି ।ସମସ୍ତ ଛଅ ଟି ମଣ୍ଡଳ ରେ କାର୍ଯ୍ୟକର୍ତ୍ତା ମାନେ ଘର କୁ ଘର ଯାଇ ବିଜେପି ଢେଙ୍କାନାଳ ଲୋକସଭା ସାଂସଦ ପ୍ରାର୍ଥୀ ରୁଦ୍ର ନାରାୟଣ ପାଣି ଓ ବିଧାୟକ ପ୍ରାର୍ଥୀ କାଳନ୍ଦି ସାମଲ ଙ୍କ ପାଇଁ ପ୍ରଚାର କରୁଛନ୍ତି ।ଆଜି ଶନିବାର ତାଳଚେର ନିର୍ବାଚନ ମଣ୍ଡଳୀ କଣିହାଁ ମଣ୍ଡଳ ରେ ବିଜେପି ର ବରିଷ୍ଠ ନେତା ରାଜସ୍ଥାନ ର ଆଇନ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଯୁଗରାମ ପଟେଲ ଯୋଗ ଦେଇଥିଲେ ।ସାରା ଓଡିଶା ଏବେ ମୋଦିମୟ ,ବିକଶିତ ଭାରତ ,ବିକଶିତ ଓଡିଶା ,ବିକଶିତ ତାଳଚେର ପାଇଁ ବିଜେପି କୁ ଭୋଟ ଦେଇ ଡବଲ ଇଞ୍ଜିନ ସରକାର କରିବା ସହ ଏ ଅଂଚଳରେ ବିଜେପି ର ସାଂସଦ ପ୍ରାର୍ଥୀ ରୁଦ୍ର ନାରାୟଣ ପାଣି ଏବଂ ବିଧାୟକ ପ୍ରାର୍ଥୀ କାଳନ୍ଦି ସାମଲ ଙ୍କୁ ବିପୁଳ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ ।କଣିହାଁ ମଣ୍ଡଳ ର ବିଭିନ୍ନ ପଂଚାୟତ କୁ ଗସ୍ତ କରି ସମୀକ୍ଷା ବୈଠକ ରେ କାର୍ଯ୍ୟକର୍ତ୍ତା ଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ । ବିଜେପି ବିଧାୟକ ପ୍ରାର୍ଥୀ କାଳନ୍ଦି ସାମଲ ଉପସ୍ଥିତ ଥିଲେ ।ଆଜିର କାର୍ଯ୍ୟକ୍ରମରେ ବିଜେପି ଢେଙ୍କାନାଳ ପାର୍ଲାମେଣ୍ଟ ବିସ୍ତାରକ ପ୍ରଦୀପ ବିଶ୍ୱାଳ, ଢେଙ୍କାନାଳ ପାର୍ଲାମେଣ୍ଟ ମିଡିଆସେଲ ସଂଯୋଜକ ପର୍ଶୁରାମ ବାରିକ, ଜିଲ୍ଲା ସମ୍ପାଦକ ସମୋନାଥ ରାଉତ,ମଣ୍ଡଳ ସଭାପତି ଦେବେନ୍ଦ୍ର ବାରିକ,ବରିଷ୍ଠ ନେତା ଲୋକନାଥ ସାହୁ ,ଅଭିନ ସାହୁ, ଅଭୟ ସାହୁ ଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ନିର୍ବାଚନୀ ଋତୁରେ କେବଳ ମୁଠାଏ ଆଲମଣ୍ଡ ସକ୍ରିୟ ଏବଂ କର୍ମତତ୍ପର ରଖିପାରିବ

ଭୁବନେଶ୍ୱର,(ପି.ଏନ): ଭାରତରେ ଆଗେଇ ଚାଲିଥିବା ସାଧାରଣ ନିର୍ବାଚନ ପର୍ବ, ଯାହା ଅପ୍ରେଲ ୧୯ରୁ ଆରମ୍ଭ ହୋଇଛି ଏବଂ ଜୁନ ୧ ପର୍ଯ୍ୟନ୍ତ ଚାଲିବ ଏହାରି ଭିତରେ ରାଜନୈତିକ ଦଳର ସମସ୍ତ କର୍ମକର୍ତ୍ତା ପଦାକୁ ବାହାରିଛନ୍ତି । ଏହି ଧକାଧକି ମଧ୍ୟରେ ଆଲମଣ୍ଡ ଏକ ପ୍ରମୁଖ ଉତ୍ସ ତଥା ସବୁ ପୋଷଣଗୁଡ଼ିକୁ ଧରି ରଖିବାରେ ନିଜକୁ ଆଗକୁ ଆଣିପାରିଛି ଯାହାକି ସେହି କାର୍ଯ୍ୟକର୍ତ୍ତା ମାନଙ୍କୁ ସାରା ଦିନ ସ୍ଫୁର୍ତ୍ତି, ଚଳଚଞ୍ଚଳତା ଏବଂ କର୍ମତତ୍ପରତା ବୃଦ୍ଧି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ହାତମୁଠାଏ ଆଲମଣ୍ଡ ଅତି ସହଜ ଭାବରେ ଧରା ଯାଇ ଏହାକୁ ଏସବୁ କାର୍ଯ୍ୟକ୍ରମରେ ଯିବା ସମୟରେ ସହଜରେ ଖାଇ ହୋଇଥାଏ । ଏଭଳି ଏକ ନିର୍ବାଚନୀ ଧାରାର ବ୍ୟସ୍ତବହୁଳତା ମଧ୍ୟରେ ନିଜକୁ ଚଳଚଞ୍ଚଳ, କର୍ମତତ୍ପର, ସ୍ଫୁର୍ତ୍ତି ସର୍ବୋପରି ନିରୋଗ ରଖିବା ପାଇଁ ଆଲମଣ୍ଡ ଭଳି ଗୋଟିଏ ଅବିଶ୍ୱସନୀୟ ସୁବିଧାଜନକ ପୌଷ୍ଟିକ ସମାଧାନକାରୀ ତତ୍ତ୍ୱ ଉପରେ ନିଶ୍ଚିତ ଭାବରେ ଭରସା ରଖିବା ଏକାନ୍ତ ଆବଶ୍ୟକ । ଏଥିରେ ନିଜ ମତ ପ୍ରକାଶ କରି ରିତିକା ସମାଦ୍ଦାର, ଆଞ୍ଚଳିକ ମୁଖ୍ୟ ଡ଼ାଇଟେଟିକ୍ସ ମ୍ୟାକ୍ସ ହେଲ୍ଥକେୟାର, ନୂଆଦିଲ୍ଲୀ କହିଛନ୍ତି," ଏହି ନିର୍ବାଚନୀ ବ୍ୟସ୍ତବହୁଳ ସଂଘର୍ଷପୂର୍ଣ୍ଣ ସମୟ ମଧ୍ୟରେ ଉଚ୍ଚଶକ୍ତି ତଥା କର୍ମତତ୍ପରତା ପରିଚାଳନା କରିବା ସବୁଠାରୁ ପ୍ରାଥମିକ କାର୍ଯ୍ୟ ହୋଇପାରିଛି । ଅନୁକୂଳତମ ପ୍ରାକୃତିକ ଏବଂ ଶରୀର ପୋଷଣକାରୀ ଶକ୍ତି ସ୍ତର ତଥା ଶରୀରକୁ ମୋଟାମୋଟି ଭାବରେ ନିରୋଗତା ପ୍ରଦାନ କରିବା ପାଇଁ ଆଲମଣ୍ଡରେ ଭରି ରହିଛି ଭିଟାମିନ୍ ଇ, ପ୍ରୋଟିନ୍ ତଥା ମାଗ୍ନେସିୟମ ଭଳି ୧୫ଟି ଅତ୍ୟାବଶ୍ୟକୀୟ ପୌଷ୍ଟିକତାର ବିଶେଷ ଗୁଣ ।"

## ଆଲମ ଉପହାର ସହିତ ଏକ ସ୍ୱାସ୍ଥ୍ୟକର ଉପାୟରେ ପାଳନ୍ତୁ ମାତୃ ଦିବସ

ଭୁବନେଶ୍ୱର,(ପି.ଏନ): ଏହି ମାତୃ ଦିବସରେ ମାଙ୍କର ସ୍ୱାସ୍ଥ୍ୟ ଏବଂ କଲ୍ୟାଣକୁ ପ୍ରାଥମିକତା ଦେଇ ଆଲମରେ ସଜ୍ଜିତ ଏକ ବାକ୍ସ ଉପହାର ଦେବା ଏକ ବିଚାରବନ୍ତ ଉପାୟ ହେବ । ସାମଗ୍ରିକ ସୁସ୍ଥତାକୁ ପ୍ରୋତ୍ସାହିତ କରୁଥିବା କିଛି ଅତ୍ୟାବଶ୍ୟକ ପୋଷକତତ୍ତ୍ୱରେ ଭରପୁର ହୋଇଥିବା ଆଲମ ମାତୃ ଦିବସ ପାଇଁ ଏକ ଆଦର୍ଶ ଉପହାର ବିକଳ୍ପ ଅଟେ । ଅନ୍ୟାନ୍ୟ ତତ୍ତ୍ୱ ସହିତ ପ୍ରୋଟିନ, ଜିଙ୍କ, ମ୍ୟାଗ୍ନେସିୟମ, ଲୌହ, କ୍ୟାଲସିୟମ, ଫସଫରସ ଏବଂ ଭିଟାମିନ-ଇ ଆଲମରେ ରହିଛି । ଏକ ଉତମ ସନ୍ତୁଳିତ ଆହାରର ଅଂଶ ଭାବରେ ଦୈନିକ ମୁଠାଏ ଆଲମ ଖାଇବା ଦ୍ୱାରା ରକ୍ତଶର୍କରା ସ୍ତରର ଉନ୍ନତ ନିୟନ୍ତ୍ରଣ, ହୃଦରୋଗକୁ ପ୍ରୋତ୍ସାହନ, ଚର୍ମସ୍ୱାସ୍ଥ୍ୟକୁ ସମର୍ଥନ ଏବଂ ଓଜନ ନିୟନ୍ତ୍ରଣରେ ସାହାଯ୍ୟ ହେବା ସହିତ ଅନେକ ସ୍ୱାସ୍ଥ୍ୟ ଉପକାର ମିଳିପାରେ । ତେଣୁ ଆପଣଙ୍କ ମାଙ୍କର କଲ୍ୟାଣରେ ମଧ ଯୋଗଦାନ କରୁଥିବା ଆଲମର ଏକ ବାକ୍ସ ଉପହାର ଦେଇ ଏହିମାତୃ ଦିବସରେ ଆପଣଙ୍କ ମାଙ୍କ ପ୍ରତି ପ୍ରେମ ଏବଂ ଯତ୍ନ ଦେଖାଇବା ପାଇଁ ଏକ ବିଚାରବନ୍ତ ଉପାୟ ହୋଇପାରିବ । ବଲିଉଡ ଅଭିନେତ୍ରୀ ଏବଂ ସେଲିବ୍ରିଟି ସୋହା ଅଲି ଖାନ କହିଛନ୍ତି, "ମୋ ପରିବାରରେ ପିଢି ପରେ ପିଢି ସ୍ନେହ ପ୍ରଦର୍ଶନ ପାଇଁ ଆଲମ ଏକ ପରମ୍ପରା ହୋଇଆସିଛି, ମୋ ମା'ଙ୍କ ବୁଦ୍ଧିମତାକୁ ଧନ୍ୟବାଦ । ଏହାକୁ ମୋ ପରିବାର ଆହାରର ଏକ ସ୍ଥିର ଅଂଶ ଭାବରେ ମଧ ମୁଁ ନିଶ୍ଚିତ କରିଥାଏ । ଏହି ମାତୃ ଦିବସରେ ମାମାନଙ୍କୁ ଆଲମ ଉପହାର ଦେବା ଏକ ଉପଯୁକ୍ତ ବିକଳ୍ପ ବୋଲି ମୁଁ ବିଶ୍ୱାସ କରେ । ଫିଟନେସ ଏବଂ ସେଲିବ୍ରିଟି ପ୍ରଶିକ୍ଷକ ୟସ୍ମିନ କରାଚିୱାଲା କହିଛନ୍ତି, "କପର, ଜିଙ୍କ, ଫୋଲେଟ, ଲୌହ, ଭିଟାମିନ ଇ, ମ୍ୟାଗ୍ନେସିୟମ, ଏବଂ ଫସଫରସ ଭଳି ୧୫ଟି ଜରୁରୀ ପୋଷକତତ୍ତ୍ୱରେ ଭରପୂର ହୋଇଥିବା ଆଲମ ବିଭିନ୍ନ ସ୍ୱାସ୍ଥ୍ୟଲାଭ ପ୍ରଦାନ କରିଥାଏ । ଏଥିସହ ମାଂସପେଶୀ ବୃଦ୍ଧି ଏବଂ ରକ୍ଷଣାବେକ୍ଷଣ ପାଇଁ ଗୁରୁତ୍ୱପୂର୍ଣ୍ଣ ପୋଷକତତ୍ତ୍ୱ ପ୍ରୋଟିନର ଏହା ଏକ ସମୃଦ୍ଧ ଉତ୍ସ । ସେଥିପାଇଁ ସ୍ୱାସ୍ଥ୍ୟ ଏବଂ ଯତ୍ନର ପ୍ରତୀକ ଆଲମ ନିଶ୍ଚିତ ଭାବରେ ମାତୃ ଦିବସ ପାଇଁ ଏକ ସୁଚିନ୍ତିତ ଉପହାର ବୋଲି ମୁଁ ହୃଦବୋଧ କରୁଛି । ମ୍ୟାକ୍ସ ହେଲଥକେୟାର, ନୂଆଦିଲ୍ଲୀ, ଡାଏଟେଟିକ୍ସର ଆଂଚଳିକ ମୁଖ୍ୟ ରିତିକା ସମାର ମଧ ଏହିମାତୃ ଦିବସରେ ଦେବା ପାଇଁ ଆଲମ ଏକ ବଡ ଉପହାର ବୋଲି ବିଶ୍ୱାସ କରନ୍ତି ।

## ଲୋଚାପଡା ପଞ୍ଚାୟତରେ ବିକ୍ରମ ପଣ୍ଡାଙ୍କ ନିର୍ବାଚନୀ ପ୍ରଚାର



କୁକୁଡ଼ାଖଣ୍ଡି (ଇପିଲି ପୂର୍ଣ୍ଣଚନ୍ଦ୍ର),(ପି.ଏନ): ଗଞ୍ଜାମ ଜିଲ୍ଲାର ଚର୍ଚ୍ଚିତ ଗୋପାଳପୁର ନିର୍ବାଚନ ମଣ୍ଡଳୀର କୁକୁଡାଖଣ୍ଡି ବ୍ଲକରେ ବିଜେଡ଼ି ବିଧାୟକ ପ୍ରାର୍ଥୀ ତଥା ବ୍ରହ୍ମପୁର ବିଧାୟକ ଶ୍ରୀ ବିକ୍ରମ କୁମାର ପଣ୍ଡାଙ୍କ ନେତୃତ୍ୱରେ ବୁଥ ସ୍ତରୀୟ କର୍ମୀ ସମ୍ମିଳନୀ ସହ ନିର୍ବାଚନୀ ବନ୍ଧୁ ମିଳନ ଆୟୋଜିତ ହୋଇଯାଉଛି । ନିମଖଣ୍ଡି ଗ୍ରାମ ପଞ୍ଚାୟତରେ ଆୟୋଜିତ ଏହି କର୍ମୀ ସମ୍ମିଳନୀରେ ବିଜେଡିର ବ୍ଲକ୍ ସ୍ତରୀୟ ଜନପ୍ରତିନିଧି , କର୍ମୀ ସଂଗଠକ ପ୍ରମୁଖ ଯୋଗଦେଇଥିଲେ । ନିର୍ବାଚନୀ ସଭାରେ ଉପସ୍ଥିତ ଜନସାଧାରଣଙ୍କୁ ବିଧାୟକ ପ୍ରାର୍ଥୀ ଭୋଟ ଭିକ୍ଷା କରିବା ସହ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରଣୋଦିତ ସମସ୍ତ ଜନ କଲ୍ୟାଣକାରୀ ଯୋଜନାକୁ ଭୋଟରଙ୍କ ନିକଟରେ ପହଞ୍ଚାଇ ସେଗୁଡ଼ିକର ଲାଭ ଉଠାଇବା ପାଇଁ ପ୍ରବର୍ତ୍ତାଇଥିଲେ ।ଏବଂ ଆଗାମୀ ସଧାରଣ ନିର୍ବାଚନରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ପାଇଁ "ଶଙ୍ଖ ଚିହ୍ନରେ ଦୁଇ ଥର ସୁଇଚ୍ ଟିପି.." ବ୍ରହ୍ମପୁର ଲୋକସଭା ତଥା ଗୋପାଳପୁର ନିର୍ବାଚନ ମଣ୍ଡଳୀ ବିଜେଡି ବିଧାନସଭା ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ଜୟଯୁକ୍ତ କରିବାକୁ ଆଶାବ୍ୟକ୍ତ କରିଥିଲେ । ଏହା ସହ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ କରି ଇତିହାସ ସୃଷ୍ଟି କରିବା ପାଇଁ ବିନମ୍ରତା ପୂର୍ବକ ଅନୁରୋଧ କରିଥିଲେ । ଆୟୋଜିତ ଏହି ବୁଥ ସ୍ତରୀୟ କାର୍ଯ୍ୟକ୍ରମକୁ ଗଞ୍ଜାମ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଦିଲ୍ଲୀପ ପାତ୍ର ପରିଚାଳନା କରିଥିବା ବେଳେ କୁକୁଡାଖଣ୍ଡି ବ୍ଲକ ଅଧକ୍ଷ କାମାକ୍ଷ ପ୍ରସାଦ ପାତ୍ର, ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ସିଏଚ୍ ଡିଲେଶ୍ୱର ରେଡି, ବ୍ଲକ ବିଜେଡି ସଭାପତି ସିତାରାମ ସାହୁ,ଗଞ୍ଜାମ ଜିଲ୍ଲା ସମବାୟ ସଭାପତି ତଥା ପୂର୍ବତନ ବିଡିଏ ଅଧକ୍ଷ କୈଳାସ ରଣା,ବରିଷ୍ଠ ଆଇନଜୀବୀ ତଥା ବିଜେଡି ଜିଲ୍ଲା ଉପସଭାପତି ଅସିତ ପାଣିଗ୍ରାହୀ, ରଙ୍ଗେଇଲୁଣ୍ଡା ବ୍ଲକ ଉପାଧକ୍ଷା ଅନିତା ମହାଙ୍କୁଡ, ୧୦ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଦସ୍ୟା ଭାରତୀ ନାୟକ,ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ସୁକାନ୍ତି ସାହୁ, ସରପଞ୍ଚ ଶଶୀ ବେହେରା, ମାଗତା ପାତ୍ର,ପ୍ରଦୀପ କୁମାର ମଲଣା, ଲକ୍ଷ୍ମୀପ୍ରିୟା ସାହୁ,ମିନତୀ ବେହେରା,ସମିତି ସଭ୍ୟ ସନ୍ତୋଷ କୁମାର ସାହୁ,ବିଷ୍ଣୁପ୍ରିୟା ନାୟକ, ବିଷ୍ଣୁ ବେହେରା, ଜ୍ୟୋତି ରଞ୍ଜନ ସାହୁ, ଗିରିଜା ଶଙ୍କର ତ୍ରିପାଠୀ, ରାଜେନ୍ଦ୍ର କୁମାର ପାତ୍ର, ଡି ଭଗବାନ ପାତ୍ରଙ୍କ ସମେତ ସମସ୍ତ ଦଳୀୟ ନିର୍ବାଚିତ ଜନ ପ୍ରତିନିଧି, କର୍ମୀ, ସଂଗଠକ ପ୍ରମୁଖ ବିପୁଳ ସଂଖ୍ୟାରେ ଯୋଗ ଦେଇଥିଲେ ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray